## ସଂକ୍ଷେପରେ

### ମଧ୍ୟାହ୍ନରେ ଖୋଲିଲା ସମଲେଇ ମନ୍ଦିର

**ସମ୍ବଲପୁର,୨୬।୧୨(ବ୍ୟୁରୋ):** ସମ୍ବଲପୁର ଇଷ୍ଟଦେବୀ ମା' ସମଲେଇଙ୍କ ସନ୍ଧ୍ୟା ଆଳତି ପରେ ବୁଧବାରଠାରୁ ସୂର୍ଯ୍ୟୋପରାଗ ପାଇଁ ଦର୍ଶନ ବନ୍ଦ ରହିଥିଲା। ସୂର୍ଯ୍ୟୋପରାଗ ଶେଷ ପରେ ଗୁରୁବାର ମଧ୍ୟାହ୍ନ ୧୨ଟାରେ ମନ୍ଦିର ଗେଟ ଖୋଲା ଯାଇଥିଲା। ମା'ଙ୍କ ମହାସ୍ନାନ, ନୂତନ ପରିଧାନ, ଅଳଙ୍କାର ଧାରଣ, ଅନ୍ନଭୋଗ ସହିତ ଆଳତି କରାଯାଇଥିଲା। ପରେ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ।

### ଡାକଟିକେଟ ସଂଗ୍ରାହକ ପୁରସ୍କୃତ

**ବୌଦ୍ଧ,୨୬।୧୨(ସ୍ୱ.ପ୍ର):** ବମ୍ବେଠାରେ ଆୟୋଜିତ ଜାତୀୟ ଡାକଟିକେଟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ବୌଦ୍ଧର ଡାକଟିକେଟ ସଂଗ୍ରାହକ ବିଶ୍ୱନାଥ ମିଶ୍ର ରୌପ୍ୟ ପଦକ ହାସଲ କରିଛନ୍ତି । ବମ୍ବେସ୍ଥିତ ୱାର୍ଲଡ ଟ୍ରେଡ ସେଣ୍ଟରର କଫି ପରେଡ ଠାରେ ହୋଇଥିବା ଏହି ପ୍ରଦର୍ଶନୀରେ ଦେଶର ବିଭିନ୍ନ ରାଜ୍ୟରୁ ୨୧୪ ଜଣ ଡାକଟିକେଟ ସଂଗ୍ରହକାରୀ ଅଂଶଗ୍ରହଣ କରିଥିଲେ । ବନ ବିଭାଗ କିରାଣୀ ଚାକିରୀରୁ ଅବସର ଗ୍ରହଣ କରିବା ପରେ ଡାକଟ ଟିକେଟ ସଂଗ୍ରାହକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଶ୍ୱନାଥ ଏହି ପ୍ରଦର୍ଶନୀରେ ଓଡ଼ିଶା ପକ୍ଷରୁ ଅଂଶଗ୍ରହଣ କରିବାର ସୁଯୋଗ ପାଇବା ସହ ରୌପ୍ୟ ପଦକ ହାସଲ କରିଛନ୍ତି ।

ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ

# ୟୁନିୟନ ସ୍ପୋର୍ଟିଂ ବିଜୟୀ

**ଦେବଗଡ଼,୨୬।୧୨(ଡି.ଏନ.ଏ.)**

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ବାମଣ୍ଡା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ଗ୍ରୁପ 'ବି'ର ପ୍ରଥମ ମ୍ୟାଚରେ ଗୁରୁବାର ଆୟୋଜକ ବାମଣ୍ଡା କ୍ରିକେଟ କ୍ଲବକୁ ୮ ଉଇକେଟରେ ପରାସ୍ତ କରି କଟକର ୟୁନିୟନ ସ୍ପୋର୍ଟିଂ ବିଜୟୀ ହୋଇଛି । ୟୁନିୟନ ସ୍ପୋର୍ଟିଂ ଟସ୍ ଜିଣି ବାମଣ୍ଡା କ୍ରିକେଟ କ୍ଲବକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ବାମଣ୍ଡା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ଆଶିଷ ପଟ୍ଟନାୟକଙ୍କ ୨୭ ରନ ଓ ନୀଳକଣ୍ଠ ନାୟକଙ୍କ ୨୬ ରନ ସହାୟତାରେ ୧୩୮ ରନ ସଂଗ୍ରହ କରିଥିଲା । ୟୁନିୟନ ସ୍ପୋର୍ଟିଂ ପକ୍ଷରୁ ବୋଲର ନୌତମ ଭଞ୍ଜ ସର୍ବାଧିକ ୪ ଓ ସର୍ବେଶ୍ୱର ମହାନ୍ତି ୨ ଉଇକେଟ ହାସଲ କରିଥିଲେ । ଜବାବରେ କଟକର ୟୁନିୟନ ସ୍ପୋର୍ଟିଂ ବ୍ୟାଟିଂ



ଅନୁରାଗ କାନୋଜିଆଙ୍କୁ ଅତିଥି ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ।

ଆରମ୍ଭ କରି ଅନୁରାଗ କାନୋଜିଆଙ୍କ ସର୍ବାଧିକ ୬୫ ରନ ଓ ଭେଙ୍କଟେଶ ବନ୍ଦେଙ୍କ ୪୪ରନ ସହାୟତାରେ ୧୭.୧ ଓଭରରେ ମାତ୍ର ୨ଉଇକେଟ ହରାଇ ୧୪୨କରି ୮ଉଇକେଟରେ ବିଜୟୀ ହୋଇଥିଲା । ବାମଣ୍ଡା କ୍ରିକେଟ କ୍ଲବ ପକ୍ଷରୁ ବୋଲର ସିପୁନ ଭଞ୍ଜ ଓ ମହମ୍ମଦ ଆବୁଜାର ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ । ମ୍ୟାଚକୁ ଅମ୍ପାୟାର ଭାବେ ଓଡିଶା କ୍ରିକେଟ ଅସୋସିଏଶନର ସ୍ୱିକୃତୀ ପ୍ରାପ୍ତ ଅମ୍ପାୟାର ପରାସର ବିଶ୍ୱାଳ ଓ ସତ୍ୟ ପ୍ରକାଶ ରଥ ପରିଚଳନା କରିଥିଲେ । ମନୋଜ ସେଠୀ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ରମାକାନ୍ତ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ । ମ୍ୟାଚରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା କଟକର ୟୁନିୟନ ସ୍ପୋର୍ଟିଂର ଅନୁରାଗ କାନୋଜିଆଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଉପ ସଭାପତି ଅଶୋକ ନନ୍ଦଙ୍କ ସଭାପତିତତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବ୍ୟବସାୟୀ ଜନାର୍ଦ୍ଦନ ଗୋଏଲ ଯୋଗଦେଇ ଖେଳାଳୀ କାନୋଜିଆଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଶୁକ୍ରବାର ସେରସା ରାଞ୍ଚି ଏବଂ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବର ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

## ଜନନେତା ପ୍ରସନ୍ନ ପଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ



ସମ୍ବଲପୁର ଜିଲା ଓଡ଼ିଶା ସାଂସ୍କୃତିକ ସମାଜ ଭବନ ପରିସରରେ ପ୍ରସନ୍ନ କୁମାର ପଣ୍ଡାଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ସମ୍ବଲପୁର,୨୬।୧୨(ବ୍ୟୁରୋ)**
ସମ୍ବଲପୁର ଜିଲା ଓଡ଼ିଶା ସାଂସ୍କୃତିକ ସମାଜ ଭବନ ପରିସରରେ ଜନନେତା ପ୍ରସନ୍ନ କୁମାର ପଣ୍ଡାଙ୍କ ୨୨ତମ ଶ୍ରାଦ୍ଧାବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରସନ୍ନ ପଣ୍ଡା ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡି ଓ ଟୋକନ ବ୍ୟବସ୍ଥାରେ ଚାଷୀଙ୍କ ସମସ୍ୟାର ସମାଧାନ ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସ୍ମୃତି କମିଟି ସଭାପତି ରମାବଲ୍ଲଭ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ ଯୋଗଦେଇଥିଲେ । ସମ୍ପାଦକ ଅଶୋକ କୁମାର ବିଶି ସ୍ୱାଗତ ଭାଷଣ ଦେଇଥିଲା। ମୁଖ୍ୟବକ୍ତା ପ୍ରଧାନ କହିଥିଲେ, ରାଜ୍ୟରେ ହୋଇଥିବା ଟୋକନ ଅବ୍ୟବସ୍ଥା ମଣିଷ କୃତ । ଏଥିରେ ପ୍ରଶାସନିକ ଅଧିକାରୀ, ରାଜନେତା, ମିଲର୍ସଙ୍କ ସମ୍ପୃକ୍ତି ରହିଛି। ଫଳରେ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରସନ୍ନ ଚାଷୀଙ୍କ ପାଇଁ ସର୍ବଦା ଲଢେଇ କରୁଥିଲେ। ବର୍ତ୍ତମାନ ମଧ୍ୟ ଚାଷୀ ସମାଜକୁ ସେଭଳି ଜନନେତାଙ୍କ ଆବଶ୍ୟକ ରହିଛି । ତେଣୁ ଚାଷୀ ତାଙ୍କ ଅନୁପସ୍ଥିତକୁ ଅନୁଭବ କରୁଛନ୍ତି ବୋଲି କହିଥିଲେ । ଏହି ଅବସରରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ଜିଲା କୃଷକ ସଂଗଠନ ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ଚାଷୀ ଦେବେନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହିଥିଲେ।

## ଧମା ହାଇସ୍କୁଲ: ୧୯୮୭ ବ୍ୟାଚର ବନ୍ଧୁମିଳନ

**ଧମା,୨୬।୧୨(ଡି.ଏନ.ଏ.)**

ସ୍ଥାନୀୟ ମଥୁରା ପ୍ରସାଦ ହାଇସ୍କୁଲର ୧୯୮୭ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରମାନଙ୍କ ବନ୍ଧୁମିଳନ ବୁଧବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୫ଜଣ ଛାତ୍ରୀଛାତ୍ରଙ୍କ ପରିବାର ସଦସ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ତତ୍କାଳୀନ ଗୁରୁଜନମାନଙ୍କୁ ଗୁରୁପୂଜନ କରାଯାଇଥିଲା। ଏପରି କି ଗତ ବର୍ଷର ଟପର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ ସଭାରେ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଲିଙ୍ଗରାଜ ଦାଶ, ଲାଲବାହାଦୁର ବାଗ, ବେଣୁପାଣି ବେହେରା ଓ ବୁଦ୍ଧଦେବ ସିଂ ପ୍ରମୁଖ ଯୋଗଦେଇଥିଲେ । ସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଥମେ ସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ମଥୁରା ପ୍ରସାଦ ଅଗ୍ରୱାଲ ଓ ପ୍ରଥମ ପ୍ରଧାନଶିକ୍ଷକ ସ୍ୱର୍ଗତ ଜନାର୍ଦ୍ଦନ ପାତ୍ରଙ୍କ ପ୍ରତିମୂର୍ତ୍ତିରେ



୧୯୮୭ ବ୍ୟାଚର ବନ୍ଧୁମିଳନ ଅବସରରେ ଶିକ୍ଷକଙ୍କ ଗହଣରେ ପୁରାତନ ଛାତ୍ରୀଛାତ୍ରମାନେ।

ମାଲ୍ୟାର୍ପଣ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗୁରୁପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଏପରି କି ଛାତ୍ରୀଛାତ୍ରମାନେ ନିଜ ସ୍ମୃତିଚାରଣ କରିଥିଲେ । ବୈଦୁର୍ଯ୍ୟ ବଣ୍ଡୁକୀ, ସୁଧୀର କୁମାର ପାଢ଼ୀ ସଭା ପରିଚାଳନା କରିଥିବା ବେଳେ ଦେବାଶିଷ ଓ ସଚ୍ଚିଦାନନ୍ଦ ଦନ୍ତା ଗୁରୁପୂଜନ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଉମାକାନ୍ତି, ଯଶୋଦା, ଅରୁଣିମା, ସନ୍ତୋଷିନୀ ଓ ସୁଷମା ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଦାୟିତ୍ୱ ନେଇଥିଲେ । ଏହି ଅବସରରେ ଗତବର୍ଷ ସ୍କୁଲର ଛାତ୍ରୀ ମନୀଷା ଚୌଧୁରୀ ୭୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପର ହୋଇଥିବାରୁ ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୀରେନ୍ଦ୍ର ମେଣ୍ଡଲି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

**ଦେବଗଡ଼,୨୬।୧୨(ଡି.ଏନ.ଏ.)**

ସ୍ଥାନୀୟ ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ ଦେବଗଡ ଜିଲା ବିଜେଡି ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି । ବିଜୁ ଜନତା ଦଳର ଦେବଗଡ ଜିଲା ନିର୍ବାଚନ ଅଧିକାରୀ କାମାକ୍ଷା ଗଙ୍ଗଦେବଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଦେବଗଡ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ,ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ,ଜିଲା ପରିଷଦ ସଦସ୍ୟା ନିଶାନୀ ବେହେରା, ଜିଲା କୃଷକ ବିଜେଡି ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ,ଜିଲା ଯୁବ ବିଜେଡି ସଭାପତି ଭୂପେନ୍ଦ୍ର ନାୟକ ଓ ଇଂ.ସୁଜିତ ପ୍ରଧାନ ଯୋଗଦେଇଥିଲେ । ଅତିଥିମାନେ ବିଜେଡି ସରକାରଙ୍କ ଦ୍ୱାରା କର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର



ବିଜେଡି ନେତାମାନେ ଶୋଭାଯାତ୍ରାରେ ବାହାରିଛନ୍ତି ।

ଯୋଜନା ଓ ତା'ର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ସଦସ୍ୟ ସଂଗ୍ରହ ଅଭିଯାନରେ ଦେବଗଡ ଜିଲା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ବକ୍ତାମାନେ କହିଥିଲେ । ସଭାପୂର୍ବରୁ ବିଜେଡି ନେତା ଓ କର୍ମୀମାନେ ସ୍ଥାନୀୟ ଟାଉନହଲ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ । ଏହି ଅବସରରେ ବିଜେଡି ନେତା ଓ ପ୍ରମୁଖ କର୍ମୀମାନେ ପ୍ରଧାନପାଟ ଶିଶୁ ଉଦ୍ୟାନରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ରିଆମାଳ ବ୍ଲକର ପୂର୍ବତନ ବ୍ଲକ ସଭାପତି ମିଲନ କୁମାର ପ୍ରଧାନଙ୍କ ପରିଚାଳନାରେ ସଭାସ୍ଥଳରେ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଇଂ ବିଷ୍ଣୁ ଅମାତ୍ୟ, ଶୁକଦେବ ଭଞ୍ଜ, ଲଳିତ ପ୍ରଧାନ,ଲିଙ୍ଗରାଜ ସାହୁଙ୍କ ସମେତ ବହୁ ନେତା କର୍ମୀ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

**ଟିପିଲିମା,୨୬।୧୨(ଡି.ଏନ୍.ଏ.)**
ସ୍ଥାନୀୟ ଭାରତୀ କଳା ବିକାଶ କେନ୍ଦ୍ର ବୁର୍ଲା ପରିସରରେ ମଝିପାଲିସ୍ଥିତ ବରିଷ୍ଠ ନାଗରିକ କମିଟି ଓ ଲାୟନ୍ସ କ୍ଲବ ବୁର୍ଲା ଶାଖାର ମିଳିତ ସହଯୋଗରେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ଥାନା ଅଧିକାରୀ ବିଭୂତି ଭୂଷଣ ଭୋଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ନାରାୟଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିଥି ଭାବେ ପ୍ରଫୁଲ୍ଲ ପ୍ରଧାନ, ସୁନ୍ଦରମଣୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସମ୍ପାଦକ ନିରଞ୍ଜନ ପଟ୍ଟନାୟକ ଶିବିରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡ. ଲୋଚନ ଆରୁଖ, ସୁଧୀର ପଶାଏତ, ପ୍ରମୋଦ




ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

ଦାଶ, ଚାରୁଶୀଳା ପ୍ରଧାନ, ସନ୍ଧ୍ୟାରାଣୀ ପ୍ରଧାନ, ଫଗନୁ ସେଠ, ସତ୍ୟବ୍ରତ ସାହୁ, କୈଳାସ ମିଶ୍ର, ପ୍ରଶାନ୍ତ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୩୨ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କମିଟି ସଭାପତି ଶଶିଭୂଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଆରମ୍ଭ

**ସମ୍ବଲପୁର,୨୬।୧୨(ବ୍ୟୁରୋ)**
ସମ୍ବଲପୁର ଜିଲା ଯୁଯୁମୁରା ହାଇସ୍କୁଲ ପଡ଼ିଆରେ ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଗୁରୁବାର ଆରମ୍ଭ ହୋଇଯାଇଛି। ହରିଦ୍ୱାର ଶାନ୍ତିକୁଞ୍ଜରୁ ଆସିଥିବା ପଣ୍ଡିତ ଏବଂ ଯୁଯୁମୁରା ସହରର ଗାୟତ୍ରୀ ପରିବାରର ସଦସ୍ୟ ଉପସ୍ଥିତ ରହିଥିଲେ। କଳସ ପୂଜା ପରେ ଦେବ ଆବାହନ, ପରେ ୨୪ କୁଣ୍ଡୀରେ ବ୍ରହ୍ମ ଅଗ୍ନି ସ୍ଥାପନ କରାଯାଇଥିଲା । ୨୨ ଦମ୍ପତି ଯଜ୍ଞ କୁଣ୍ଡରେ ଆହୁତି ପ୍ରଦାନ କରିଥିଲେ । ଯୁଯୁମୁରା ଅଞ୍ଚଳରେ ଗାୟତ୍ରୀ ଯଜ୍ଞର ପ୍ରଚାର କରୁଥିବା ବ୍ରଜକିଶୋର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସନ୍ଧ୍ୟାରେ ସଙ୍ଗୀତ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯଜ୍ଞରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।



ସମ୍ବଲପୁର ଜିଲା ଯୁଯୁମୁରା ହାଇସ୍କୁଲ ପଡିଆରେ ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ କରାଯାଉଛି ।

## ଫଟୋରେ ଖବର





ଗୁରୁବାର ସମ୍ବଲପୁର ଜିଲା ସଦରଡାକ୍ତରଖାନାରେ ବିଜେଡିର ପ୍ରତିଷ୍ଠା ଦିବସ ଉପଲକ୍ଷେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଓ କର୍ମକର୍ତ୍ତାମାନେ ରୋଗୀଙ୍କୁ ଫଳ ବଣ୍ଟନ କରୁଛନ୍ତି (ବାମ) । ପଶ୍ଚିମ ଓଡ଼ିଶା ମିଳିତ ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପୂର୍ବତନ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥି ଓ ସଦସ୍ୟମାନେ ।

## ଝାରସୁଗୁଡ଼ା ଭିଏସ୍ଏସ୍ ବିମାନ ବନ୍ଦର ପରାମର୍ଶଦାତା କମିଟି ଗଠିତ

**ଝାରସୁଗୁଡା ଅଫିସ୍/ ଲଖନପୁର, ୨୬/୧୨ (ଡି.ଏନ୍.ଏ.)**

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ(ଭିଏସ୍ଏସ୍) ବିମାନ ବନ୍ଦରର ଉନ୍ନତୀକରଣ ପାଇଁ ଗୁରୁବାର ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ପରାମର୍ଶଦାତା କମିଟି(ଏଏସି) ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏମ୍‌ପି ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ଜିଲାପାଳ ସରୋଜ କୁମାର ସାମଲ, ବିମାନ ବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ, ଝାରସୁଗୁଡ଼ା ପୌରାଞ୍ଚଳ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ, ସିଏସ୍ଓ ଏସ୍.ସି. ଭୋଇ, ସ୍ପାଇସ୍‌ଜେଟ୍ ଷ୍ଟେଶନ୍ ମ୍ୟାନେଜର ସୁଜିତ କୁମାର, ଟିଆର୍ଏଲ୍ କମ୍ପାନୀ ଭାଇସ୍ ପ୍ରେସିଡେଣ୍ଟ ତାରାପଦ ଦାସ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ । ବିମାନ ବନ୍ଦର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିୟମାବଳୀ ଅନୁସାରେ ଭିଏସ୍ଏସ୍ ବିମାନ ବନ୍ଦର ପରାମର୍ଶଦାତା କମିଟି ଗଠନ କରାଯାଇଛି । କମିଟି ବିମାନଯାତ୍ରୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ତଦାରଖ କରିବା ସହ ସମସ୍ୟା ସମାଧାନ ଦିଗରେ ସହାୟକ ହେବ । ଏଥିମଧ୍ୟରେ ବିମାନ ବନ୍ଦରରେ ସ୍ୱାସ୍ଥ୍ୟସେବା, ମହିଳା ପୋଲିସ୍, ଆମ୍ବୁଲାନ୍ସ, ଟ୍ରାଫିକ ପୋଲିସ, ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ବସ୍‌ସେବା, ରାସ୍ତାର ଆଲୋକୀକରଣ ଆଦି ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ବିମାନ ବନ୍ଦର ଉନ୍ନତୀକରଣକୁନେଇ କମିଟି ବର୍ଷକୁ ୨ଥର ବସିବ ବୋଲି ନିୟମ ରହିଛି।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।

-ବ୍ୟାସଦେବ



## ସଂକ୍ଷେପରେ

ରୋପ୍‌ୱେ ଉଦ୍‌ଘାଟନ ମାସେ ପୂରିଲା

### ୧୩ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ମଜାନେଲେ

**ସମ୍ବଲପୁର,୨୬।୧୨(ବ୍ୟୁରୋ):** ସମ୍ବଲପୁର ହୀରାକୁଦ ରୋପୱେ ଉଦ୍‌ଘାଟନକୁ ଇତି ମଧ୍ୟରେ ୧ ମାସ ପୂରିଛି। ୧୩ ହଜାର ୬ଶହ ପର୍ଯ୍ୟଟକ ରୋପୱେର ମଜା ନେଇଥିବା ଜଣାପଡିଛି। ବଡଦିନରେ ଅଧିକ ୯୫୫ ପର୍ଯ୍ୟଟକ ରୋପୱେର ମଜା ନେଇଛନ୍ତି। ଅନ୍ୟପକ୍ଷେ ରୋପୱେର ସମୟ ସୀମା ବୃଦ୍ଧି କରିବା ନେଇ ସାଧାରଣାରେ ଦାବି ହୋଇଛି। ପରିଚାଳନା କର୍ତ୍ତୃପକ୍ଷ ରୋପୱେର ମରାମତି କାମ ନେଇ ସପ୍ତାହର ଗୋଟିଏ ଦିନ ସୋମବାର ବନ୍ଦ ରଖୁଛନ୍ତି।

### ମହିଳାଙ୍କୁ ଦୁର୍ବ୍ୟବହାର: ଜଣେ ଗିରଫ

ସମ୍ବଲପୁର,୨୬।୧୨(ବ୍ୟୁରୋ): ମହିଳାଙ୍କୁ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ସମ୍ବଲପୁର ଜିଲା ଧନୁପାଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ମଧୁ ମୁଣ୍ଡା। ଅଭିଯୋଗ ମୁତାବକ, ଗୁରୁବାର ସନ୍ଧ୍ୟାରେ ମଧୁ ମହିଳାଙ୍କ ଘର ସମ୍ମୁଖରେ ପହଞ୍ଚିଥିଲେ। ପରେ ସେ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ। ଏନେଇ ମହିଳା ଜଣକ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ପୋଲିସ ମଧୁଙ୍କୁ ଗିରଫ କରିଥିଲା।

ଜାନୁୟାରୀ ସୁଦ୍ଧା ଉଦ୍‌ଘାଟନ ହେବ କୁଦଗୁଣ୍ଡେରପୁର ସେତୁ

# ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍କଣ୍ଠା

**ସମ୍ବଲପୁର, ୨୬।୧୨ (ବ୍ୟୁରୋ)**

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କୁଦଗୁଣ୍ଡେରପୁର ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଦାବି ଓ ଆଶା ପୂରଣ ହେବାକୁ ଯାଉଛି । ଜାନୁୟାରୀ ଶେଷ ସୁଦ୍ଧା ନିର୍ମାଣାଧୀନ କୁଦଗୁଣ୍ଡେରପୁର ସେତୁ ଉଦ୍‌ଘାଟନ ହେବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସେତୁର ନିର୍ମାଣ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେବଳ ଆପ୍ରୋଜ ରୋଡ ଓ ରଙ୍ଗ କାମ କିଛି ବାକି ରହିଛି। ଏ ନେଇ କୁଦଗୁଣ୍ଡେରପୁର ପଞ୍ଚାୟତବାସୀଙ୍କ ସେତୁ ଉଦ୍‌ଘାଟନକୁ ନେଇ ଉତ୍ସାହିତ ହୋଇପଡିଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତୁକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।



ସମ୍ବଲପୁର ଜିଲା ଧନକଉଡା ବ୍ଲକ କୁଦଗୁଣ୍ଡେରପୁର ପଞ୍ଚାୟତରେ ନିର୍ମାଣାଧୀନ ସେତୁ ।

ସୂଚନାଯୋଗ୍ୟ, ସମ୍ବଲପୁରଠାରୁ କୁଦଗୁଣ୍ଡେରପୁର ପଞ୍ଚାୟତର ଦୂରତା ୩୫ କି.ମି.। ହେଲେ ମହାନଦୀ ଯୋଗୁ କୁଦଗୁଣ୍ଡେରପୁର, ଡବଡା, କୁଦଜାମ୍ବପାଲି, କୁଦଆମ୍ବିଲିପାଲି, କୁଦମହଦା, କୁଦପାଟଖାଇ ଗ୍ରାମବାସୀ ଏକ ପ୍ରକାର ଜଳବନ୍ଦୀ ଜୀବନ ବିତାଉଛନ୍ତି। ଗ୍ରାମବାସୀ ବହୁ କଷ୍ଟରେ ଡଙ୍ଗା ସାହାଯ୍ୟରେ ମହାନଦୀ ପାରି ହୋଇ ଯିବା ଆସିବା କରୁଛନ୍ତି। ଏପରି କି ଚାଷୀ ନିଜ ଉତ୍ପାଦିତ ଧାନ, ପନିପରିବା ସହ ଅନ୍ୟାନ୍ୟ ସାମଗ୍ରୀକୁ ଡଙ୍ଗାରେ ପାରିକରି ଚିପିଲିମା ଆଣୁଛନ୍ତି। ହେଲେ ଡଙ୍ଗା ପାରିବେଳେ ଧନ ଜୀବନ ନଷ୍ଟ ହେବା ନେଇ ଭୟ ରହୁଛି। ଡଙ୍ଗାରେ ଯିବା ଆସିବା ବେଳେ ଅନେକ ଦୁର୍ଘଟଣା ଘଟିଥିବା ମଧ୍ୟ ନଜର ରହିଛି। ଏନେଇ କୁଦଗୁଣ୍ଡେରପୁର ପଞ୍ଚାୟତକୁ ଗମନାଗମନ ସୁବିଧା ନେଇ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ। ଶେଷରେ ପ୍ରଶାସନ ପକ୍ଷରୁ କୁଦଗୁଣ୍ଡେରପୁର ସେତୁ ନିର୍ମାଣ ନେଇ ସ୍ଥିର ହୋଇଥିଲା। ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଆର୍ଥିକ ବର୍ଷ ୨୦୦୬-୦୭ରୁ ୨୦୧୪-୧୫ ମଧ୍ୟରେ ପ୍ରାୟ ୧୧ଥର ସେତୁ ନିର୍ମାଣ ନେଇ ଟେଣ୍ଡର ଆହ୍ୱାନ କରାଯାଇଥିଲା । ହେଲେ ବିଭିନ୍ନ ସମସ୍ୟା ଯୋଗୁ ସେତୁ ନିର୍ମାଣ କାମ ହୋଇପାରୁ ନ ଥିଲା। ୨୦୧୬ରେ ସେତୁ ନିର୍ମାଣ କାମ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ପୂର୍ତ୍ତ ବିଭାଗ ପକ୍ଷରୁ ସର୍ଭେ ଓ ବ୍ୟୟଅଟକଳ କରି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଛତିଶଗଡ଼ର ଉତ୍ତମ କନ୍‌ଷ୍ଟ୍ରକ୍ସନ ନାମକ ଏକ କମ୍ପାନୀ ସେତୁ ନିର୍ମାଣ କାମ କରୁଛି। ଯାହାର ବ୍ୟୟଅଟକଳ ୩୧ କୋଟି ରହିଛି । ପ୍ରାୟ ୪୪୬ ମିଟର ଲମ୍ବ ଓ ୧୦.୫ ମିଟର ଚଉଡାରେ ସେତୁ ନିର୍ମାଣ କରାଯାଇଛି। ବର୍ତ୍ତମାନ ସେତୁ ଉଦ୍‌ଘାଟନ ନେଇ ଅଞ୍ଚଳବାସୀ ଚାହିଁ ରହିଛନ୍ତି।

## ଜେସିଏର ନୂତନ କର୍ମକର୍ତ୍ତା ଚୟନ

**ସମ୍ବଲପୁର,୨୬।୧୨(ବ୍ୟୁରୋ)**

ସମ୍ବଲପୁର ଜୁନିୟର ଚାମ୍ବର ଅଫ୍ କମର୍ସ(ଜେସିଏ)ର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଦୀପକ ଅଗ୍ରୱାଲ ନୂତନ ସଭାପତି ଭାବେ ଚୟନ ହୋଇଛନ୍ତି। ଭିଏସ୍‌ଏ ମାର୍ଗସ୍ଥିତ ଏକ ହୋଟେଲରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗଠନର ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ପରେ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସର୍ବ ସମ୍ମତି କ୍ରମେ ଦୀପକଙ୍କୁ ସଭାପତି ଭାବେ ଜୟନ କରାଯାଇଥିଲା। ଏହି ଅବସରରେ ଅନ୍ୟ କର୍ମକର୍ତ୍ତା ମଧ୍ୟ ଚୟନ ହୋଇଥିଲା। ଅମିତ ଅଗ୍ରୱାଲ, ମିଣ୍ଟୁ ସାକୋଡିଆ, ପ୍ରମୋଦ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ମନୀଷ ଜୈନ, ଗୌରଭ ମୁଣ୍ଡା ପ୍ରମୁଖ ସଦସ୍ୟ ଉପସ୍ଥିତ ରହିଥିଲେ ।



ସମ୍ବଲପୁର ଜେସିଏର ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

## ଚୋରି ସାମଗ୍ରୀ ଉଦ୍ଧାର: ୨ ଗିରଫ

**ସମ୍ବଲପୁର,୨୬।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ପୋଲିସ ଚୋରି ସାମଗ୍ରୀ ଜବତ କରି ୨ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଦଲଦଲିପଡ଼ାର ସୁନୀଲ ସୁନା(୨୦) ଏବଂ ପ୍ରଦୀପ ବାଗ(୨୧)। ପୋଲିସ ତାଙ୍କ ନିକଟରୁ ଚୋରି ହୋଇଥିବା ୪ବଣ୍ଡଲ ଲୁହା ଛଡ ଜବତ କରିଛି। ଏନେଇ କ୍ଷେତରାଜପୁର ଥାନା ପୋଲିସ ଏକ ମାମଲା(ନଂ. ୩୨୯/୧୯) ରୁଜୁ କରିଛି। ସୂଚନାଯୋଗ୍ୟ, ବଙ୍ଗାଳିପଡାରେ ପାଣି ଟାଙ୍କିର ନିର୍ମାଣ କାମ ଚାଲିଛି । ଏହି କାମ ପାଇଁ ରଖାଯାଇଥିବା ୪ ବଣ୍ଡଲ ଲୁହା ଛଡ ଚୋରି ହୋଇଯାଇଥିଲା। ଏ ନେଇ ଦଲଦଲିପଡାର ପବନବାଗ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୋଲିସ ଘଟଣାରେ ସମ୍ପୃକ୍ତ ୨ଜଣ ଯୁବକଙ୍କୁ ଧରିବାରେ ସଫଳ ହୋଇଥିଲା।

ବୁର୍ଲା ଏପିଜେ ଅବଦୁଲ କଲାମ ପ୍ଲାନେଟୋରିୟମ

## ସୂର୍ଯ୍ୟୋପରାଗ ଜାଗତିକ ଦୃଶ୍ୟ ଦେଖିଲେ ଜନସାଧାରଣ

**ସମ୍ବଲପୁର,୨୬।୧୨ (ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଏପିଜେ ଅବଦୁଲ କଲାମ ପ୍ଲାନେଟାରିୟମରେ ଗୁରୁବାର ସୂର୍ଯ୍ୟୋପରାଗ ଅବସରରେ ଜନସାଧାରଣ ଟେଲିସ୍କୋପ ଯନ୍ତ୍ର ସାହାର୍ଯ୍ୟରେ ସୂର୍ଯ୍ୟୋପରାଗ ଜାଗତିକ ଦୃଶ୍ୟ ଦେଖିଥିଲେ। ସକାଳୁ ଜନସାଧାରଣଙ୍କ ପାଇଁ ପ୍ଲାନେଟାରିୟମ ଖୋଲାଯାଇଥିଲା। ଏହି ଅବସରରେ ଭୁବନେଶ୍ୱରରୁ ଆସିଥିବା ୨ଟି ଗାଲିଲିଏନ୍ ରିଫ୍ଲାକ୍ଟିଂ ଟେଲିସ୍କୋପ ଯନ୍ତ୍ର ରଖାଯାଇ ସୂର୍ଯ୍ୟୋପରାଗ ଜାଗତିକ ଦୃଶ୍ୟ ଦେଖବା ନେଇ ବ୍ୟବସ୍ଥା କରାଯାଇଥିଲା। ୪୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ନିରାପଦରେ ଟେଲିସ୍କୋପ ଯନ୍ତ୍ର ମାଧ୍ୟମରେ ସୂର୍ଯ୍ୟାପରାଗ ଦୃଶ୍ୟ ଦେଖି ଉପଭୋଗ କରିଥିଲେ ବୋଲି ବୁର୍ଲା ପ୍ଲାନେଟୋରିୟମର କନିଷ୍ଠ ଯନ୍ତ୍ରୀ ରାକେଶ ସାହୁ ସୂଚନା ଦେଇଛନ୍ତି। ଏପରି କି ଜନୈକ ବିଜ୍ଞାନ ପ୍ରେମୀ ସ୍ୱତନ୍ତ୍ର ସୌର ଚଷମା ପ୍ରସ୍ତୁତ କରି ପ୍ଲାନେଟାରିୟମ ନିକଟରେ ସୁଲଭ ମୂଲ୍ୟରେ ଲୋକଙ୍କୁ ଯୋଗାଇ ଦେଉଥିଲେ । ସକାଳ ୮ଟା ୨୦ ମିନିଟରୁ ପୂର୍ବାହ୍ଣ ୧୧ଟା ୨୮ ମିନିଟ ପର୍ଯ୍ୟନ୍ତ ଜନସାଧାରଣ ସୂର୍ଯ୍ୟୋପରାଗ ଦୃଶ୍ୟ ଦେଖିଥିଲେ ।




ସମ୍ବଲପୁର ବୁର୍ଲାସ୍ଥିତ ଏପିଜେ ଅବଦୁଲ କଲାମ ପ୍ଲାନେଟାରିୟମରେ ଜନସାଧାରଣ ସୂର୍ଯ୍ୟୋପରାଗ ଜାଗତିକ ଦୃଶ୍ୟ ଦେଖୁଛନ୍ତି ।




ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ବିଜେଡିର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ

## ଜିଲାର ବିକାଶ ପାଇଁ କାମ କରିବାକୁ ସଂକଳ୍ପ

**ସମ୍ବଲପୁର,୨୬।୧୨(ବ୍ୟୁରୋ)**

ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ବିଜେଡି ପକ୍ଷରୁ ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଗୁରୁବାର ସକାଳେ ରେମେଡ ଛକରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଆନନ୍ଦ ଜେନା, ପୂର୍ବତନ ଜିଲା ସଭାପତି ପ୍ରମୋଦ କୁମାର ରଥ, ରାଜ କିଶୋର ଦାସ, ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଜିଲା ତପସ୍ୱିନୀ ପ୍ରେକ୍ଷାଳୟରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଓ ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି, ପ୍ରମିଳା ବହିଦାର, ରସେଶ୍ୱରୀ ପାଣିଗ୍ରାହୀ, ସିଦ୍ଧାର୍ଥ ଦାସ, ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବାକୁ ଅତିଥିମାନେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏପରି କି ଦଳକୁ ତୃଣମୂଳସ୍ତରରେ ମଜଭୁତ କରିବାକୁ ପ୍ରତ୍ୟେକ କର୍ମୀଙ୍କୁ ନୂତନ ସଭ୍ୟ ସଂଗ୍ରହ କରିବାକୁ କହିଥିଲେ। ସମ୍ବଲପୁର ଜିଲାର ବିକାଶ ପାଇଁ କାମ କରିବାକୁ କର୍ମକର୍ତ୍ତା ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ଅଶୋକ ସେନାପତି, ଉଷା ପ୍ରାଧନ, କବିତା ପୁରୋହିତ, ସୁବାସ ଜେନା, ଶାନ୍ତନୁ କୁମାର ବଡପଣ୍ଡା, ଦେବାଶିଷ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ନୃସିଂହ ଗୁରୁ ଜଣେ ଆଦର୍ଶ ପୁରୁଷ ଥିଲେ

**ସମ୍ବଲପୁର,୨୬।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ଗୁରୁପାଲି ଗ୍ରାମରେ ନୃସିଂହ ଗୁରୁଙ୍କ ୩୬ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଶ୍ୟାମ ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ଯୋଗ ଦେଇଥିଲେ । ସେ କହିଥିଲେ ଯେ, ସ୍ୱର୍ଗତ ନୃସିଂହ ଗୁରୁ ମହାତ୍ମାଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ସ୍ୱାଧୀନ ଭାରତରେ ସଂଗ୍ରାମୀମାନେ ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ପୂରଣ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସେ ଅବଗତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ବିପିନ ବିହାରୀ ନନ୍ଦ ଯୋଗ ଦେଇ ସ୍ୱର୍ଗତ ଗୁରୁ ଜଣେ ଆଦର୍ଶ ପୁରୁଷ ଥିଲେ। ଗାନ୍ଧୀଙ୍କ ଆଦର୍ଶ ଓ ଜୀବନ ଶୈଳୀକୁ ସେ ଆପଣେଇ ତାହା ତାଙ୍କ ଜୀବନରେ ପ୍ରତିଫଳିତ କରିଥିଲେ ବୋଲି କହିଥିଲେ। ଉତ୍ସବରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ସୀତାଂଶୁ ତ୍ରିପାଠୀ, ହେମନ୍ତ କୁମାର ମହାପାତ୍ର, ଦେବୀ ପ୍ରସାଦ ମିଶ୍ର, ଶାସନ ସରପଞ୍ଚ ମୋହିନୀ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁଙ୍କ ତ୍ୟାଗପୂତ ଜୀବନ ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଲକ୍ଷ୍ମଣ ବାଗ ଉତ୍ସବର ସଂଯୋଜନା କରିଥିବା ବେଳେ ଅଶ୍ୱିନୀ ଅଦାବର, ଶାନ୍ତନୁ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ସମ୍ବଲପୁର ଜିଲା ଗୁରୁପାଳିରେ ନୃସିଂହ ଗୁରୁଙ୍କ ଶ୍ରାଦ୍ଧ ବାର୍ଷିକୀରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ।

ଖରିଫ ଶସ୍ୟବୀମା ପ୍ରଦାନ ଦାବି

# ୧୯ ପଞ୍ଚାୟତରେ ପଡ଼ିଲା ତାଲା

**ଜମନକିରା,୨୬।୧୨ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ମିଳିତ ଚାଷୀ ସଂଗଠନ ପକ୍ଷରୁ ଶସ୍ୟବୀମା ପ୍ରଦାନ ଦାବିରେ ଗୁରୁବାର ବ୍ଲକରେ ଥିବା ୨୧ଟି ପଞ୍ଚାୟତ ମଧ୍ୟରୁ ୧୯ଟି ପଞ୍ଚାୟତରେ ତାଲା ପକେଇ ଆନ୍ଦୋଳନ କରାଯାଇଥିଲା। ବାକି ୨ଟି ପଞ୍ଚାୟତ ମଧ୍ୟରୁ କସଡ଼ା ପଞ୍ଚାୟତର ଚାଷୀଙ୍କୁ ବୀମା ରାଶି ପ୍ରଦାନ କରାଯାଇଥିବା ବେଳେ କେବଳ ସର୍ଡ଼ା ପଞ୍ଚାୟତରେ ତାଲା ପଡ଼ିବ ବୋଲି ଚାଷୀ ସଂଗଠନ ପକ୍ଷରୁ କୁହାଯାଇଛି। ଏପରି କି ଜମନକିରା ବ୍ଲକ ସଦର ମହକୁମାର ପଞ୍ଚାୟତରେ ମଧ୍ୟ ଚାଷୀ ସଂଗଠନ ପକ୍ଷରୁ ତାଲା ପକାଯାଇଥିଲା। ବୀମାରାଶି ପ୍ରଦାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ ସଂଗଠନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୧୮-୧୯ କୃଷି ଆର୍ଥିକ ବର୍ଷରେ ବର୍ଷା ଅଭାବରୁ ଜମନକିରା, କୁଚିଣ୍ଡା ଉପଖଣ୍ଡର ଚାଷୀ ମରୁଡ଼ିର ସମ୍ମୁଖୀନ ହୋଇଥିଲେ। ହେଲେ ସରକାରଙ୍କ ପକ୍ଷରୁ ୨୦୧୮-୧୯ରେ ବୀମାରାଶି ପ୍ରଦାନ କରାଯାଇ ନ ଥିଲା। ଏ ନେଇ ଚାଷୀମାନେ ସରକାରଙ୍କୁ ବାରମ୍ବାର ଜଣାଇଥିଲେ। ହେଲେ ବୀମା ସହାୟତା ପ୍ରଦାନ କରାଯାଇ ନ ଥିଲା। ଏନେଇ କୁଚିଣ୍ଡା ଉପଖଣ୍ଡର ଚାଷୀମାନେ ମିଳିତ ଭାବେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୩ ଦିନ ଧାରଣାରେ ବସିଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଏନେଇ ଅକ୍ଟୋବର ୧୧ତାରିଖରେ ମହାବନ୍ଦ ଡାକରା ଦିଆଯାଇ ବାମରାରେ ରେଳରୋକୋ କରାଯାଇଥିଲା। ପରେ ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪୨ଦିନ ଅନଶନ ଆନ୍ଦୋଳନ କରାଯାଇଥିଲା। ହେଲେ ସରକାର ଚାଷୀଙ୍କ ଦୁଃଖ ଶୁଣି ନ ଥିଲେ। ଫଳରେ ବାଧ୍ୟ ହୋଇ ମିଳିତ ଚାଷୀ ସଂଗଠନର ନିଷ୍ପତ୍ତି କ୍ରମେ ଗତ ୧୧ତାରିଖରୁ ଜମନକିରା ବ୍ଲକର ୨୧ଟି ପଞ୍ଚାୟତରୁ ବର୍ତ୍ତମାନ ସୁଦ୍ଧା ୧୯ଟି ପଞ୍ଚାୟତରେ ତାଲା ପକାଇ ଆନ୍ଦୋଳନ କରାଯାଉଛି। ଗୁରୁବାର ଆନ୍ଦୋଳନରେ ଜମନକିରା ପଞ୍ଚାୟତର ଚାଷୀମାନେ ହନୁମାନ ମନ୍ଦିର ପରିସରରେ ଏକତ୍ରିତ ହୋଇଥିଲେ। ପରେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଚାଷୀମାନେ ସରପଞ୍ଚ ଭାସ୍କରଚନ୍ଦ୍ର ଭୋଇ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ଖାଡ଼ିଆଙ୍କୁ କାର୍ଯ୍ୟାଳୟରୁ ବାହାରକୁ ଚାଲି ଆସିବାକୁ ଅନୁରୋଧ କରିଥିଲେ। ସରପଞ୍ଚ ଭୋଇ ବୀମାରାଶି ପ୍ରଦାନ ଦାବି ଯୁକ୍ତିଯୁକ୍ତ ବୋଲି କହିଥିଲେ। ସେ ମଧ୍ୟ ଚାଷୀଙ୍କ ସହିତ ଥିବା ପ୍ରକାଶ କରିଥିଲେ। କୁଚିଣ୍ଡା କୃଷକ ସୁରକ୍ଷା ସଂଗଠନର ଆବାହକ କୃଷଧ୍ୱଜ ଚୌଧୁରୀ, ଶ୍ରୀଲକ୍ଷ୍ମୀ କୃଷକ ସୁରକ୍ଷା ସଂଗଠନର ସଭାପତି ନବୀନ କୁମାର ପଟେଲଙ୍କ ନେତୃତ୍ୱରେ ନନ୍ଦଲାଲ ସାହୁ, ଉଦ୍ଧବ ବେହେରା, ତପନ ସାହୁ, ବୀରେନ୍ଦ୍ର ଦାନୀ, ରବି ଝାଙ୍କର, ପ୍ରଶାନ୍ତ ପଣ୍ଡା, ମାର୍ଶଲ ଡୁଙ୍ଗଡୁଙ୍ଗ, ପଦ୍ମନାଭ ନାଏକ, ପ୍ରତାପ ନାୟକ, ଭଗବାନ କିଷାନ, ଟିଟୁ ସାହୁ, କିଶୋର ପଟେଲ, ଶରତ ପଟେଲ, ପ୍ରକାଶ ନାଏକ, ଦ୍ୱାରୁଚରଣ ସେଠ, ମନୋଜ ମହାକୁଳ, ବିଦ୍ୟାଧର ସାହୁ, କଳିଙ୍ଗ ସାହୁ, ସୁରେଶ ପଟେଲ, ଅଶ୍ୱିନୀ ପଟ୍ଟନାୟକ, ଖେଡ଼ା କିଷାନ, କ୍ଷମା ମହାକୁଳ ପ୍ରମୁଖଙ୍କ ସହ ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ଥିଲେ।



ମିଳିତ ଚାଷୀ ସଂଗଠନ ପକ୍ଷରୁ ଜମନକିରା ପଞ୍ଚାୟତରେ ତାଲା ପକାଇ ଆନ୍ଦୋଳନ କରାଯାଉଛି।

## ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ

**କୁଚିଣ୍ଡା,୨୬।୧୨ (ଡି.ଏନ୍.ଏ.)**

କୁଚିଣ୍ଡାସ୍ଥିତ ନ୍ୟୁ କଲ୍ୟାଣ ମଣ୍ଡପରେ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାଏକ, ସଭାପତି ଆର୍ତ୍ତତ୍ରାଣ ମିଶ୍ର ଯୋଗ ଦେଇଥିଲେ । ନଗର ସଭାପତି ଗଣେଶରାମ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ନାଏକ ଓ ମିଶ୍ର କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନାଗୁଡିକ କିପରି ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ନେଇ କାର୍ଯ୍ୟ କରିବାକୁ କହିଥିଲେ। ସଭାରେ ବାମରା ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ଜମନକିରା ବ୍ଲକ ଅଧ୍ୟକ୍ଷ ଅରୁଣ ନାଏକ, ବାମରା ଜିଲା ପରିଷଦ ସଭ୍ୟା କୁମୁଦିନୀ ପଟେଲ, ବାମରା ବିଜେଡି ବ୍ଲକ ସଭାପତି ରାଜୁ ଶୁକ୍ଳା, ଜମନକିରା ବ୍ଲକ ସଭାପତି ରାଜେଶ ନାୟକ, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଭୁବନେଶ୍ୱର କିଷାନ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ମିଶ୍ର, ଗଗନ ଶର୍ମା, କ୍ୟାପଟେନ ଶଶିଭୂଷଣ ସେଠୀ, ସୁରେନ୍ଦ୍ର ଗୌନ୍ତିଆ, ନବୀନ ସାହୁ, ସଚିତା ଶର୍ମା, ହରେକୃଷ୍ଣ ମହାପାତ୍ର, ଅଶ୍ୱିନୀ ନାୟକ, ବିରଜା ଶର୍ମା, ଜ୍ୟୋତି ପଟେଲ, ସ୍ନିଗ୍ଧା ପଟେଲଙ୍କ ସହ ବାମରା, ଜମନକିରା, କୁଚିଣ୍ଡା ବ୍ଲକ କୁଚିଣ୍ଡା ଏନଏସି ଅଞ୍ଚଳର କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।



ବିଜେଡିର ୨୩ତମ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସାଇପ୍ରସାଦ


ରାମନ


ସାନନ୍ଦ


ସୌମ୍ୟା


ପ୍ରତାପ


ନିରାକାର

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

### ■ ଜମିଜମା ବିବାଦ ଜୀବନ ନେଲା

## ଦେଢ଼ଶୁରଙ୍କ ଟାଙ୍ଗିଆ ଚୋଟରେ ଭାଇବୋହୂ ମୃତ

**ନୂଆପଡ଼ା ଅଫିସ,୨୬।୧୨**

ଜମିଜମା ବିବାଦକୁ ନେଇ ନୂଆପଡ଼ା ଜିଲା ବେଲଟୁକୁରୀ ଥାନା ଧନୋରା ଗାଁରେ ଏକ ହତ୍ୟାକାଣ୍ଡ ଘଟିଛି। ଦେଢ଼ଶୁରଙ୍କ ଟାଙ୍ଗିଆ ଚୋଟରେ ଭାଇବୋହୂଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ହେଲେ ଜଗତିନ ବାଈ (୬୫)। ପୋଲିସ ଅଭିଯୁକ୍ତ ଦେଢ଼ଶୁର ପ୍ରତାପ ସିଂ ରଣା (୭୨)ଙ୍କୁ ଗିରଫ କରିଛି। ୨ ପରିବାର ମଧ୍ୟରେ ଆଜକୁ ବହୁ ବର୍ଷ ଧରି ଜମିଜମାକୁ ନେଇ ବିବାଦ ଲାଗି ରହିଥିଲା। ବୁଧବାର ସନ୍ଧ୍ୟାରେ ପ୍ରତାପ ସିଂ ନିଜ ଚାଷ ଜମିରେ କାଠ ହାଣୁଥିବା ସମୟରେ ଜଗତିନ ବାଈଙ୍କ ସହ ବଚସା ହୋଇଥିଲା। ଏଥିରେ ପ୍ରତାପ ଉତ୍‌କ୍ଷିପ୍ତ ହୋଇ ଜଗତିନଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଜଗତିନ ଟଳି ପଡ଼ିଥିଲେ। ରାତିରେ ବେଲଟୁକୁରୀ ଥାନା ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ଏକ ହତ୍ୟା ମାମଲା (ନଂ. ୫୪/୧୯) ରୁଜୁ ହୋଇଛି। ଫରେନସିକ ଟିମ ବିଳମ୍ବିତ ରାତିଯାଏ ଘଟଣାସ୍ଥଳରେ ତଦନ୍ତ କରିଥିଲା। ଗୁରୁବାର ପୂର୍ବାହ୍ନରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅପରାହ୍ନରେ ପ୍ରତାପ ସିଂଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ତଦନ୍ତ ଚାଲିଥିବା ଥାନାଧିକାରୀ ଶୋଭାକର ସେଠ୍ କହିଛନ୍ତି।

# ‘ବହିପଢ଼’ ଅଭିଯାନର ଶୁଭାରମ୍ଭ

**ସୁନ୍ଦରଗଡ଼, ୨୬।୧୨ (ଡି.ଏନ୍.ଏ)**

ସମ୍ପ୍ରତି ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଦ୍ୱାରା ପୁସ୍ତକ ପଠନ ଅଭ୍ୟାସ ହ୍ରାସ ପାଉଛି। ଛାତ୍ରୀ, ଛାତ୍ର, ଯୁବ ତଥା ସାଧାରଣବର୍ଗଙ୍କ ମଧ୍ୟରେ ପୁସ୍ତକ ପଠନ ଅଭ୍ୟାସ ପାଇଁ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଅଭିନବ ଅଭିଯାନ ଆରମ୍ଭ କରିଛନ୍ତି। ଗୁରୁବାର ସକାଳେ ଜିଲାପାଳ ସୁନ୍ଦରଗଡ଼ ‘ବହିପଢ଼’ ଅଭିଯାନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଜିଲାପାଳ ନିଜେ ସହରର ବିଜୟାଟକିଜ ରୋଡ, ଡେଙ୍ଗିଭାଡ଼ି ଅଞ୍ଚଳରେ ଦ୍ୱାରକୁ ଦ୍ୱାର ବୁଲି ବିଭିନ୍ନ ପୁସ୍ତକ ବଣ୍ଟନ କରି ସାଧାରଣ ଲୋକ ଓ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ପଠନ ଅଭ୍ୟାସ ସମ୍ପର୍କରେ ଆଲୋଚନା

**■ ସୁନ୍ଦରଗଡ଼ ଜିଲାପାଳଙ୍କ ଅଭିନବ ପ୍ରୟାସ**

**■ ବହି ପଢ଼ିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବାକୁ ଘରକୁ ଘର ବୁଲିଲେ**

କରି ବହି ପଢ଼ିବାକୁ ପ୍ରବର୍ତ୍ତାଇଥିଲେ। ଜିଲାପାଳ କହିଥିଲେ ଯେ, ଇଣ୍ଟରନେଟ୍ କେବଳ ତଥ୍ୟ ପ୍ରଦାନ କରିଥାଏ। କିନ୍ତୁ ବହିର ବିକଳ୍ପ ନାହିଁ। ବହି ହେଉଛି ଜ୍ଞାନର ଗନ୍ତାଘର। ଜୀବନର ମାର୍ଗଦର୍ଶକ। ବହି ପଢ଼ା ଅଭ୍ୟାସ ଦ୍ୱାରା ବ୍ୟକ୍ତିର ଚେତନା ଉର୍ଦ୍ଧ୍ୱତର ହୁଏ। ବହି ହେଉଛି ଏକ ଉତ୍ତମ ଶିକ୍ଷକ। ଯିଏ କି ସୁସ୍ଥ ତଥା ନୈତିକତା ସମ୍ପନ୍ନ ସମାଜ ଗଠନରେ ସହାୟକ ହୋଇଥାଏ। ଗଳ୍ପ, ଉପନ୍ୟାସ, ମହାପୁରୁଷଙ୍କ ଜୀବନୀ ପଠନ ବ୍ୟକ୍ତି ପାଇଁ ନିଶ୍ଚିତ ପ୍ରେରଣା ଦାୟୀ। ଏହି ଅଭିଯାନ ମାଧ୍ୟମରେ କିଭଳି ବହିପଢ଼ା ଓ ନିୟମିତ ପାଠାଗାର ଯିବା ଅଭ୍ୟାସ ଜାଗ୍ରତ କରାଯିବ ସେ ନେଇ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସୁନ୍ଦରଗଡ ସହରରେ ଖୁବ୍ ଶିଘ୍ର ପାଠାଗାର ପ୍ରତିଷ୍ଠା ସହ ପ୍ରତ୍ୟକ୍ଷ ଭାବେ ସେ ନିୟମିତ ଏହି ଅଭିଯାନରେ ସାମିଲ ହୋଇ ଏହାର ଅଗ୍ରଗତି ସମ୍ପର୍କରେ ପାଠିକାପାଠକ ମଧ୍ୟରେ ଆଲୋଚନା କରିବେ ବୋଲି କହିଥିଲେ। ଏହି ଅଭିଯାନର ଶୁଭାରମ୍ଭ ବେଳେ ଜିଲାପାଳଙ୍କ ସହିତ ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବସିଂ ପଟେଲ, ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ, ବରିଷ୍ଠ ଗାଳ୍ପିକ ଗିରି ଦଣ୍ଡସେନାଙ୍କ ସମେତ ବହୁ ପୁସ୍ତକପ୍ରେମୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହ ଯୋଗ କରିଥିଲେ।


ଜିଲାପାଳ ସହରର ବିଭିନ୍ନ ସ୍ଥାନ ବୁଲି ବହି ପଠନ ଅଭ୍ୟାସ ସମ୍ପର୍କରେ ଆଲୋଚନା କରୁଛନ୍ତି।

## ହାତୀ ଶାବକର ମୃତଦେହ ଉଦ୍ଧାର

**ଦେବଗଡ଼,୨୬।୧୨(ଡି.ଏନ.ଏ.)**–ଦେବଗଡ଼ ବନଖଣ୍ଡ ରିଆମାଳ ରେଞ୍ଜ ଅଧୀନ ବରଡାନାଳି ଗ୍ରାମରୁ ଗୁରୁବାର ଏକ ହାତୀ ଶାବକର ମୃତଦେହ ଉଦ୍ଧାର କରାଯାଇଛି। ମୃତ ହାତୀ ଶାବକର ଆନୁମାନିକ ବୟସ ୩ ବର୍ଷ। ତେବେ କେଉଁ କାରଣରୁ ହାତୀ ଶାବକର ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ହାତୀର ମୃତଦେହରେ କୌଣସି କ୍ଷତଚିହ୍ନ ବି ନାହିଁ। ତେବେ କୌଣସି ହାତୀର ଆକ୍ରମଣରେ ଏହି ଶାବକର ମୃତ୍ୟୁ ଘଟିଥିବା ବନ ବିଭାଗ ଅନୁମାନ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସକାଳେ ବରଡାନାଳି ଗ୍ରାମର ଫକୀର ଗଡନାୟକଙ୍କ ଗୁହାଳ ପଛପଟେ ଏକ ହାତୀ ଶାବକର ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଏ ସଂକ୍ରାନ୍ତରେ ପଳସମା ସେକ୍ସନ ଫରେଷ୍ଟର ଓ ରିଆମାଳ ରେଞ୍ଜ ଅଫିସରଙ୍କୁ ଖବର ଦେଇଥିଲେ। ଖବର ପାଇ ରେଞ୍ଜ ଅଫିସର ଭବାନୀ ଶଙ୍କର ଦାଶ ଓ ପଳସମା ଫରେଷ୍ଟର ଘଟଣା ସ୍ଥଳରେ ପହଞ୍ଚି ମୃତ ଶାବକକୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।


ହାତୀ ଶାବକର ମୃତଦେହ।

### ■ ଅଧା ବାଟରେ ଅଟକିଲା ଆମ୍ବୁଲାନ୍ସ

## ଷ୍ଟ୍ରେଚରରେ ବୁହା ହେଲେ ଗର୍ଭବତୀ


ଏକ ଷ୍ଟେଚରରେ ଗର୍ଭବତୀଙ୍କୁ ଲୋକେ ବୋହି ଆଣୁଛନ୍ତି ।

**ନୂଆପଡା ଅଫିସ/ଖଡିଆଳ,୨୬।୧୨(ଡି.ଏନ.ଏ.):** ସରକାର ଶିଶୁ ଏବଂ ମାତୃ ମୃତ୍ୟୁହାରକୁ ଶୂନ କରିବାକୁ ନାନା ଯୋଜନା ପ୍ରଣୟନ କରିଛନ୍ତି। ଏହାପରେ ବି ଏଥିରେ ସଫଳତା ମିଳୁନି । ବିଶେଷ କରି ଗମନାଗମନର ସୁବିଧା ନ ଥିବାରୁ ପ୍ରସୂତିମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମିତି ଏକ ଘଟଣା ଗୁରୁବାର ସମାନ୍‌କୁ ଆସିଛି । ଜଣେ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହି ଆଣିବା ଭଳି ଘଟଣା ନୂଆପଡ଼ା ଜିଲା ଖଡିଆଳ ବ୍ଲକ କିରିକିଟା ଗ୍ରାମପଞ୍ଚାୟତ କପରଗଡ ଗାଁରେ ଦେଖିବାକୁ ମିଳୁଛି। କପରଗଡ ଗାଁର ଉମା ମାଝିଙ୍କ ସ୍ତ୍ରୀ ଘରମନୀ ମାଝି (୨୭)ଙ୍କୁ ବୁଧବାର ରାତି ସାରା ଗର୍ଭଯନ୍ତ୍ରଣା ହୋଇଥିଲା। ଆମ୍ବୁଲାନ୍ସକୁ ଆଶା ଏବଂ ସ୍ୱାସ୍ଥ୍ୟକର୍ମୀ ଖବର ଦେଲେ। ଗୁରୁବାର ସକାଳେ ଗାଡି ଆସି ୩ କି.ମି. ଦୂର ଜଙ୍ଗଲରେ ଅଟକି ରହିଲା। ଗାଁକୁ ଯିବା ପାଇଁ ଗମନାଗମନର ସୁବିଧା ନ ଥିବାରୁ ଗ୍ରାମବାସୀ ବାଧ୍ୟ ହୋଇ ଷ୍ଟ୍ରେଚରରେ ମହିଳାଙ୍କୁ ବୋହି ଆଣିଥିଲେ। ସକାଳ ୭ଟାରେ ତାଙ୍କୁ ଆମ୍ବୁଲାନ୍ସରେ ଧରି ଖଡିଆଳକୁ ନେଇଥିଲେ। ସେଠାରେ ଘରମନୀ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ସୂଚନାଯୋଗ୍ୟ, ସମୁଦ୍ର ପତନରୁ ୨ ହଜାର ଫୁଟ ଉଚ୍ଚ ଏବଂ ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ୧୫ କି.ମି. ଦୂରରେ ରହିଛି କପରଗଡ। ମାତ୍ର ୨୦ଟି ପରିବାର ରହୁଥିବା ଗାଁର ଶତ ପ୍ରତିଶତ ଲୋକ ଆଦିବାସୀ ଶ୍ରେଣୀର। ସେମାନଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତି ଦୁର୍ବଳ। ଗାଁକୁ ସବୁଦିନିଆ ରାସ୍ତା ନାହିଁ। ଏଭଳି ପରିସ୍ଥିତିରେ ସରକାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନାନା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଏଠାରେ ଫେଲ ମାରିଛି। ଏଭଳି ସ୍ଥିତି ଆଉ କେତେଦିନ ଚାଲିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ

### ଡାକଟିକେଟ ସଂଗ୍ରାହକ ପୁରସ୍କୃତ

ବୌଦ୍ଧ,୨୬।୧୨(ସ୍ୱ.ପ୍ର): ବମ୍ବେଠାରେ ଆୟୋଜିତ ଜାତୀୟ ଡାକଟିକେଟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ବୌଦ୍ଧର ଡାକଟିକେଟ ସଂଗ୍ରାହକ ବିଶ୍ୱନାଥ ମିଶ୍ର ରୌପ୍ୟ ପଦକ ହାସଲ କରିଛନ୍ତି । ବମ୍ବେସ୍ଥିତ ୱାର୍ଲଡ ଟ୍ରେଡ ସେଣ୍ଟରର କଫି ପରେଡ ଠାରେ ହୋଇଥିବା ଏହି ପ୍ରଦର୍ଶନୀରେ ଦେଶର ବିଭିନ୍ନ ରାଜ୍ୟରୁ ୨୧୪ ଜଣ ଡାକଟିକେଟ ସଂଗ୍ରହକାରୀ ଅଂଶଗ୍ରହଣ କରିଥିଲେ । ବନ ବିଭାଗ କିରାଣୀ ଚାକିରୀରୁ ଅବସର ଗ୍ରହଣ କରିବା ପରେ ଡାକଟ ଟିକେଟ ସଂଗ୍ରାହକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଶ୍ୱନାଥ ଏହି ପ୍ରଦର୍ଶନୀରେ ଓଡ଼ିଶା ପକ୍ଷରୁ ଅଂଶଗ୍ରହଣ କରିବାର ସୁଯୋଗ ପାଇବା ସହ ରୌପ୍ୟ ପଦକ ହାସଲ କରିଛନ୍ତି । ଏହି ପ୍ରଦର୍ଶନୀରେ ମୁଖ୍ୟଅତିଥି ଭାବେ ମହାରାଷ୍ଟ୍ର ଡାକ ବିଭାଗର ମୁଖ୍ୟ ଏଚ. ସି ଅଗ୍ରୱାଲା ଓ ଜୁରୀ ଅଧ୍ୟକ୍ଷ ତଥା ପିସିଆଇ ସଭାପତି ଦମୟନ୍ତୀ ପ୍ରିତି ଯୋଗଦେଇ ତାଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ ମଧ୍ୟ ସେ ରାଜ୍ୟ ଏବଂ ରାଷ୍ଟ୍ରୀୟ ସ୍ତରରେ ଡାକ ଟିକେଟ ସଂଗ୍ରହ କ୍ଷେତ୍ରରେ ବିଭିନ୍ନ ପୁରସ୍କାର ପାଇଛନ୍ତି । ବିଶ୍ୱନାଥ ୧୯୭୭ ମସିହାରୁ ଡାକ ଟିକେଟ ସଂଗ୍ରହ କରିଆସୁଛନ୍ତି ।

ପକ୍ଷୀ, ବାସସ୍ଥଳୀର ସୁରକ୍ଷା ଚିନ୍ତା

# ଏକାଠି ହେଲେ ପରିବେଶବିତ୍

ସୋନପୁର,୨୬।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଛୋଟ ବଡ ନଦୀ, ନାଳ ଓ ବହୁ ସଂଖ୍ୟକ ବନ୍ଧ ରହିଛି। ଜଙ୍ଗଲ ସମ୍ପଦ ଓ ଉତ୍ତମ ଜଳବାୟୁ ଅଛି। ସ୍ଥାନୀୟ ଅଞ୍ଚଳରେ ଦେଖା ଯାଉଥିବା ପକ୍ଷୀଙ୍କ ସମେତ ଦେଶ ଓ ବିଦେଶର ବିରଳ ପକ୍ଷୀଙ୍କ ସମାଗମ ହେଉଛି। ତେଣୁ ପକ୍ଷୀ ଓ ସେମାନଙ୍କ ବାସସ୍ଥଳୀର ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି ଜିଲାର କେତେକ ପକ୍ଷୀ ପ୍ରେମୀ ଓ ପରିବେଶବିତ୍। ଗୁରୁବାର ବନଖଣ୍ଡୀୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ପକ୍ଷୀ ସମ୍ଭାର ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସାମନ୍ତରାୟ କହିଥିଲେ ମହାନଦୀ ଶଯ୍ୟାରେ ଏବେ ବିଦେଶାଗତ ପକ୍ଷୀଙ୍କ ଭିଡ ଜମୁଛି। ବିରଳ ପକ୍ଷୀ କମନ ମରଗାନସର ଓ ବ୍ଲାକ ବେଲିଡ୍ ଟର୍ନଙ୍କ ବିଚରଣ ମହାନଦୀର ଶୋଭା ବଢାଉଛି। ଏହି ପକ୍ଷୀଙ୍କ ସୁରକ୍ଷା ଜରୁରି। ବାସସ୍ଥଳୀର ସୁରକ୍ଷା ପାଇଁ ନଦୀଗର୍ଭରେ ବ୍ଲାଷ୍ଟିଂ ଓ ବେଆଇନ ବାଲି ଉତ୍ତୋଳନ ବନ୍ଦ କରିବା ଆବଶ୍ୟକ। ନଦୀ ବାଲିରେ ଭୋଜି ସମୟରେ ପଲିଥିନ ପକାଇ




ପକ୍ଷୀ ସମ୍ଭାର କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଅପରିଷ୍କାର କରିବା ମଧ୍ୟ ଚିନ୍ତାଜନକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଉମାକାନ୍ତ ନାଗ ଯୋଗଦେଇ ବିଶ୍ୱ ଉତ୍ତାପନ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ କ୍ଷୟ ଓ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ବହୁ ପକ୍ଷୀ ପୃଥିବୀରୁ ଲୋପ ପାଇ ଗଲେଣି। ଆଉ କିଛି ପକ୍ଷୀ କାଁ ଭାଁ ଦେଖିବାକୁ ମିଳୁଛନ୍ତି। ସେମାନଙ୍କ ପାଇଁ ଅନୁକୂଳ ପରିବେଶ, ଖାଦ୍ୟ ଓ ବାସସ୍ଥାନ ଆବଶ୍ୟକ ବୋଲି କହିଥିଲେ। ସଭାକୁ ସଂଯୋଜନା କରି ସହକାରୀ ବନ ସଂରକ୍ଷକ ସୁଶିଲ କୁମାର ତ୍ରିପାଠୀ କହିଲେ ପକ୍ଷୀ ମଣିଷ ପାଇଁ ଉପକାରୀ। କାଉ ମଳରୁ ମଞ୍ଜି ପଡି ଅଶ୍ୱତଥ ଭଳି ବୃହତ ଗଛ ଜନ୍ମ ହୁଏ । କିନ୍ତୁ ପରିବେଶ ପ୍ରଦୂଷଣ, ସଚେତନତା ଅଭାବରୁ ଜଙ୍ଗଲ ଓ ଘାସରେ ଲୋକେ ନିଆଁ ଲଗାଇବା ଯୋଗୁଁ ବହୁ ପକ୍ଷୀ ଲୋପ ପାଇଲେଣି । ତେବେ ମଣିଷ ଆଖପାଖରେ ରହିବାକୁ ପସନ୍ଦ କରୁଥିବା ଘରଚଟିଆ, ପାରା ଓ କାଉ ଭଳି ପକ୍ଷୀମାନଙ୍କୁ ପାଣି ଓ ଖାଦ୍ୟ ଦେବାକୁ ତ୍ରିପାଠୀ ପରାମର୍ଶ ଦେଇଥିଲେ। ପକ୍ଷୀ ବିଶେଷଜ୍ଞ ଓମ ପ୍ରକାଶ ରାଉତ, ଦୀନେଶ ରଞ୍ଜନ ମିଶ୍ର ଓ ଶୁଭମ ରାଉତ ଜିଲାରେ ପକ୍ଷୀଙ୍କ ସ୍ଥିତି ଓ ସୁରକ୍ଷା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପକ୍ଷୀ ପ୍ରେମୀ ଶ୍ୟାମା ଓଁ ପ୍ରସାଦ ମିଶ୍ର, ସ୍ୱଚ୍ଛ ଭାରତ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ଲକ୍ଷ୍ମୀନାରାୟଣ ମେହେର, ଶିକ୍ଷାବିତ ଅମ୍ବୁଜ ବିହାରୀ ଶତପଥୀ, ତାପସ କୁମାର ବେଉରା, ପ୍ରଭୁଦତ୍ତ ରଥ, ସୋନପୁର କଲେଜ ପ୍ରାଣିବିଜ୍ଞାନ ବିଭାଗର ଛାତ୍ରୀ ସମୀକ୍ଷା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

# ଫୁଲବାଣୀ ଏକାଦଶ ବିଜୟୀ

ସୋନପୁର,୨୬।୧୨(ନି.ପ୍ର.)

ସୋନପୁର ରୟାଲ ପଡିଆଠାରେ ଚାଲିଥିବା ୮ମ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ୍‌ରେ ଫୁଲବାଣୀ ଏକାଦଶ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବ ଓ ଫୁଲବାଣୀ ଏକାଦଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫୁଲବାଣୀ ୩-୨ ଗୋଲରେ ବିଜୟୀ ହୋଇଥିଲା। ମହମ୍ମଦ ଆକବର ଖାଁ, ନିର୍ମଳ ନେଗୀ, ସତ୍ୟନାରାୟଣ ରାଓ, ଦିପ୍ତି ନାଏକ, ରାମଶଙ୍କର ଖମାରୀ ଓ ପ୍ରମୋଦ ମଲ୍ଲିକ ଅତିଥିଭାବେ ଯୋଗଦାନ କରିଥିଲେ। ରାକେଶ ନାଗ ସଭାରେ ଅଧ୍ୟକ୍ଷତା କରିଥିଲେ। ବେଷ୍ଟ ଡିଫେନ୍ସ ଭାବେ ସୋନପୁରର ସୁଶିଲ ନାଏକ, ବେଷ୍ଟ ଗୋଲକିପର ଫୁଲବାଣୀର ଜୟନ୍ତ ବିଶୋଇ, ବେଷ୍ଟ ମିଡ ଫିଲଡର ଭାବେ ରଜତ ନାଗ, ବେଷ୍ଟ ଫରୱାର୍ଡ ଦଶରଥ କହଁର ଓ ହିରୋ ଅଫ ଦି ମ୍ୟାଚ୍ ଭାବେ ଫୁଲବାଣୀର ଶୁକମଣି କହଁରଙ୍କୁ ପୁରସ୍କୃତ କରାଯାଇଥିଲା।

# ବୀରମହାରାଜପୁରରେ ବିଜେଡିର ପ୍ରତିଷ୍ଠା ଦିବସ

ଅମରପାଲି, ୨୬।୧୨ (ଡି.ଏନ.ଏ)

ସାଧାରଣ ଲୋକଙ୍କ ଆସ୍ଥାଭାଜନ ହେବା। ସମସ୍ତେ ସଂଗଠିତ ହୋଇ ସାଧାରଣ ଲୋକଙ୍କ ପାଇଁ କାମ କରିବା। ଗୁରୁବାର ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଦଳର ବରିଷ୍ଠ କର୍ମକର୍ତ୍ତାଙ୍କ ଏହା ଥିଲା କର୍ମୀଙ୍କ ପାଇଁ ସନ୍ଦେଶ। ସ୍ୱୟଂମ୍ଭୁନାଥ ଖଣ୍ଡଗିରୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା, ଜିଲା ବିଜେଡି ପର୍ଯ୍ୟବେକ୍ଷକ ଆୟୁବ ଖାଁ ଯୋଗଦେଇ ଦଳକୁ ସଦୃଢ଼ କରିବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବାକୁ କହିଥିଲେ । ଜିଲା ବିଜେଡି ସଭାପତି ସରୋଜ କର୍ମ୍ମ, ଦ୍ୱାରିକା ନାଥ ସାହୁ, ଝସକେତନ ବଘାର, ମୃତ୍ୟୁଞ୍ଜୟ ପଧାନ, ଅଶୋକ ନନ୍ଦ, ଉତ୍ତର ପାତ୍ର, ରଞ୍ଜିତ ରଥ, ନାରାୟଣ ଲୁହା, ସୋମନାଥ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

ସୋନପୁରରେ ବିଜେଡିର ପ୍ରତିଷ୍ଠା ଦିବସ

# ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାକୁ ଆହ୍ୱାନ

ସୋନପୁର,୨୬।୧୨(ନି.ପ୍ର.)



ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ନେତୃବୃନ୍ଦ ।

ବିଜୁ ଜନତା ଦଳର ୨୩ତମ ପ୍ରତିଷ୍ଠା ଦିବସ ସୋନପୁର ଭୀମଭୋଇ କଳା ମଣ୍ଡପ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ସରୋଜ କର୍ମଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସୋନପୁର ନିର୍ବାଚନମଣ୍ଡଳୀ ସ୍ତରୀୟ ପ୍ରତିଷ୍ଠା ଦିବସ ସମାରୋହରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଅତିଥି ଭାବେ ଯୋଗ ଦେଇଥିଲେ । ପୂଜାରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ୧୯୯୭ରେ ଦଳ ଗଠନ ଠାରୁ ବିଜେଡି ରାଜ୍ୟରେ ଓ ଜିଲାରେ ଜନସାଧାରଣଙ୍କ ବିପୁଳ ସମର୍ଥନ ପାଇ ଆସୁଛି । ଗତ ୨୧ ବର୍ଷ ଧରି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ, ଯୋଜନା, ଦଳର ନୀତି ଓ ଆଦର୍ଶ ତଥା ଦଳର ନେତା ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଯୋଗୁଁ ଏହା ସମ୍ଭବ ହୋଇ ପାରିଛି । ନବୀନ ପଟ୍ଟନାୟକ କ୍ରମାଗତ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ନେତୃତ୍ୱଙ୍କ ଉପରେ ଜନସାଧାରଣଙ୍କ ବିଶ୍ୱାସ ଯୋଗୁଁ ଏହା ସମ୍ଭବ ହୋଇଛି । ଏହି ବିଶ୍ୱାସ ଯେଭଳି ଅତୁଟ ରହେ ତାହା ଦୃଷ୍ଟି ଦେବାକୁ ମନ୍ତ୍ରୀ ପୂଜାରୀ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବୀରମହାରାଜପୁର ବିଧାୟକ ତଥା ରାଜ୍ୟ ଯୋଜନା, ସମନ୍ୱୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବିଜୁ ପଟ୍ଟନାୟକଙ୍କ ନାମରେ ଏହି ଦଳ ପ୍ରତିଷ୍ଠା ହୋଇଛି । ବିଜୁ ବାବୁ ଓଡିଶାର ସ୍ୱାର୍ଥ ରକ୍ଷା ଓ ଓଡିଆଙ୍କ ବିକାଶ ପାଇଁ ଅହରହ ଚିନ୍ତା କରୁଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଅଧୁରା ସ୍ୱପ୍ନକ ପୂରଣ କରୁଛନ୍ତି । ନବୀନ ସରକାର ସମୟରେ ଜିଲାରେ ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଛି । ଜିଲା ସଭାପତି କର୍ମ, ରାଜ୍ୟ ପର୍ଯ୍ୟବେକ୍ଷକ ତଥା କଣ୍ଟାବାଞ୍ଜିର ପ୍ରାକ୍ତନ ବିଧାୟକ ଆୟୁବ ଖାଁ, ବରିଷ୍ଠ ନେତା ତଥା ରାଜ୍ୟ ଅନୁସୂଚିତ ଜାତି ସେଲର ରାଜ୍ୟ ଉପସଭାପତି ଅଭିମନ୍ୟୁ କୁଶଳ, ଜିଲା ଉପସଭାପତି କଇରୁ ସ୍ୱାଇଁ, ରମେଶ ପୂଜାରୀ, ବରିଷ୍ଠ ନେତା ବ୍ୟୋମକେଶ ଦାଶ, ହିମାଂଶୁ ବିଶ୍ୱାଳ, ଜିଲା ଯୁବ ବିଜେଡି ସଭାପତି ତଥା ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ପ୍ରାକ୍ତନ ନଗରପାଳ ସୀମନ୍ତିନି ନାୟକ, ତରଭା ବ୍ଲକ ଅଧ୍ୟକ୍ଷା ସସ୍ମିତା ମଲ୍ଲିକ, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ, ସୋନପୁର ବ୍ଲକ ସଭାପତି ସୁରେଶ କୁଶଳ, ଅନୁସୂଚିତ ଜାତି ସେଲର ଜିଲା ସଭାପତି ରାଜକୁମାର ସୁନା, ତରଭା ବ୍ଲକ ସଭାପତି ହେମନ୍ତ ସାହୁ, ଜିଲା ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର, ଅଭିଶେକ ଶର୍ମା ଓ ଦେବାଶିଷ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଜିଲା ସମ୍ପାଦକ ମାନଭଞ୍ଜନ ମିଶ୍ର ସଭା ପରିଚାଳନା କରିଥିଲେ ।



ଅଭିନେତା ସୁଶୀଲ ମେହେରଙ୍କୁ ଯାତ୍ରା କମିଟିର କର୍ମକର୍ତ୍ତା କଂସ ଭାବେ ବରଣ କରୁଛନ୍ତି ।

# ତରଭା ଧନୁଯାତ୍ରା ମହୋତ୍ସବ ପାଇଁ କଂସ ବରଣ

ତରଭା,୨୬।୧୨(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ତରଭା ଧନୁଯାତ୍ରା ମହୋତ୍ସବ ପାଇଁ କଂସ ବରଣ କରାଯାଇଛି। ବରଗଡ ଜିଲା ଟିଁଟିଣ୍ଡାର ବିଶିଷ୍ଟ ଅଭିନେତା ସୁଶିଲ ମେହେର କଂସ ଭୂମିକାରେ ଅଭିନୟ କରିବେ। ଏଥିପାଇଁ ତରଭା ଯାତ୍ରା କମିଟିର କର୍ମକର୍ତ୍ତା ମାନେ ଉଲୁଣ୍ଡାର ମାଁ ମେଟାକାନୀ ପୀଠରେ ସୁଶୀଲଙ୍କୁ ବରଣ କରିଛନ୍ତି । ଜାନୁୟାରୀ ୨ତାରିଖରୁ ୯ ଦିନ ବ୍ୟାପୀ ଆୟୋଜିତ ହେବ ଏହି ଯାତ୍ରା ।

ପାପୀ ଗାଁବାସୀଙ୍କର ଅଭିଯୋଗ

# ମାସ୍‌କେ ଦୁଇଦିନ୍ ଖୁଲୁଛେ ଉପ ସ୍ୱାସ୍ଥ୍ୟକେନ୍ଦ୍ର

ବିନିକା, ୨୬।୧୨ (ଡି.ଏନ୍.ଏ.)



ପାପୀ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛେ।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଁଚେତ୍ ଅଧୀନ ପାପୀ ଉପସ୍ୱାସ୍ଥ୍ୟ କେନ୍ଦ୍ର ତଥା ଏଏନ୍ଏମ୍ ସେଣ୍ଟର ତିଆର ହେଲାଦିନୁ ଅବେବସ୍ତା ଘେରରେ ରହିଛେ। ଦେଖ୍‌ଭାଲ ଅଭାବୁ କେନ୍ଦ୍ରଟା ଲଟାବୁଟା ଢାପି ହେଇ ଭୁତକୁଠି ପାଲଟିଗଲାନ। କେନ୍ଦ୍ରରେ ନିୟୋଜିତ ଏଏନ୍ଏମ୍‌କଁର ମନ୍‌ଇଛା କାମ୍ ଲାଗି ଲୋକ୍ ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟ ଜନିତ ଉଚିତ୍ ପରାମଶରୁ ବଁଚିତ୍ ହେଉଥିବାର ଅଭିଯୋଗ ହେଉଛେ।

ଗାଁବାସୀକର ଅଭିଯୋଗ ଅନ୍‌ସାରେ ଏଏନ୍ଏମ୍ ସେଣ୍ଟର ଖୁଲ୍‌ଲା ଦିନୁ ଫିମାସ ଟୀକାକରନ୍ ଦିନ୍‌ମାନକେ ଖୁଲା ରହୁଛେ। ବାକି ଦିନ୍‌ମାନକେ ଗେଟ୍‌ରେ ତାଲା ଝୁଲୁଛେ। ଝନେ ଏଏନ୍ଏମ୍ ନିଜର କେନ୍ଦ୍ର ଅଧୀନରେ ଥିବାର ସବୁ ଆଶା କରମୀମାନକର ସଂଗେ ଗାଁର ସ୍ୱାସ୍ଥ୍ୟ ବିଷେରେ ଆର ଅଙ୍ଗନୱାଡି କରମୀମାନକର ସଂଗେ ପରିମଲ ବାବ୍‌ଦେ ସାପ୍ତାହିକ ସମୀକ୍ଷା କରବାର କଥା। ଇତାର ବାହାରେ ଗାଁର ସ୍ୱାସ୍ଥ୍ୟ ଆର ପରିମଲ ବେବସ୍ତାର ତଦାରଖ କରବାର କଥା। ହେଲେ ପାପୀ ଗାଁରେ ଇ ସବୁ ଦେଖିବାକେ ନାଇଁ ମିଲବାର। ଇଆଡ଼େ ପାପୀ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଏଏନ୍ଏମ୍‌କଁର ରହିବାର ଲାଗି ସବୁପରକାର ବେବସ୍ତା ରହିଛେ। ହେଲେ କରମୀ ଝନ୍‌କ କେନ୍ଦ୍ରରେ ନାଇଁ ରହିବାର। କେନ୍ଦ୍ରରେ କେହି ନାଇଁ ରହିବାର ଲାଗି ଚାରହିକୁତି ଲଟାବୁଟା ହେଇ ଗୁଟେ ଅସ୍‌କୁରା ପରିବେଶ ସୁରୁଷ୍‌ଟି ହେଇଛେ। କେନ୍ଦ୍ରର ନାମ ଫଲକରୁ ଲେଖା ଯାକ ବି ମେଟି ଗଲାନ। ସ୍ୱାସ୍ଥ୍ୟ ବିଭାଗର ଖାମ୍‌ଖିଆଲି ମନ୍‌ଭାବ ଲାଗି ପାପୀ ଉପସ୍ୱାସ୍ଥ୍ୟ କେନ୍ଦ୍ରଟା ଦିନୁଦିନ୍‌କେ ଭୁତକୁଠି ପାଲଟିଯାଉଛେ ବଲି ଗାଁବାସୀ ଅଭିଯୋଗ କରିଛନ୍। ଇ ବାବ୍‌ଦେ ପାପୀ ଗାଁର ସୁଧୀର ପାତ୍ର ଆର ବିଶିକେସନ ଧରୁଆ କହିଛନ୍ ଯେ, କେନ୍ଦ୍ରଟା ଖୁଲ୍‌ଲା ଦିନୁ ଖାଲି ଟୀକାକରନ୍ ଦିନ୍‌ମାନ୍‌କେ ଖୁଲା ରହୁଛେ, ବାକି ଦିନ୍‌ମାନକେ ବଁଦ୍ ରହୁଛେ। କେନ୍ଦ୍ରରେ ଏଏନ୍ଏମ୍‌କଁର ରହିବାର ସୁବିଧା ଅଛେ, ହେଲେ ସେ ଇଠାନେ ନାଇଁ ରହିବାର। ଯେନ୍‌ଥିରଲାଗି ଅଂଚଲରେ ସ୍ୱାସ୍ଥ୍ୟସେବା ପରଭାବିତ ହେଉଛେ। ଇ ବାବ୍‌ଦେ ମତାମତ ଲାଗି କେନ୍ଦ୍ରରେ ନିୟୋଜିତ ମହିଲା ସ୍ୱାସ୍ଥ୍ୟ କରମୀ ସୁଚିତ୍ରା ଡୁଙ୍ଗଡୁଙ୍ଗଙ୍କୁଁ ଯୋଗାଯୋଗ କରାଯାଇଥିଲେ ବି ଯୋଗାଯୋଗ ସମ୍‌ଭବ ନାଇଁ ହେଇପାରି। ସେନ୍‌ତା ଇ ବାବ୍‌ଦେ ଜିଲା ମୁଖିଆ ଚିକିଛା ଅଧିକାରୀ ଦିଲୀପ ପଣ୍ଡାକୁଁ ପଚ୍‌ରାଲାରୁ ଇ ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିଛା ଅଧିକାରୀକୁଁ କହୁନ୍। ସେ ସମସିଆ ବାବ୍‌ଦେ ଲେଖିକରି ଦେଲେ ଆମେ ପଦକ୍ଷେପ ନେମୁ ବଲି ସେ କହିଥିଲେ। ଇ ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିଛା ଅଧିକାରୀ ଜୟନାରାୟଣ ପଧାନଙ୍କୁଁ ପଚ୍‌ରାଲାରୁ ପାପୀ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ କରମୀକଁର ରହିବାର ଲାଗି ସବୁ ବେବସ୍ତା ରହିଛେ। ହେଲେ କ୍ୱାର୍ଟର୍ସରେ ବିଦ୍ୟୁତ୍ ସଂଯୋଗ ନାଇଁ ହେଇ। କେନ୍ଦ୍ରରେ କେହି ନାଇଁ ରହିବାର ଲାଗି ପରିବେଶଟା ବି ଅସ୍‌କୁରା ହେଇଛେ। ଯେତେ ଜଲ୍‌ଦି ହେବା ଇ ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

# ବୌଦ୍ଧରେ ବିଜେଡିର ପ୍ରତିଷ୍ଠା ଦିବସ

ବୌଦ୍ଧ,୨୬।୧୨(ସ୍ୱ.ପ୍ର)

ବୌଦ୍ଧ ବିଜେଡି ପକ୍ଷରୁ ୨୩ ତମ ପ୍ରତିଷ୍ଠା ଦିବସ ଗୁରୁବାର ଅପରାହ୍ନରେ ମହାସମାରୋହରେ ପାଳିତ ହୋଇଛି । ଜୋନାଲ ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠ, ବୌଦ୍ଧ ବ୍ଲକ ଅଧ୍ୟକ୍ଷା ରେବତୀ ମହାଲିକ, ଜିଲା ପରିଷଦ ସଭ୍ୟା ସସ୍ମିତା ମଲ୍ଲିକ, ପୂର୍ବତନ ଏନଏସି ଅଧକ୍ଷ୍ୟା ଦୀପ୍ତିପ୍ରଭା ସ୍ୱାଇଁ, ବରିଷ୍ଠ ନେତା ତାରେଣି କୁମାର ମହାପାତ୍ର, ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ଛାତ୍ର ବିଜେଡି ସଭାପତି ସଂଗ୍ରାମ କେଶରୀ ଦାସ, ସରପଞ୍ଚ ବିଦ୍ୟାଧର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିରାଟ ପଦଯାତ୍ରାରେ ବାହାରି ହାଇସ୍କୁଲ ପଡିଆରେ ଆୟୋଜିତ ସମାବେଶ ସ୍ଥଳରେ ପହଞ୍ଚିଥିଲେ। ବିଜେଡି ମିଡିଆ ସେଲ୍‌ର ପ୍ରଶାନ୍ତ ରଣାଙ୍କ ସଂଯୋଜନା ଓ ବିଧାୟକ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ପର୍ଯ୍ୟବେକ୍ଷକ କୃତିବାସ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଜିଲା ପରିଷଦ ସଦସ୍ୟା ମୁକ୍ତାସିନୀ ମଲ୍ଲିକ, ମମତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ମମତା ବେହେରା, ଜିଲା ଯୁବ ବିଜେଡି ସଭାପତି ଶମ୍ଭୁପ୍ରସାଦ ସାହୁ, ଜିଲା ଉପ ସଭାପତି ରମଣିରଞ୍ଜନ ପ୍ରଧାନ, ବ୍ଲକ ବିଜେଡି ସଭାପତି ବିପିନ ଭୋଇ, ଛାତ୍ର ବିଜେଡି ସଭାପତି ପ୍ରମୋଦ ରଣା, ଏସସି ସେଲ୍ ଜିଲା ସଭାପତି ଦେବୀପ୍ରସାଦ ନାଏକ, ସରପଞ୍ଚ ପରମେଶ୍ୱର ଖଟୁଆଙ୍କ ସମେତ ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ରାଜ୍ୟରେ ୫-ଟି, ମୋ ସରକାର, ସାମାଜିକ ସୁରକ୍ଷା ଆଦି ଯୋଜନା ମାଧ୍ୟମରେ ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ସଂକଳ୍ପବଦ୍ଧ ବୋଲି ବକ୍ତାମାନେ କହିଥିଲେ । ଶେଷରେ ତ୍ରିନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

କନ୍ଧମାଳ/ମନମୁଣ୍ଡା/ଘଣ୍ଟାପଡା, (ଡି.ଏନ.ଏ.): କନ୍ଧମାଳ ନିର୍ବାଚନ ମଣ୍ଡଳୀର କନ୍ଧମାଳ ହାଇସ୍କୁଲ ପଡିଆରେ ଗୁରୁବାର ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ବିଜେଡି ଜିଲା ସଭାପତି ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ମହୀଧର ରଣାଙ୍କ ନେତୃତ୍ୱରେ କନ୍ଧମାଳ ଗିରି ଗୋବର୍ଦ୍ଧନ ପୀଠରୁ କର୍ମୀମାନେ ଏକ




ବିଜେଡି ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।



ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥି ।

ସର୍ବଭାରତୀୟ ଲୁତୁରପଙ୍କ କପ୍ କ୍ରିକେଟ

# ସୋଲାର କ୍ରିକେଟ କ୍ଲବ କଟକ ଫାଇନାଲରେ

ଅମରପାଲି, ୨୬।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ପଡିଆରେ ଜୟଜଗନ୍ନାଥ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୪ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ସୋଲାର କ୍ରିକେଟ କ୍ଲବ କଟକ । ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଦଳ ଜେସିସି ସମ୍ବଲପୁରକୁ ହରାଇ ଦେଇଛି। ଟସ୍ ଜିଣି କଟକ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରିଥିଲା ୧୭୮ ରନ। ଦଳ ପକ୍ଷରୁ ପ୍ରୟାସ ସିଂ ଠାକୁର ୨୫ବଲରୁ ଧୁଆଁଧାର ୮୨ ରନ ସଂଗ୍ରହ କରିଥିବା ବେଳେ ଅନିସୁର ରେହେମାନ୍ ୧୮ ବଲରୁ ୪୭ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ଅମନ ଓ ୱାସିମ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସମ୍ବଲପୁର ଦଳ ୯.୨ଓଭରରେ ସମସ୍ତ ଉଇକେଟ ହରାଇ ୭୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ ସନ୍ଦୀପ ୨୬ ରନ ଓ ଡାଏନା ଦାସ ୨୩ ରନ କରିଥିଲେ। ବିପକ୍ଷ ଦଳ ପକ୍ଷରୁ ପ୍ରୟାସ ସିଂ ଠାକୁର ୨ ଓଭରରେ ୩ ରନ ଦେଇ ୩ ଉଇକେଟ ଏବଂ ପ୍ରଦୀପ୍ତ ୩ଟି ଉଇକେଟ ଅକ୍ତିଆର କରିଥିଲେ । କଟକ ଟି-୧୦କୁ ଏକତରଫା ଭାବେ ଜିତି ନେଇ ଫାଇନାଲରେ ପ୍ରବେଶ କରିଛି । ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀରେ ଶିକ୍ଷକ ଦିଲୀପ କୁମାର ଚାନ୍ଦ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ଓ ଅରବିନ୍ଦ ଶିକ୍ଷାକେନ୍ଦ୍ର ବୀରମହାରାଜପୁରର ନିର୍ଦ୍ଦେଶକ ମନୋରଞ୍ଜନ ଦାଶ ମୁଖ୍ୟ ଓ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ସୋଲାର କ୍ରିକେଟ କ୍ଲବ କଟକର ପ୍ରୟାସ ସିଂ ଠାକୁରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଆଜିର ଖେଳକୁ ପ୍ରଶାନ୍ତ ମିଶ୍ର ଓ ବିଶ୍ୱମ୍ଭର ମହାକୁଡ ପରିଚାଳନା କରିଥିଲେ । ବାଙ୍କାବିହାରୀ ମହାକୁର ସ୍କୋରିଂ ଓ ଚମାରୁ ମହାକୁର ଅନଲାଇନ ସ୍କୋରିଂ କରିଥିଲେ । ମ୍ୟାକମିଲନ ମହାକୁର ଓ ଆଶିଷ ଦେଓ ଧାରା ବିବରଣୀ ପ୍ରଦାନ କରିଥିଲେ । ଶୁକ୍ରବାରର ମ୍ୟାଚ ସୋନପୁର ଓ କଟକ ମଧ୍ୟରେ ହେବ ବୋଲି ଆୟୋଜକ କ୍ଲବ ସଦସ୍ୟର ସଭ୍ୟ ସତ୍ୟଜିତ ମହାକୁର ପ୍ରକାଶ କରିଛନ୍ତି ।




ଅତିଥିଙ୍କ ଗହଣରେ ପ୍ରୟାସ ସିଂ ଠାକୁର ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ଜାମସେଠ ହାଇସ୍କୁଲର ସିଲଭର ଜୁବିଲି ପାଳିତ

ପାଇକମାଳ, ୨୬।୧୨ (ଡି.ଏନ.ଏ)
ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ହାଇସ୍କୁଲର ୨୫ ବର୍ଷ ପୂର୍ତ୍ତି ଅବସରରେ ସୋମବାର ବିଇଓ ଚୂଡ଼ାମଣି ବାରିକଙ୍କ ସଭାପତିତ୍ୱରେ ସିଲଭର ଜୁବିଲି ପାଳିତ ହୋଇଛି । ଏହି ଉତ୍ସବରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି, ଡ. ବବ୍ରୁବାହନ ମହାପାତ୍ର ମୁଖ୍ୟବକ୍ତା ଓ ଅଭିନେତା ଅଟଳ ବିହାରୀ ପଣ୍ଡା, କବି ମନୋରଞ୍ଜନ ସାହୁ, କବି କୃଷ୍ଣଚନ୍ଦ୍ର ଭୋଇ, ଆଚାର୍ଯ୍ୟ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ବ୍ଲକ ଅଧ୍ୟକ୍ଷ ଅଲତାଫ ମହମ୍ମଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସନ୍ତୋଷ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ଗୋପାଳ ପ୍ରସାଦ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ସନ୍ତୋଷ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ୧୯୯୭ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ବାଉଁଶୁଣୀ, ୨୬।୧୨ (ଡି.ଏନ.ଏ)
ବୌଦ୍ଧ ବ୍ଲକ କରଡାପଡା ମନ୍ଦିରରେ ୧୯୯୭ ମ୍ୟାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭକ୍ତିସିଦ୍ଧାନ୍ତ ଭୋଇ, ସରୋଜ ସାହୁ, ବିରୁପ୍ରଦ ମିଶ୍ର, ରାଜେନ୍ଦ୍ର ମହାନ୍ତି, ମନୋଜ ତ୍ରିପାଠୀ, ସୁଶାନ୍ତ ଲଉରିଆ, ପ୍ରକାଶ କର୍ଣ୍ଣ, ବୀରେନ ଦାସ, ବୀରମିତ୍ର ଦେହୁରୀ, କୃଷ୍ଣଚନ୍ଦ୍ର ଅଗ୍ରୱାଲ, ଅମ୍ରେଶ ମହାଲିକ, ଦୀପକ ଅଗ୍ରୱାଲ, କୈଳାଶ ଉର୍ମାଙ୍କ ସମେତ ୩୦ଜଣ ଏକାଠି ହୋଇଥିଲେ ।

### ଭାରତୀୟ କିଶାନ ସଂଘ ସଭାପତିଙ୍କ ପରଲୋକ

ପୁରୁଣାକଟକ,୨୬।୧୨(ଡି.ଏନ.ଏ)
ବୌଦ୍ଧ ଜିଲା ଭାରତୀୟ କିଶାନ ସଂଘ ସଭାପତି ତଥା କିଡ୍‌ନୀ ପ୍ରପୀଡିତ ସଚେତନ ନାଗରିକ ମଞ୍ଚ ସଭାପତି ପ୍ରମୋଦ କୁମାର ଦେହୁରୀଙ୍କ ଗୁରୁବାର ଭୋର ସମୟରେ ହୃଦଘାତରେ ପରଲୋକ ଘଟିଛି। ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ପୋଲିସ ଚାକିରରୁ ଅବସର ଗ୍ରହଣ କରିବା ପରେ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ। ଜିଲାର ଚାଷୀଙ୍କ ନ୍ୟାଯ୍ୟ ଦାବି ନେଇ ସେ ସବୁବେଳେ ଆନ୍ଦୋଳନ କରି ଆସୁଥିଲେ। ତାଙ୍କ ଅନ୍ତିମ ସଂସ୍କାରରେ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ନିଜ ଗାଁ ଶ୍ମଶାନ ଘାଟରେ ତାଙ୍କ ଶବ ସତ୍କାର କରାଯାଇଥିଲା । ତାଙ୍କ ବଡପୁଅ ନିର୍ଲପ୍ତାନନ୍ଦ ମୁଖାଗ୍ନି ଦେଇଥିଲେ ।

# ଧାନକିଣାରେ ମିଲର୍ସ ରାଜ

- ଜୋର୍ ଧରୁଛି କଟନିଛଟନି
- ଚାଷୀଙ୍କୁ ମିଳୁନି ସହାୟକ ମୂଲ୍ୟ
- ଲାଭ ଉଠାଉଛନ୍ତି ମିଲର୍ସ, ଦଲାଲ
- ଆଖି ବୁଜିଦେଇଛି ଯୋଗାଣ ବିଭାଗ

ବରଗଡ଼ ଅଫିସ୍,୨୬।୧୨

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ୫ ଦିନ ପରେ ୨ମାସ ପୂରିବ। ତଥାପି ଧାନ କିଣାବିକା ସମସ୍ୟାରୁ ଚାଷୀ ମୁକୁଳି ପାରିନାହାଁନ୍ତି। ଚାଷୀ ପରିଚୟ ପତ୍ରରେ ତ୍ରୁଟି, ଟୋକନ ନ ମିଳିବା ଆଦି କାରଣରୁ ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ଧାନ ବିକ୍ରି କରି ପାରିନାହାନ୍ତି । ସେହିପରି ଚକ୍ଷୁ ସ୍କାନର ମ୍ୟାଚ୍ ନ ହେବା, ଆକାଉଣ୍ଟ ତ୍ରୁଟି ବିଚ୍ୟୁତିରୁ କେତେକ ସ୍ଥଳେ ଚାଷୀଙ୍କୁ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟରାଶି ମଧ୍ୟ ମିଳିପାରି ନାହିଁ। ଏହାଛଡ଼ା ମଣ୍ଡିରେ ମିଲର୍ସ ତଥା ମଧ୍ୟସ୍ଥଙ୍କ ଦ୍ୱାରା ଧାନ କଟନୀଛଟନୀ ଏବେ ଚାଷୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ମିଲର୍ସ ଧାନକ୍ରୟ ସଂସ୍ଥା ହୋଇ ନ ଥିବା ସତ୍ତ୍ୱେ ଧାନ କଟନୀଛଟନୀ କରୁଥିବାରୁ ବିକ୍ରିଧାନର ପ୍ରକୃତ ସହାୟକ ମୂଲ୍ୟ ଚାଷୀଙ୍କୁ ମିଳିପାରୁନାହିଁ । ଯେଉଁ ପରିମାଣର ଧାନ କାଟ୍‌ଛାଟ୍ ହେଉଛି, ମିଲର୍ସ ତାର ଲାଭ ଉଠାଉଥିବା ଅଭିଯୋଗ ହୋଇଛି । ଗୁରୁବାର ସାମାନ୍ୟ ବର୍ଷା ହେବା ପରେ କଟ୍‌ନୀଛଟନୀ ଆଳ ପାଇଁ ମିଲର୍ସଙ୍କୁ ତାହା ଆହୁରି ସୁହାଇଛି । କିନ୍ତୁ ମିଲର୍ସ ମଣ୍ଡିରେ ଧାନ କାଟଛାଟ୍ କରିବା ଏବଂ ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ନିରବଦ୍ରଷ୍ଟା ସାଜିବା ଧାନକିଣାବିକାରେ ସେମାନଙ୍କ ଅପାରଗତାକୁ ପଦାରେ ପକାଇ ଦେଇଛି । ଅନ୍ୟପଟେ ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବା ସହିତ ଆନ୍ଦୋଳନ ପାଇଁ ଦାନା ବାନ୍ଧୁଛି ।

ବରଗଡ଼ ଜିଲାରେ ଗତ ନଭେମ୍ବର ୧୫ତାରିଖରୁ ଧାନ କିଣାବିକା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଜିଲାର ୫୮ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଜରିଆରେ ଯୋଗାଣ ନିଗମ ଧାନ କିଣୁଛି । ଜିଲାରେ ଧାନ କିଣାବିକା ପାଇଁ ୧୭୭ଟି ମଣ୍ଡି ଖୋଲାଯାଇ ଥିବାବେଳେ କଷ୍ଟମ ମିଲିଂ ଜରିଆରେ ୧୧୪ଟି ମିଲର୍ସ ଏଥିରେ ଅଂଶଗ୍ରହଣ କରିଛନ୍ତି। ମଣ୍ଡିରେ କେବଳ ଧାନ ଉଠାଇବା ଛଡ଼ା ଅନ୍ୟ କୌଣସି କାମ ମିଲର୍ସଙ୍କ ହୋଇ ନ ଥିବାବେଳେ ଏଠାରେ ତାର ବ୍ୟତିକ୍ରମ ଦେଖାଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନକ୍ରୟ ସଂସ୍ଥା ବଦଳରେ ମିଲର୍ସମାନେ ମଣ୍ଡିର ଧାନ କିଣାବିକାରେ ରାଜ୍ ଚଳାଇଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ଧାନ ଉତ୍ତମ ଗୁଣମାନ ହୋଇଥିଲେ ସୁଦ୍ଧା ମିଲର୍ସମାନେ ନାନା ଆଳ କରି ପ୍ୟାକେଟ୍ ପ୍ରତି ୫/୭ କି.ଗ୍ରା ଧାନ କାଟ୍‌ଛାଟ୍ କରୁଛନ୍ତି। ଏପରିକି ପ୍ରତି ମଣ୍ଡିରେ ମିଲର୍ସଙ୍କ ୨/୪ଜଣ ଲେଖାଏଁ ମଧ୍ୟସ୍ଥି ଅଛନ୍ତି ଏବଂ ସେଭଳି କାଟ୍‌ଛାଟ୍‌ରେ ଚାଷୀ ରାଜି ନ ହେଲେ ସେମାନଙ୍କ ଧାନ ଉଠାଇବୁ ନାହିଁ ବୋଲି ମିଲର୍ସମାନେ ରୋକ୍‌ଠୋକ୍ ମନା କରି ଦେଉଛନ୍ତି । ଫଳରେ ଚାଷୀମାନେ ସରକାରୀ ନିର୍ଦ୍ଧାରିତ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ସେଭଳି କାଟ୍‌ଛାଟ୍ ଯୋଗୁ ଚାଷୀଙ୍କୁ କୁଇଣ୍ଟାଲ ପ୍ରତି ଶହେରୁ ଦୁଇଶହ ଟଙ୍କା ଲେଖାଏଁ କ୍ଷତି ସହିବାକୁ ପଡୁଛି ବୋଲି ଚାଷୀନେତା ହର ବଣିଆ ଅଭିଯୋଗ କରିଛନ୍ତି।

ସେହିପରି ଜୟ କିଶାନ ଆନ୍ଦୋଳନର ଜିଲା ଆବାହକ ରମେଶ ମହାପାତ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ସମ୍ପୂର୍ଣ୍ଣ ଫେଲ ମାରିଛି। ମଣ୍ଡିରେ କୌଣସି ପ୍ରକାର ବ୍ୟବସ୍ଥା ନାହିଁ। ଧାନକ୍ରୟ ସଂସ୍ଥାର ଦାୟିତ୍ୱହୀନତା ଯୋଗୁ ମଣ୍ଡିରେ ଧାନ କିଣାବିକାର କିଛି ଭିତ୍ତିଭୂମି ନାହିଁ। ଏଥିପ୍ରତି ରାଜ୍ୟ ସରକାର ସମ୍ପୂର୍ଣ୍ଣ ନିରବ ରହିଛନ୍ତି ଏବଂ ମିଲର୍ସଙ୍କ ମର୍ଜିରେ ଧାନ କିଣାବିକା ଚାଲିଛି। ଏହାର ସୁଯୋଗ ନେଇ ମିଲର୍ସମାନେ କଟନୀଛଟନୀ କରୁଛନ୍ତି ଏବଂ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଚାଷୀଙ୍କ ପ୍ରତି ଏଭଳି ଶୋଷଣକୁ ବରଦାସ୍ତ କରାଯିବ ନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ନ ନେଲେ ଚାଷୀମାନେ ଆଗକୁ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟହେବେ ବୋଲି ମହାପାତ୍ର ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ଭେସ୍ରାଙ୍କୁ ପଚାରିବାରୁ ମଣ୍ଡିରେ କଟନୀଛଟନୀ କିମ୍ବା ବର୍ଷା ଯୋଗୁ ମଣ୍ଡିରେ ଧାନ ଭିଜିବା ଖବର ତାଙ୍କ ପାଖରେ ନାହିଁ ବୋଲି କହିଥିଲେ ।

## ଲୋହାରକୋଟ ଗ୍ରାମ ରାସ୍ତା ଶୁଭ ଦେଲେ ଜିଲାପାଳ



ଗ୍ରାମ ରାସ୍ତା ଶୁଭାରମ୍ଭ କାର୍ଯ୍ୟରେ ଜିଲାପାଳ ଓ ଅନ୍ୟମାନେ ।

ପାଇକମାଳ, ୨୬।୧୨ (ଡି.ଏନ.ଏ)

ବରଗଡ ଜିଲା ଉପାନ୍ତ ଚରଦାପାଲି ପଞ୍ଚାୟତ ଲୋହରାକୋଟରୁ ଝାରବନ୍ଧ ବ୍ଲକ ନୂଆପଡା ଗ୍ରାମକୁ ରାସ୍ତା ନ ଥିଲା। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବୁଧବାର ଉକ୍ତ ଗ୍ରାମ ରାସ୍ତା ନିର୍ମା ପାଇଁ ଶୁଭ ଦେଇଛନ୍ତି। ଉକ୍ତ ରାସ୍ତା ନିର୍ମାଣ ପାଇଁ ଏମ୍‌ଜିଏନଆରଜିଏସରେ ୨୦ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ଜିଲାପାଳ ପ୍ରଧାନ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ତନ୍ମୟ ଦରୱାନ, ପାଇକମାଳ ବିଡିଓ ସଦାଶିବ ନାୟକ, ସରପଞ୍ଚ ଗିରିଶ ଚନ୍ଦ୍ର ନାଏକ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଏସ. କେ. କଶ୍ୟପ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଜିଲାପାଳ ସମ୍ବଲପୁରୀ ଗ୍ରାମକୁ ଯାଇ ସେଠାରେ ପ୍ରସୂତି ମହିଳା, ଆବାସ ଗୃହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ ।

## ଗୋଡ଼ଭଗାରେ ହେବ ମାହେଶ୍ୱରୀ ସଂସ୍କୃତି ଭବନ

ବରଗଡ଼ ଅଫିସ୍,୨୬।୧୨

ବରଗଡ଼ ଜିଲା ଅତାବିରା ବ୍ଲକ ସମଲେଶ୍ୱରୀ ମନ୍ଦିର ନିକଟରେ ନୂତନ ମାଁ ମାହେଶ୍ୱରୀ ସଂସ୍କୃତି ଭବନ ଏବଂ ମାଁ ମାହେଶ୍ୱରୀଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଅବସରରେ ପରିଷଦ ସଭାପତି ହରିଶଙ୍କର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଗୋଡ଼ଭଗା ଯାଇ ଭୂମିଦାତା ଲକ୍ଷ୍ମଣ ଛନ୍ଦକୁ ଭେଟି ଆଲୋଚନା କରିଛନ୍ତି। ଏହାସହିତ ଦାନ କରିଥିବା ଜମି ଚିହ୍ନଟ କରି ମନ୍ଦିର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ବେହେରା ସୂଚନା ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଚୈତନ୍ୟ କର୍ଣ୍ଣ, ଆନନ୍ଦ କର୍ଣ୍ଣ, ନୀଳାମ୍ବର ମହାକୁର, ଶେଖର ଗାଇଗରିଆ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଗୁରୁବାର ପରିଷଦ ସଭାପତି ବେହେରାଙ୍କ ସମେତ ଗୁଣମଣି କର୍ଣ୍ଣ, ସରପଞ୍ଚ କମଳାକାନ୍ତ ଛନ୍ଦ ପ୍ରମୁଖ ସେହି ସ୍ଥାନ ପରିଦର୍ଶନ କରିଥିଲେ।



କର୍ମକର୍ତ୍ତା ମାହେଶ୍ୱରୀ ସଂସ୍କୃତି ଭବନ ପାଇଁ ନିରୂପିତ ସ୍ଥାନ ପରିଦର୍ଶନ କରୁଛନ୍ତି ।

## ବରଗଡ଼ରେ ବିଜେଡିର ପ୍ରତିଷ୍ଠା ଦିବସ




ବିଜେଡି ପ୍ରତିଷ୍ଠା ଦିବସ ସଭାରେ ମଞ୍ଚାସୀନ ଅତିଥି ।

ବରଗଡ଼ ଅଫିସ୍,୨୬।୧୨

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଗୁରୁବାର ବିଜେଡ଼ିର ପ୍ରତିଷ୍ଠା ଦିବସ ପାଳିତ ହୋଯାଇଛି। ଦଳର ବରଗଡ଼ ଟାଉନ ସଭାପତି କିଶୋର ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ନେତା ଓ କର୍ମୀ ସ୍ଥାନୀୟ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଟାଉନ ସଭାପତି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଭାତାଦିତ୍ୟ ମିଶ୍ର, ଉପସଭାପତି ବିମଳ କିଶୋର ଦେବତା, ସମ୍ପାଦକ ଶ୍ୟାମସୁନ୍ଦର ଅଦାବର, ରାଜ୍ୟ ବିଜେଡ଼ି କାଉନସିଲ ସଦସ୍ୟ ଅଚ୍ୟୁତାନନ୍ଦ ମହାପାତ୍ର, ପୂର୍ବତନ ବିଧାୟକ ସାଧୁଚରଣ ନେପାକ, ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ, ବରିଷ୍ଠ ବିଜେଡ଼ି ନେତା ସମୀର ସିଂ, ଦେବବ୍ରତ ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଜିଲା ବିଜେଡ଼ି ଯୁବ ସଭାପତି ହିମାଂଶୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ସୋହେଲା,୨୬।୧୨(ଡି.ଏନ.ଏ)
ସୋହେଲା ନିକଟସ୍ଥ ହଳଦିପାଲି ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦେଇ ବିଜେଡିର ଗଠନର ଇତିହାସ ଏବଂ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋଚନା କରିଥିଲେ। ସୋହେଲା ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ବ୍ଲକ ସଭାପତି ଦୟାନିଧି ପଟେଲ, ଜିଲା ପରିଷଦ ସଭ୍ୟ ସୁବ୍ରତ ବେହେରା, ନିତ୍ୟାନନ୍ଦ ପଧାନ, ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷା ନୀଳକୁମାରୀ ନାୟକ, ଅମ୍ବାଭୋନା ବ୍ଲକ ସଭାପତି ରଘୁ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ପରିଷଦ ସଭ୍ୟ ସୁବ୍ରତ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ ପାଳିତ

ଜହ୍ନାପଙ୍କ, ୨୬।୧୨ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଜହ୍ନାପଙ୍କ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଜେପିଏ ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତାର ୬ଷ୍ଠ ଦିନରେ ବନ୍ଧାପଥର ଓ କମିରା ଦଳ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ବନ୍ଧାପଥର ଦଳ ବିଜୟୀ ହୋଇଛି। ପ୍ରଥମେ ବନ୍ଧାପଥର ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୩ ରନ କରିଥିଲା। ଜବାବରେ କମିରା ଦଳ ୧୦.୪ ଓଭରରେ ସମସ୍ତ ଉଇକେଟ ହରାଇ ୫୩ ରନ କରି ପରାଜିତ ହୋଇଥିଲା। ଶୁକ୍ରବାର ବୁରକଟା ସହିତ ପଦ୍ମନପୁର ଏବଂ ବଲାକିରା ସହିତ ଖୁଣ୍ଟିଆପଡା ମଧ୍ୟରେ ମ୍ୟାଚ୍ ହେବ ।

### ପରିଶ୍ରମ ହିଁ ସ୍ୱପ୍ନକୁ ସାକାର କରିଥାଏ

ପଦ୍ମପୁର, ୨୬।୧୨ (ଡି.ଏନ.ଏ)
ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ପ୍ରକାଶ କୁମାର ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିଶ୍ରମ ହିଁ ସ୍ୱପ୍ନକୁ ସାକାର କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିବିକ୍ରମ ପାଣିଗ୍ରାହୀ, ଏସଏମସି ଅଧକ୍ଷା ସରସ୍ୱତୀ ଭୋଇ ଓ ଅଗସ୍ତି ଭୋଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁରେନ୍ଦ୍ର କୁମାର ଭୋଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଗୀତିନାଟ୍ୟ ମୋ ସ୍କୁଲ ଉନ୍ମୋଚିତ ହୋଇ ମଞ୍ଚସ୍ଥ ହୋଇଥିଲା। ସୁରେନ୍ଦ୍ର କୁମାର ଭୋଇ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ତିଳେଶ୍ୱର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ
## ଫାଇନାଲରେ ବରଗଡ

ପୁରୁଣାକଟକ,୨୬।୧୨(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଳେଶ୍ୱର ଠାରେ ବଜାର ଆସୋସିଏଶନ ଓ ଫ୍ରେଣ୍ଡ୍‌ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୧୯ତମ ତିଳେଶ୍ୱର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ୟୁନାଇଟେଡ ସ୍ପୋର୍ଟସ ବରଗଡ ସହିତ ରାଇଜିଙ୍ଗ ଷ୍ଟୁଡେଣ୍ଟ କଟକ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ଚିତ୍ତାକର୍ଷକ ମ୍ୟାଚରେ କଟକ ଦଳକୁ ୧-୦ ଗୋଲରେ ବରଗଡ ହରାଇ ଫାଇନାଲକୁ ପ୍ରବେଶ କରିଛି । ଏଥିରେ ପୁରୁଣାକଟକ ରାଣିସତୀ ରାଇସ୍ ମିଲ୍‌ର ମ୍ୟାନେଜିଙ୍ଗ ଡାଇରେକ୍ଟର ଅଶୋକ କୁମାର ଅଗ୍ରୱାଲା ମୁଖ୍ୟଅତିଥି, ପୁରୁଣାକଟକ ଥାନା ଅଧିକାରୀ ଜ୍ୟୋତ୍ସ୍ନାରାଣୀ କାଉଁରି ସମ୍ମାନିତ ଅତିଥି ଭାବେ ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟ ରେଫରି ଭାବେ ଶ୍ୟାମସୁନ୍ଦର ଶାହା ଖେଳ ପରିଚାଳନା କରିଥିବା ବେଳେ ସତ୍ୟନାରାୟଣ ମୁଖି, ସରୋଜ କୁମାର ମୁନି, ସୁନୀଲ କୁମାର ବେହେରା, ସୁଜିତ ରାଜହଂସ ଲାଇନ୍ସମ୍ୟାନ ଭାବେ କାର୍ଯ୍ୟ ତୁଲାଇଥିଲେ। ଆସୋସିଏଶନ ସଭାପତି ଅର୍ଜୁନ ପ୍ରଧାନ, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ଶୁଭ୍ରଜିତ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶୁକ୍ରବାର ଗ୍ରୁପ୍ ବି ର ପ୍ରଥମ ମ୍ୟାଚ ଫୁଲବାଣୀ ଫୁଟବଲ ଆସୋସିଏଶନ ସହିତ ୟାଜଦାନୀ କ୍ଲବ - ୭୩ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ: ଆମ୍ବଶଢ଼ା ଚାମ୍ପିୟନ

ବରଗଡ଼ ଅଫିସ୍,୨୬।୧୨
ବରଗଡ଼ ବ୍ଲକ ଆମ୍ବସଢ଼ାରେ ବୀର ସୁବାଷ ଯୁବକ ସଂଘ ଆନୁକୂଲ୍ୟରେ ଗୁରୁବାର ଏକଦିବସୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଅନଗାଁ, ଆମ୍ବସଢ଼ା, କଣେଇକେଲା, ଲଦିଦା, ଢୁଙ୍ଗୁରିପାଲି, ତରକେଲା ଏବଂ ବୁଦେଲପାଲି ଦଳ ଅଂଶଗ୍ରହଣ କରିଥିଲେ। ଆମ୍ବସଢ଼ା ଓ କଣେଇକେଲା ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ଆମ୍ବସଢ଼ା ପ୍ରତିପକ୍ଷ କଣେଇକେଲାକୁ ୩-୨ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲା। ଶିଳ୍ପପତି ସୁଶିଳ ଦାଶ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ସେହିପରି ସୁବାସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ଯୁବନେତା ଉମେଶ ପଣ୍ଡା, ସରପଞ୍ଚ କେ. ଭି ରେଡ୍ଡି, ସମିତିସଭ୍ୟ ସୁବାସ କୁଦେଇ, ଅରୁଣ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ରମେଶ ସେଠ, ଶ୍ୟାମଲାଲ ସାହୁ, ଦେବାଶିଷ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ କୃତୀ ଦଳର ଖେଳାଳିମାନେ ।

## କ୍ରିକେଟ: ସେମିରେ ରାୟପୁର ରିଆଜ ଏକାଡେମୀ

ଭଟଲି,୨୬।୧୨ଡି.ଏନ.ଏ.)

ଭଟଲି ବ୍ଲକ ଅନ୍ତର୍ଗତ ନୂଆଗଡ଼ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ୫ମ ଦିବସରେ ପାଟଣାଗଡ ପିସିସି ଓ ରାୟପୁର ରିଆଜ ଏକାଡେମୀ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ରାୟପୁର ଦଳ ପାଟଣାଗଡକୁ ୨୪ ରନରେ ହରାଇ ସେମି ଫାଇନାଲକୁ ପ୍ରବେଶ କରିଛି । ପାଟଣାଗଡ ଦଳ ଟସ୍ ଜିଣି ରାୟପୁର ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ରାୟପୁର ଦଳ ୨୪.୦୫ ଓଭରରେ ସମସ୍ତ ଖେଳାଳିଙ୍କୁ ହରାଇ ୧୬୫ ରନ ସଂଗ୍ରହ କରିଥିଲା । ଦଳର ଆୟୁଷ ଶର୍ମା ୩୯ଟି ବଲ୍ ସାମନା କରି ୬ଟି ଚୌକା ଓ ୩ଟି ଛକ୍କା ସହାୟତାରେ ୫୮ ରନ ସଂଗ୍ରହ କରିଥିଲେ । ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ କରାଯାଇଥିଲା । ପାଟଣାଗଡର ବୋଲର କୁନାଲ ପଣ୍ଡା ୫ ଓଭର ବୋଲିଂ କରି ୩୧ ରନ ଦେଇ ୪ଟି ଉଇକେଟ ନେଇଥିଲେ । ପାଟଣାଗଡ ଦଳ ୧୬୬ ରନର ବିଜୟ ସ୍କୋରକୁ ପିଛା କରି ୨୩.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ ରନ କରି ପରାଜିତ ହୋଇଥିଲା । ମହମ୍ମଦ ଇସାକ ଏବଂ ପ୍ରଭଞ୍ଜନ ବଳ ଖେଳ ପରିଚାଳନା କରିଥିବାବେଳେ ଅଶୋକ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ସେହିପରି ରାଜକୁମାର ସାହୁ, ସୁବଳ ସାହୁ ଏବଂ ନକୁଳ ନାଏକ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ । ମୁନସୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ନୂଆଗଡ ସରପଞ୍ଚ ସୁଜାତା ପାଣ୍ଡେ ମୁଖ୍ୟଅତିଥି, ଡବଲଙ୍ଗ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ କୁଅଁର, ଦିବାକର ପାଣ୍ଡେ, ସତ୍ୟରାମ ଖମାରୀ ଏବଂ ରୋମାଞ୍ଚଳ ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆନନ୍ଦ ସାହୁ, ଜୟନ୍ତ ସାହୁ, ଯୋଗେଶ୍ୱର ପଧାନ, ତ୍ରିଲୋଚନ ଖମାରୀ, ପବିତ୍ର ସାହୁ, ହରିଶ ସାହୁ, ଆୟୁଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।




କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

## ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ କଟକ

### ଛିନ୍ଦେଇକେଲା ସର୍ବଭାରତୀୟ କ୍ରିକେଟ

ପାଇକମାଳ, ୨୬।୧୨ (ଡି.ଏନ.ଏ)

ପାଇକମାଳ ବ୍ଲକ ଛିନ୍ଦେଇକେଲା ମିନି ଷ୍ଟାଡିୟମରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୫ତମ ଛିନ୍ଦେଇକେଲା ସର୍ବଭାରତୀୟ ସିଲଭର କ୍ରିକେଟର ଚତୁର୍ଥ ଦିନରେ ରାଞ୍ଚି ରେଲୱେ ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ କଟକ ରାଞ୍ଚି ରେଲୱେକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ରାଇଜିଂ ଷ୍ଟୁଡେଣ୍ଟ କଟକ ଟସ୍ ଜିଣି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲା। ଜବାବରେ ରାଞ୍ଚି ରେଲୱେ ୬ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିବା ହାରିଥିଲା। ଟି-୧୦ ଫର୍ମାଟରେ ରାଞ୍ଚି ରେଲୱେ ୮ଉଇକେଟ ହରାଇ ୬୮ ରନ କରି କଟକ ଦଳକୁ ୩୪ ରନର ଟାର୍ଗେଟ ଦେଇଥିଲେ । ଏହାର ଜବାବରେ ରାଇଜିଂ ଷ୍ଟୁଡେଣ୍ଟ କଟକ ୯ ଉଇକେଟ ହରାଇ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଓସିଏ ପ୍ୟାନେଲ ଅମ୍ପାୟାର ସଞ୍ଜୟ ନାୟକ ଓ ଅମୀୟ କୁମାର ପାଢ଼ୀ ଖେଳ ପରିଚାଳନା କରିଥିଲେ । ଆକାଶ ସାହୁ ଓ ବବଲୁ ପୃଷ୍ଟି ସ୍କୋରର ଥିବା ବେଳେ ରମେଶ ସାହୁ ଓ କାର୍ତ୍ତିକ ନିଆଲ ଧାରା ବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚରେ ଶତ୍ରୁଘ୍ନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳ ଉଦଘାଟନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ମନୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କଟକ ଦଳର ଧୀରଜ ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଶୁକ୍ରବାର ଗ୍ରୁପ ବି ପର୍ଯ୍ୟାୟରେ ପ୍ରଥମ ଖେଳ ଜାମସେଦପୁର ଓ ଜଗଦଲପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ଆନନ୍ଦ ସାହୁ ସୂଚନା ଦେଇଛନ୍ତି ।




କୃତୀ ଦଳକୁ ପୁରସ୍କୃତ କରାଯାଉଛି ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



**ସଂକ୍ଷେପରେ**



## ଡାକଟିକେଟ ସଂଗ୍ରାହକ ପୁରସ୍କୃତ

**ବୌଦ୍ଧ,୨୬।୧୨(ସ୍ୱ.ପ୍ର):** ବମ୍ବେଠାରେ ଆୟୋଜିତ ଜାତୀୟ ଡାକଟିକେଟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ବୌଦ୍ଧର ଡାକଟିକେଟ ସଂଗ୍ରାହକ ବିଶ୍ୱନାଥ ମିଶ୍ର ରୌପ୍ୟ ପଦକ ହାସଲ କରିଛନ୍ତି । ବମ୍ବେସ୍ଥିତ ୱାର୍ଲଡ ଟ୍ରେଡ ସେଣ୍ଟରର କଫି ପରେଡ ଠାରେ ହୋଇଥିବା ଏହି ପ୍ରଦର୍ଶନୀରେ ଦେଶର ବିଭିନ୍ନ ରାଜ୍ୟରୁ ୨୧୪ ଜଣ ଡାକଟିକେଟ ସଂଗ୍ରହକାରୀ ଅଂଶଗ୍ରହଣ କରିଥିଲେ । ବନ ବିଭାଗ କିରାଣୀ ଚାକିରୀରୁ ଅବସର ଗ୍ରହଣ କରିବା ପରେ ଡାକଟ ଟିକେଟ ସଂଗ୍ରାହକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଶ୍ୱନାଥ ଏହି ପ୍ରଦର୍ଶନୀରେ ଓଡ଼ିଶା ପକ୍ଷରୁ ଅଂଶଗ୍ରହଣ କରିବାର ସୁଯୋଗ ପାଇବା ସହ ରୌପ୍ୟ ପଦକ ହାସଲ କରିଛନ୍ତି ।

### ପକ୍ଷୀ, ବାସସ୍ଥଳୀର ସୁରକ୍ଷା ଚିନ୍ତା

# ଏକାଠି ହେଲେ ପରିବେଶବିତ୍

**ସୋନପୁର,୨୬।୧୨(ନି.ପ୍ର.)**



ପକ୍ଷୀ ସମ୍ଭାର କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

ସୁବର୍ଣ୍ଣପୁର ଜିଲାରେ ଛୋଟ ବଡ ନଦୀ, ନାଳ ଓ ବହୁ ସଂଖ୍ୟକ ବନ୍ଧ ରହିଛି। ଜଙ୍ଗଲ ସମ୍ପଦ ଓ ଉତ୍ତମ ଜଳବାୟୁ ଅଛି। ସ୍ଥାନୀୟ ଅଞ୍ଚଳରେ ଦେଖା ଯାଉଥିବା ପକ୍ଷୀଙ୍କ ସମେତ ଦେଶ ଓ ବିଦେଶର ବିରଳ ପକ୍ଷୀଙ୍କ ସମାଗମ ହେଉଛି। ତେଣୁ ପକ୍ଷୀ ଓ ସେମାନଙ୍କ ବାସସ୍ଥଳୀର ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି ଜିଲାର କେତେକ ପକ୍ଷୀ ପ୍ରେମୀ ଓ ପରିବେଶବିତ୍। ଗୁରୁବାର ବନଖଣ୍ଡୀୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ପକ୍ଷୀ ସମ୍ଭାର ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସାମନ୍ତରାୟ କହିଥିଲେ ମହାନଦୀ ଶଯ୍ୟାରେ ଏବେ ବିଦେଶାଗତ ପକ୍ଷୀଙ୍କ ଭିଡ ଜମୁଛି। ବିରଳ ପକ୍ଷୀ କମନ ମରଗାନସର ଓ ବ୍ଲାକ ବେଲିଡ୍ ଟର୍ନଙ୍କ ବିଚରଣ ମହାନଦୀର ଶୋଭା ବଢାଉଛି। ଏହି ପକ୍ଷୀଙ୍କ ସୁରକ୍ଷା ଜରୁରି। ବାସସ୍ଥଳୀର ସୁରକ୍ଷା ପାଇଁ ନଦୀଗର୍ଭରେ ବ୍ଲାଷ୍ଟିଂ ଓ ବେଆଇନ ବାଲି ଉତ୍ତୋଳନ ବନ୍ଦ କରିବା ଆବଶ୍ୟକ। ନଦୀ ବାଲିରେ ଭୋଜି ସମୟରେ ପଲିଥିନ ପକାଇ ଅପରିଷ୍କାର କରିବା ମଧ୍ୟ ଚିନ୍ତାଜନକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଉମାକାନ୍ତ ନାଗ ଯୋଗଦେଇ ବିଶ୍ୱ ଉତ୍ତାପନ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ କ୍ଷୟ ଓ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ବହୁ ପକ୍ଷୀ ପୃଥିବୀରୁ ଲୋପ ପାଇ ଗଲେଣି। ଆଉ କିଛି ପକ୍ଷୀ କାଁ ଭାଁ ଦେଖିବାକୁ ମିଳୁଛନ୍ତି। ସେମାନଙ୍କ ପାଇଁ ଅନୁକୂଳ ପରିବେଶ, ଖାଦ୍ୟ ଓ ବାସସ୍ଥାନ ଆବଶ୍ୟକ ବୋଲି କହିଥିଲେ। ସଭାକୁ ସଂଯୋଜନା କରି ସହକାରୀ ବନ ସଂରକ୍ଷକ ସୁଶିଲ କୁମାର ତ୍ରିପାଠୀ କହିଲେ ପକ୍ଷୀ ମଣିଷ ପାଇଁ ଉପକାରୀ। କାଉ ମଳରୁ ମଞ୍ଜି ପଡି ଅଶ୍ୱତଥ ଭଳି ବୃହତ ଗଛ ଜନ୍ମ ହୁଏ । କିନ୍ତୁ ପରିବେଶ ପ୍ରଦୂଷଣ, ସଚେତନତା ଅଭାବରୁ ଜଙ୍ଗଲ ଓ ଘାସରେ ଲୋକେ ନିଆଁ ଲଗାଇବା ଯୋଗୁଁ ବହୁ ପକ୍ଷୀ ଲୋପ ପାଇଲେଣି । ତେବେ ମଣିଷ ଆଖପାଖରେ ରହିବାକୁ ପସନ୍ଦ କରୁଥିବା ଘରଚଟିଆ, ପାରା ଓ କାଉ ଭଳି ପକ୍ଷୀମାନଙ୍କୁ ପାଣି ଓ ଖାଦ୍ୟ ଦେବାକୁ ତ୍ରିପାଠୀ ପରାମର୍ଶ ଦେଇଥିଲେ। ପକ୍ଷୀ ବିଶେଷଜ୍ଞ ଓମ ପ୍ରକାଶ ରାଉତ, ଦୀନେଶ ରଞ୍ଜନ ମିଶ୍ର ଓ ଶୁଭମ ରାଉତ ଜିଲାରେ ପକ୍ଷୀଙ୍କ ସ୍ଥିତି ଓ ସୁରକ୍ଷା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପକ୍ଷୀ ପ୍ରେମୀ ଶ୍ୟାମା ଓଁ ପ୍ରସାଦ ମିଶ୍ର, ସ୍ୱଚ୍ଛ ଭାରତ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ଲକ୍ଷ୍ମୀନାରାୟଣ ମେହେର, ଶିକ୍ଷାବିତ ଅମ୍ବୁଜ ବିହାରୀ ଶତପଥୀ, ତାପସ କୁମାର ବେଉରା, ପ୍ରଭୁଦତ୍ତ ରଥ, ସୋନପୁର କଲେଜ ପ୍ରାଣିବିଜ୍ଞାନ ବିଭାଗର ଛାତ୍ରୀ ସମୀକ୍ଷା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫୁଲବାଣୀ ଏକାଦଶ ବିଜୟୀ

**ସୋନପୁର,୨୬।୧୨(ନି.ପ୍ର.)**

ସୋନପୁର ରୟାଲ ପଡିଆଠାରେ ଚାଲିଥିବା ୮ମ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ମ୍ୟାଚ୍‌ରେ ଫୁଲବାଣୀ ଏକାଦଶ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବ ଓ ଫୁଲବାଣୀ ଏକାଦଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଫୁଲବାଣୀ ଏକାଦଶ ୩-୨ ଗୋଲରେ ବିଜୟୀ ହୋଇଥିଲା। ମହମ୍ମଦ ଆକବର ଖାଁ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିର୍ମଳ ନେଗୀ, ସତ୍ୟନାରାୟଣ ରାଓ, ଦିପ୍ତି ନାଏକ, ରାମଶଙ୍କର ଖମାରୀ ଓ ପ୍ରମୋଦ ମଲ୍ଲିକ ଯୋଗଦାନ କରିଥିଲେ। ସୁଦାମ ଜଗଦଲା, ସିଦ୍ଧାର୍ଥ ପାତ୍ର, ରାଜେଶ ଥନାପତି, ବାବୁଲା ସାହୁ, ସବ୍ୟସାଚୀ ମିଶ୍ର ଓ ପ୍ରଶାନ୍ତ ସେଠୀ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ରାକେଶ ନାଗ ସଭାରେ ଅଧ୍ୟକ୍ଷତା କରିଥିଲେ। ବେଷ୍ଟ ଡିଫେନ୍ସ ଭାବେ ସୋନପୁରର ସୁଶିଲ ନାଏକ, ବେଷ୍ଟ ଗୋଲକିପର ଫୁଲବାଣୀର ଜୟନ୍ତ ବିଶୋଇ, ବେଷ୍ଟ ମିଡ ଫିଲଡର ଭାବେ ରଜତ ନାଗ, ବେଷ୍ଟ ଫରୱାର୍ଡ ଦଶରଥ କହଁର ଓ ହିରୋ ଅଫ ଦି ମ୍ୟାଚ୍ ଭାବେ ଫୁଲବାଣୀର ଶୁକମଣି କହଁରଙ୍କୁ ପୁରସ୍କୃତ କରା ଯାଇଥିଲା। ଶୁକ୍ରବାର ସାଇଟ ବଲାଙ୍ଗୀର ଓ ଝାରସୁଗୁଡାର ଜେବି କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ଅତିଥିବୃନ୍ଦ ବିଜୟୀ ଦଳର ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

### ବଟ୍‌ଲିଂ ପ୍ଲାଣ୍ଟ, ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ଉଦ୍‌ଘାଟନ ଆଜି

# ସୁରକ୍ଷା ବ୍ୟବସ୍ଥା କଡାକଡି, ୩୦ପ୍ଲାଟୁନ୍ ଫୋର୍ସ ମୁତୟନ

**ବଲାଙ୍ଗୀର ଅଫିସ, ୨୬।୧୨**

ବଲାଙ୍ଗୀରଠାରେ ନବନିର୍ମିତ ବିପିସିଏଲର ବଟ୍‌ଲିଂ ପ୍ଲାଣ୍ଟ ଏବଂ ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ସମାରୋହ ଉଦ୍‌ଘାଟନ ସମାରୋହ ଶୁକ୍ରବାର ଅନୁଷ୍ଠିତ ହେବ । ଉଭୟ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଯୋଗଦେବେ ଭାରତର ଉପରାଷ୍ଟ୍ରପତି ଏମ୍.ଭେଙ୍କିୟା ନାଇଡୁ । ସକାଳ ୮ଟା ୫ମିନିଟ୍‌ରେ ରାୟପୁରରୁ ଭାରତୀୟ ବାୟୁସେନାର ହେଲିକପ୍ଟର ଯୋଗେ ଆସି ଉପରାଷ୍ଟ୍ରପତି ନାଇଡୁ ପୂର୍ବାହ୍ନ ୯ଟାରେ ପଥରଚେପା ହେଲିପ୍ୟାଡରେ ପହଞ୍ଚିବେ । ସେଠାରୁ ବରକାନୀ ଯାଇ ବିପିସିଏଲର ବଟ୍‌ଲିଂ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିବେ । ପରେ ସେଠାରୁ ରାଜେନ୍ଦ୍ର କଲେଜକୁ ଆସି ପ୍ଲାଟିନମ୍ ଜୁବିଲି କାର୍ଯ୍ୟକ୍ରମରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଯୋଗଦେବେ । ଉପରାଷ୍ଟ୍ରପତିଙ୍କ ଗସ୍ତକୁ ଆଖି ଆଗରେ ରଖି ବଲାଙ୍ଗୀର ସହରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ସହରରେ ୩୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବା ସମ୍ବଲପୁର ଡିଆଇଜି ହିମାଂଶୁ ଲାଲ ସୂଚନା ଦେଇଛନ୍ତି । ଗୁରୁବାର ଡିଆଇଜି ହିମାଂଶୁ ଲାଲ, ଏସ୍‌ପି ସନ୍ଦୀପ ମାଡକର ଓ ଜିଲାପାଳ ଅରିନ୍ଦମ ଡାକୁଆ ସମସ୍ତ ସୁରକ୍ଷା ତଦାରଖ କରିଛନ୍ତି । ଏହା ସହିତ ସମସ୍ତ କାର୍ଯ୍ୟ ପ୍ରୋଟକଲ ଅନୁଯାୟୀ ହେଉଥିବା ସୂଚନା ଦେଇଛନ୍ତି । ଉପରାଷ୍ଟ୍ରପତିଙ୍କ ସହ ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, କନକ ବର୍ଦ୍ଧନ ସିଂଦେଓ ଅତିଥିଭାବେ ଯୋଗଦାନ କରିବେ । ପ୍ରଥମ ଥର ପାଇଁ ବଲାଙ୍ଗୀରକୁ ଦେଶର କୌଣସି ଉପରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ହୋଇଛି । ତେବେ ପୂର୍ବରୁ ଏମ୍. ଭେଙ୍କିଆ ନାଇଡୁ ଭାଜପା ଦଳରେ କାର୍ଯ୍ୟକର୍ତ୍ତା ଥିବାବେଳେ ବଲାଙ୍ଗୀର ଗସ୍ତରେ ଆସିଥିଲେ ।


ଏସ୍‌ପି ଓ ଜିଲାପାଳ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି ।

# ପ୍ଲାଟିନମ ଜୁବିଲି ଉତ୍ସବରେ ଯୋଗଦେବେନି ନରସିଂହ

## ଉତ୍ସବ ସଫଳ କରିବାକୁ କଲେ ଅପିଲ

**ବଲାଙ୍ଗୀର ଅଫିସ,୨୬।୧୨**

ଶୁକ୍ରବାର ଭାରତର ଉପରାଷ୍ଟ୍ରପତି ଏମ୍ ଭେଙ୍କିଆ ନାଇଡୁ ବଲାଙ୍ଗୀର ଆସି ବିପିସିଏଲର ବଟଲିଂ ପ୍ଲାଣ୍ଟ ଏବଂ ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲିକୁ ଉଦ୍‌ଘାଟନ କରିବେ । ପ୍ରଟୋକଲ ଅନୁଯାୟୀ ଆମନ୍ତ୍ରଣ କରାଯାଇଥିବାରୁ ବଟଲିଂ ପ୍ଲାଣ୍ଟ ଉତ୍ସବରେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଯୋଗଦେବେ। ତେବେ ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲିର ଉଦ୍ଘାଟନୀ ସମାରୋହ ପାଇଁ ନିମନ୍ତ୍ରଣ କାର୍ଡରେ ତାଙ୍କ ନାମ ଅତିଥି ଭାବେ ଉଲ୍ଲେଖ ଥିବା ସତ୍ତ୍ୱେ ତାଙ୍କୁ ବିଧିବଦ୍ଧ ଭାବେ ନିମନ୍ତ୍ରଣ ପତ୍ର ଦିଆଯାଇ ନ ଥିବାରୁ ସେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ଏହି କାରଣକୁ ନେଇ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହେବା ଏବଂ ରାଜେନ୍ଦ୍ର କଲେଜର ପ୍ଲାଟିନମ୍ ଜୁବିଲିକୁ ସମ୍ପୂର୍ଣ୍ଣ ସଫଳ କରିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ ଜଣାଇଛନ୍ତି । ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି ଏନେଇ ବିଧାୟକ ମିଶ୍ର ସୂଚନା ଦେବା ସହ ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁ ବଲାଙ୍ଗୀର ଆସୁଥିବାରୁ ସ୍ୱାଗତ କରିଥିଲେ।


ନରସିଂହ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରୁଛନ୍ତି ।

### ପାପୀ ଗାଁବାସୀଙ୍କର ଅଭିଯୋଗ

# ମାସ୍‌କେ ଦୁଇଦିନ୍ ଖୁଲୁଛେ ଉପ ସ୍ୱାସ୍ଥ୍ୟ କେନ୍ଦ୍ର

**ବିନିକା, ୨୬।୧୨ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଁଚେତ୍ ଅଧୀନ ପାପୀ ଉପସ୍ୱାସ୍ଥ୍ୟ କେନ୍ଦ୍ର ତଥା ଏଏନ୍‌ଏମ୍ ସେଣ୍ଟର ତିଆର ହେଲାଦିନୁ ଅବେବସ୍ତା ଘେରରେ ରହିଛେ। ଦେଖ୍‌ଭାଲ ଅଭାବୁ କେନ୍ଦ୍ରଟା ଲଟାବୁଟା ଢାପି ହେଇ ଭୁତକୁଠି ପାଲଟିଗଲାନ। କେନ୍ଦ୍ରରେ ନିୟୋଜିତ ଏଏନ୍‌ଏମ୍‌କଁର ମନ୍‌ଇଛା କାମ୍ ଲାଗି ଲୋକ୍ ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟ ଜନିତ ଉଚିତ୍ ପରାମଶରୁ ବଁଚିତ୍ ହେଉଥିବାର ଅଭିଯୋଗ ହେଉଛେ।

ଗାଁବାସୀକର ଅଭିଯୋଗ ଅନ୍‌ସାରେ ଏଏନ୍‌ଏମ୍ ସେଣ୍ଟର ଖୁଲ୍‌ଲା ଦିନୁ ଫିମାସ ଟୀକାକରନ୍ ଦିନ୍‌ମାନକେ ଖୁଲା ରହୁଛେ। ବାକି ଦିନ୍‌ମାନକେ ଗେଟ୍‌ରେ ତାଲା ଝୁଲୁଛେ। ଝନେ ଏଏନ୍‌ଏମ୍ ନିଜର କେନ୍ଦ୍ର ଅଧୀନରେ ଥିବାର ସବୁ ଆଶା କରମୀମାନକର ସଂଗେ ଗାଁର ସ୍ୱାସ୍ଥ୍ୟ ବିଷେରେ ଆର ଅଙ୍ଗନୱାଡି କରମୀମାନକର ସଂଗେ ପରିମଲ ବାବ୍‌ଦେ ସାପ୍ତାହିକ ସମୀକ୍ଷା କରବାର କଥା। ଇତାର ବାହାରେ ଗାଁର ସ୍ୱାସ୍ଥ୍ୟ ଆର ପରିମଲ ବେବସ୍ତାର ତଦାରଖ କରବାର କଥା। ହେଲେ ପାପୀ ଗାଁରେ ଇ ସବୁ ଦେଖିବାକେ ନାଇଁ ମିଲବାର। ଇଆଡ଼େ ପାପୀ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଏଏନ୍‌ଏମ୍‌କଁର ରହିବାର ଲାଗି ସବୁପରକାର ବେବସ୍ତା ରହିଛେ। ହେଲେ କରମୀ ଝନ୍‌କ କେନ୍ଦ୍ରରେ ନାଇଁ ରହିବାର। କେନ୍ଦ୍ରରେ କେହି ନାଇଁ ରହିବାର ଲାଗି ଚାରହିକୁତି ଲଟାବୁଟା ହେଇ ଗୁଟେ ଅସ୍‌କୁରା ପରିବେଶ ସୁରୁଷ୍ଟି ହେଇଛେ। କେନ୍ଦ୍ରର ନାମ ଫଲକରୁ ଲେଖା ଯାକ ବି ମେଟି ଗଲାନ। ସ୍ୱାସ୍ଥ୍ୟ ବିଭାଗର ଖାମ୍‌ଖିଆଲି ମନ୍‌ଭାବ ଲାଗି ପାପୀ ଉପସ୍ୱାସ୍ଥ୍ୟ କେନ୍ଦ୍ରଟା ଦିନୁଦିନ୍‌କେ ଭୁତକୁଠି ପାଲଟିଯାଉଛେ ବଲି ଗାଁବାସୀ ଅଭିଯୋଗ କରିଛନ୍। ଇ ବାବ୍‌ଦେ ପାପୀ ଗାଁର ସୁଧୀର ପାତ୍ର ଆର ବିଶିକେସନ ଧରୁଆ କହିଛନ୍ ଯେ, କେନ୍ଦ୍ରଟା ଖୁଲ୍‌ଲା ଦିନୁ ଖାଲି ଟୀକାକରନ୍ ଦିନ୍‌ମାନ୍‌କେ ଖୁଲା ରହୁଛେ, ବାକି ଦିନ୍‌ମାନକେ ବଁଦ୍ ରହୁଛେ। କେନ୍ଦ୍ରରେ ଏଏନ୍‌ଏମ୍‌କଁର ରହିବାର ସୁବିଧା ଅଛେ, ହେଲେ ସେ ଇଠାନେ ନାଇଁ ରହିବାର। ଯେନ୍‌ଥିରଲାଗି ଅଂଚଲରେ ସ୍ୱାସ୍ଥ୍ୟସେବା ପରଭାବିତ ହେଉଛେ। ଇ ବାବ୍‌ଦେ ମତାମତ ଲାଗି କେନ୍ଦ୍ରରେ ନିୟୋଜିତ ମହିଲା ସ୍ୱାସ୍ଥ୍ୟ କରମୀ ସୁଚିତ୍ରା ଡୁଙ୍ଗଡୁଙ୍ଗଙ୍କୁଁ ଯୋଗାଯୋଗ କରାଯାଇଥିଲେ ବି ଯୋଗାଯୋଗ ସମ୍ଭବ ନାଇଁ ହେଇପାରି। ସେନ୍‌ତା ଇ ବାବ୍‌ଦେ ଜିଲା ମୁଖିଆ ଚିକିଛା ଅଧିକାରୀ ଦିଲୀପ ପଣ୍ଡାକୁଁ ପଚ୍‌ରାଲାରୁ ଇ ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିଛା ଅଧିକାରୀକୁଁ କହୁନ୍। ସେ ସମସିଆ ବାବ୍‌ଦେ ଲେଖିକରି ଦେଲେ ଆମେ ପଦକ୍ଷେପ ନେମୁ ବଲି ସେ କହିଥିଲେ। ଇ ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିଛା ଅଧିକାରୀ ଜୟନାରାୟଣ ପଧାନକୁଁ ପଚ୍‌ରାଲାରୁ ପାପୀ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ କରମୀକଁର ରହିବାର ଲାଗି ସବୁ ବେବସ୍ତା ରହିଛେ। ହେଲେ କ୍ୱାର୍ଟର୍ସରେ ବିଦ୍ୟୁତ୍ ସଂଯୋଗ ନାଇଁ ହେଇ। କେନ୍ଦ୍ରରେ କେହି ନାଇଁ ରହିବାର ଲାଗି ପରିବେଶଟା ବି ଅସ୍‌କୁରା ହେଇଛେ। ଯେତେ ଜଲ୍‌ଦି ହେବା ଇ ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।


ପାପୀ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା ଝୁଲୁଛେ।

### ଟିଟିଲାଗଡ଼ରେ ବିଜେଡି ପ୍ରତିଷ୍ଠା ଦିବସ

# ସଂଗଠନ ସୁଦୃଢ କରିବାକୁ ଗୁରୁତ୍ୱ

**ଟିଟିଲାଗଡ଼, ୨୬।୧୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ ଟିଟିଲାଗଡଠାରେ ପାଳିତ ହୋଇଯାଇଛି। ଦଳୀୟ ନେତୃବୃନ୍ଦ ତଥା କର୍ମକର୍ତ୍ତା ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ଥିଲେ। ବିଜୁ ପଟ୍ଟନାୟକ ଛକରେ ଥିବା ପ୍ରବାଦପୁରୁଷଙ୍କ ପ୍ରତିମୂର୍ତ୍ତି ଏବଂ ବୀର ହନୁମାନ ବ୍ୟାୟାମଶାଳା ନିକଟରେ ଥିବା ଦିବଂଗତ ଯୁବ ବିଜେଡି ନେତା ଅଭିମନ୍ୟୁ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପଠାରେ ଯୁବନେତା ରଣଜିତ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଦଳୀୟ ସଂଗଠନକୁ ସୁଦ୍ୟଢ କରିବାକୁ ନେତୃବର୍ଗ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରେମ ଜୈନ, ବିଧାୟକ ପ୍ରତିନିଧି ଅରୁଣ ମିଶ୍ର, ଚନ୍ଦ୍ରବଦନ ପୁରୋହିତ, ଘିନୁ ଆଡୟୁଆଡ, ଦେବେନ୍ଦ୍ର ସାହୁ, ଶ୍ୟାମାପ୍ରସାଦ ଗରିଆ, ଶମ୍ଭୁପ୍ରସାଦ ସାହୁ, ସୁଧିର ମିଶ୍ର, ମୋହନଲାଲ ଜୈନ, ଜଗଦିଶ ମହାଲିଙ୍ଗ, ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ପୂର୍ବତନ ଅଧ୍ୟକ୍ଷା ଗିତା ବିଶି, ଉମାଦେବୀ ଅଗ୍ରୱାଲ, ଅଞ୍ଜନା ବର୍ମା, ସୁକାନ୍ତି ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଟିଟିଲାଗଡରେ ବାହାରିଥିବା ଦଳୀୟ କର୍ମୀଙ୍କ ଶୋଭାଯାତ୍ରା।

### ସର୍ବଭାରତୀୟ ଲୁତୁରପଙ୍କ କପ୍ କ୍ରିକେଟ

# ସୋଲାର କ୍ରିକେଟ କ୍ଲବ କଟକ ଫାଇନାଲରେ

**ଅମରପାଲି, ୨୬।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ପଡିଆରେ ଜୟଜଗନ୍ନାଥ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୪ତମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ସୋଲାର କ୍ରିକେଟ କ୍ଲବ କଟକ । ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଦଳ ଜେସିସି ସମ୍ବଲପୁରକୁ ହରାଇ ଦେଇଛି। ଟସ୍ ଜିଣି କଟକ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରିଥିଲା ୧୭୮ ରନ। ଦଳ ପକ୍ଷରୁ ପ୍ରୟାସ ସିଂ ଠାକୁର ୨୫ବଲରୁ ଧୁଆଁଧାର ୮୨ ରନ ସଂଗ୍ରହ କରିଥିବା ବେଳେ ଅନିସୁର ରେହେମାନ୍ ୧୮ ବଲରୁ ୪୭ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ଅମନ ଓ ୱାସିମ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସମ୍ବଲପୁର ଦଳ ୯.୨ଓଭରରେ ସମସ୍ତ ଉଇକେଟ ହରାଇ ୭୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ ସନ୍ଦୀପ ୨୬ ରନ ଓ ଡାଏନା ଦାସ ୨୩ ରନ କରିଥିଲେ। ବିପକ୍ଷ ଦଳ ପକ୍ଷରୁ ପ୍ରୟାସ ସିଂ ଠାକୁର ୨ ଓଭରରେ ୩ ରନ ଦେଇ ୩ ଉଇକେଟ ଏବଂ ପ୍ରଦୀପ୍ତ ୩ଟି ଉଇକେଟ ଅକ୍ତିଆର କରିଥିଲେ । କଟକ ଟି-୧୦କୁ ଏକତରଫା ଭାବେ ଜିତି ନେଇ ଫାଇନାଲରେ ପ୍ରବେଶ କରିଛି । ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀରେ ଶିକ୍ଷକ ଦିଲୀପ କୁମାର ଚାନ୍ଦ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ଓ ଅରବିନ୍ଦ ଶିକ୍ଷାକେନ୍ଦ୍ର ବୀରମହାରାଜପୁରର ନିର୍ଦ୍ଦେଶକ ମନୋରଞ୍ଜନ ଦାଶ ମୁଖ୍ୟ ଓ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ସୋଲାର କ୍ରିକେଟ କ୍ଲବ କଟକର ପ୍ରୟାସ ସିଂ ଠାକୁରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଆଜିର ଖେଳକୁ ପ୍ରଶାନ୍ତ ମିଶ୍ର ଓ ବିଶ୍ୱମ୍ବର ମହାକୁଡ ପରିଚାଳନା କରିଥିଲେ । ବାଙ୍କାବିହାରୀ ମହାକୁର ସ୍କୋରିଂ ଓ ଚମାରୁ ମହାକୁର ଅନଲାଇନ ସ୍କୋରିଂ କରିଥିଲେ । ମ୍ୟାକମିଲନ ମହାକୁର ଓ ଆଶିଷ ଦେଓ ଧାରା ବିବରଣୀ ପ୍ରଦାନ କରିଥିଲେ । ଶୁକ୍ରବାରରେ ମ୍ୟାଚ ସୋନପୁର ଓ କଟକ ମଧ୍ୟରେ ହେବ ବୋଲି ଆୟୋଜକ କ୍ଲବ ସଦସ୍ୟର ସଭ୍ୟ ସତ୍ୟଜିତ ମହାକୁର ପ୍ରକାଶ କରିଛନ୍ତି ।



ଅତିଥିଙ୍କ ଗହଣରେ ପ୍ରୟାସ ସିଂ ଠାକୁର ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ

## ସଂକ୍ଷେପରେ

### ରୋଗୀ କଲ୍ୟାଣ ସମିତିର ବୈଠକ

**ଖଡିଆଳ,୨୬।୧୨(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ସମନ୍ୱିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ ସେବାକୁ କିପରି ତ୍ୱରାନ୍ୱିତ କରାଯାଇ ପାରିବ ସେ ଉପରେ ତର୍ଜମା ହୋଇଛି। ଗୁରୁବାର ସ୍ଥାନୀୟ ହସ୍ପିଟାଲ ପରିସରରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବାର୍ଷିକ ବୈଠକରେ ଏହା ଆଲୋଚନା ହୋଇଛି। ମଧ୍ୟାହ୍ନରେ ଆୟୋଜିତ ବୈଠକରେ ଡା. ଦିନବନ୍ଧୁ ମହାନନ୍ଦ ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ବାଳକୃଷ୍ଣ ଶବର, ଫଣିନ୍ଦ୍ରମ ସିଂ ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ବର୍ଷ କିପରି ରୋଗୀ ସେବା କରାଯାଇଛି, ସେ ଉପରେ ସମୀକ୍ଷା କରାଯାଇଥିଲା ଆଗାମୀ ଦିନରେ କ'ଣ ସବୁ ପଦକ୍ଷେପ ନିଆଯିବ ସେ ଉପରେ ଆଲୋଚନା କରାଯାଇଥିଲା । ବ୍ଲକର ବିଭିନ୍ନ ଦୁର୍ଗମ ଅଞ୍ଚଳରେ କିପରି ରୋଗୀ ସେବାକୁ ଉନ୍ନତ ଧରଣର କରାଯିବ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ଉପରେ ଦରକାର ହେଲେ ଜିଲା ତଥା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଅତିଥିମାନେ କହିଥିଲେ। ଏଥିରେ ହସ୍ପିଟାଲ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

### ୩୮ ବର୍ଷ ଜଙ୍ଗଲରେ ୨ଟି ପରିବାର ଜୀବନ କାଟିବା ଘଟଣା

# ଲୋକଙ୍କୁ ମିଳିଲା ମୌଳିକ ସୁବିଧା

**କେସିଙ୍ଗା,୨୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କନ୍ତେଶିର ଗ୍ରାମପଞ୍ଚାୟତ ଅଧୀନ ଜୟନ୍ତପୁରରେ ୨ଟି ଆଦିବାସୀ ସମ୍ପ୍ରଦାୟର ଲୋକେ ଦୀର୍ଘ ୩୮ ବର୍ଷ ଧରି ଜଙ୍ଗଲ ଭିତରେ ଜୀବନଯାପନ କରିବା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପରିବାରକୁ ମିଳିଲା ମୌଳିକ ସୁବିଧା ମିଳିଛି। ବର୍ତ୍ତମାନ ପାନୀୟ ଜଳ ପାଇଁ ଗୋଟିଏ ନଳକୂଅ ଖୋଳାଯାଇଥିବା ବେଳେ ୫ଟି ଶୌଚାଳୟ ଏବଂ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି। କନ୍ତେଶିର ଗ୍ରାମର ଲବ ମାଝିଙ୍କୁ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କାମ ମଧ ଚାଲିଛି। ଉକ୍ତ ଗ୍ରାମର ଆଉ ୧୦ଟି ପରିବାରବର୍ଗଙ୍କୁ ମଧ ଜୟନ୍ତିପୁରରେ ନୂତନ ଭାବେ ରହିବା ବ୍ୟବସ୍ଥା କରାଯିବା ମଧ ଗ୍ରାମପଞ୍ଚାୟତରୁ କରାଯାଉଛି। ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ଭୀମସେନ ଶବରଙ୍କୁ ପଚାରିବାରୁ



ଜୟନ୍ତିପୁରରେ ଖୋଳାଯାଇଥିବା ନଳକୂଅ ଓ ନବନିର୍ମିତ ଶୌଚାଳୟ।

**ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ**

ଧୀରେ ଧୀରେ ସବୁ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ପୂର୍ବରୁ ମଧ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ନଭେମ୍ବର ୨୬ ତାରିଖରେ କେସିଙ୍ଗା ବିଡିଓଙ୍କ ସମେତ ୬ ଜଣିଆ ଏକ ଦଳ ଜୟନ୍ତପୁରକୁ ଯାଇ ୨ଟି ପରିବାରବର୍ଗଙ୍କୁ ଚାଉଳ, ସୋଲାର ଲାଇଟ, ବିସ୍କୁଟ, ଲୁଣ, ମାଚିସ ପ୍ରଦାନ କରିଥିଲେ।

ଉଲ୍ଲେଖନୀୟ ଯେ, ଗତ ୧୯୮୧ ଡିସେମ୍ବର ୧୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ କଳାହାଣ୍ଡି ଜିଲାପାଳ ମୀନା ଗୁପ୍ତା ଏବଂ ଅନ୍ୟ ଅଧିକାରୀ କେସିଙ୍ଗା ବ୍ଲକ କନ୍ତେଶିର ଗ୍ରାମପଞ୍ଚାୟତ ଅଧୀନ ଜୟନ୍ତପୁର କଲୋନୀକୁ ଯାଇ ୩୫ଟି ପରିବାରବର୍ଗଙ୍କୁ ସମନ୍ୱିତ ଗୃହ ନିର୍ମାଣ ଯୋଜନାରେ କଲୋନୀ ଘର ଦେଇଥିଲେ। କିନ୍ତୁ ଜାତୀୟ ରାଜପଥ ୨୬ଠାରୁ ୭ କିମି ଦୂରରେ ଅବସ୍ଥିତ ବଜରଗଡ ଜଙ୍ଗଲ ଭିତରେ କୌଣସି ଗମନାଗମନ, ପାନୀୟ, ବିଦ୍ୟୁତ ଆଦିର ସୁବିଧା ନ ଥିବାରୁ ୩୩ଟି ପରିବାର କଲୋନୀ ଘର ଛାଡି ନିଜ ଗ୍ରାମ କନ୍ତେଶିରକୁ ଫେରି ଯାଇଥିଲେ। ଭାଗ୍ୟକୁ ଆଦରି ୨ଟି ପରିବାର ୩୮ ବର୍ଷ ଜଙ୍ଗଲ ଭିତରେ ବହୁ ଦୁଃଖ କଷ୍ଟରେ ଜୀବନ କାଳାତିପାତ କରି ଆସୁଛନ୍ତି। ଏହି ସବୁ ସମସ୍ୟା ନେଇ ଏକ ତଥ୍ୟଭିତ୍ତିକ ଖବର ଧରିତ୍ରୀ, ଓଡିଶା ପୋଷ୍ଟରେ ଗତ ନଭେମ୍ବର ୨୪ରେ ପ୍ରକାଶିତ ହୋଇଥିଲା। ଉକ୍ତ ନ୍ୟୁଜ ଉପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚିଠି ନଂ.୧୯୧୮/୨୫/୧୧/୨୦୧୯ରେ କଳାହାଣ୍ଡି ଜିଲାପାଳଙ୍କୁ ୨ ଦିନ ଭିତରେ ତଦନ୍ତ କରି ଏହାର ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ହୋଇଥିଲା। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗା ବିଡିଓ ଓ ବ୍ଲକ କର୍ମଚାରୀ, ସ୍ଥାନୀୟ ସରପଞ୍ଚ ଉକ୍ତ ଗ୍ରାମ ପରିଦର୍ଶନ କରିଥିଲେ।

### ଆନ୍ତଃରାଜ୍ୟ କେସିଏସଏ କପ୍ କ୍ରିକେଟ

## ବିଲାସପୁର, ଭିଲାଇ ଦ୍ୱିତୀୟ ସେମିକୁ ଉନ୍ନୀତ

**ନୂଆପଡା ଅଫିସ/ଖଡିଆଳ, ୨୬।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ରାଜାଏଟି ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଆନ୍ତଃ ରାଜ୍ୟ କେସିଏସଏ କପ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ପୁଲ ବି'ର ୨ଟି ମ୍ୟାଚରେ ବିଲାସପୁର ଏବଂ ଭିଲାଇ ଦଳ ବିଜୟୀ ହୋଇଛି । ଶୁକ୍ରବାର ଦୁଇଟି ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ହେବ। ପ୍ରଥମ ମ୍ୟାଚ ବିଲାସପୁର ଏବଂ ରାୟପୁର ଦଳ ମଧ୍ୟରେ ହୋଇଥିଲା। ରାୟପୁର ଦଳ ୭ ଉଇକେଟରେ ୮୪ ରନ ସଂଗ୍ରହ କରିଥିବା ବେଳେ ଏହାକୁ ପିଛା କରି ବିଲାସପୁର ଦଳ ୧୦.୫ ଓଭରରେ ୮୫ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଭିଲାଇ ଦଳ ପ୍ରଥମେ ବ୍ୟାଟିଂ କରି ୧୮୪ରନ କରିଥିଲା । ଜବାବରେ କେସିଏସଏ ଖଡିଆଳ ଦଳ ୬ ଉଇକେଟରେ ମାତ୍ର ୧୪୬ରନ କରି ପରାଜିତ ହୋଇଥିଲା। ଶୁକ୍ରବାର ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ହେବା ନିଶ୍ଚିତ ହୋଇଯାଇଛି। ସେପଟେ ପୁଲ ଏ'ରୁ ବରଗଡ ଦଳ ଫାଇନାଲକୁ ପ୍ରବେଶ କରିଛି ।

### ପଁଚମ୍ ଦିନ୍‌ରେ କୋଶଲି ଧନୁଯାତ୍‌ରା

## କୃଷ୍ଣକୁ ମାରବାକେ କାଲିଆ ନାଗ୍ ପଠାଲେ କଂସ

**ଖଡ଼ିଆଳ, ୨୬।୧୨ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ସହର ନାକାପଡ଼ାରେ ହେଉଥିବାର କୋଶଲି ଧନୁଯାତ୍‌ରା ପଁଚମ୍ ଦିନରେ ପୁହୁଁଚିଛେ। ଇ ଯାତ୍‌ରାଟା ସଂକଟମୋଚନ କମିଟି ତରଫୁ ପରିଚାଲିତ ହେଉଛେ। ଧନୁଯାତ୍‌ରା ଦେଖିବାକେ ଖଡ଼ିଆଳ ସହର ସମେତ ଆସର ପାସର ଗାଁଗଡ଼ାର ଶହ ଶହ ଲୋକ୍ ଆସୁଛନ୍। ଧନୁଯାତ୍‌ରା ମଁଚାନ୍ ପାସେ ପଡ଼ିଥିବାର ମୀନାବଜାରକେ ଲୋକ୍ ମନଭରି ଉପଭୋଗ କରୁଛନ୍ ଆର ନାନା ରକମର ଘରକରା ଜିନିଷପାତି ଘିନୁଛନ୍। ସେନ୍‌ତା ଧନୁଯାତ୍‌ରା ଉଧେ ଖୁଲିଥିବାର ଦୁକାନବଜାରରୁ ଲୋକ୍ ନାନା ରକମର ଖାଏଦ୍‌ର ମଜା ବି ନେଉଛନ୍। କଂସ ମହାରାଜଙ୍କର ଦରବାର ରାତି ୮ ବଜେ ଆରମ୍ ହେଇ ଅଧିରାତି ତକ୍ ଚାଲୁଛେ। ଯାତ୍‌ରାର ପଁଚମ୍ ଦିନ୍‌ରେ ମହାରାଜ କଂସ କୃଷ୍ଣକୁଁ ମାରବାକେ କାଲିଆ ନାଗ୍‌କେ ଗୋପପୁର ପଠେଇଛନ୍। ଇ କୋଶଲି ଧନୁଯାତ୍‌ରାର ସବୁ କଳାକାର ଫଟିକ ହିସାବେ କୋଶଲି ଭାଷାରେ କଥାବାରତା ହେଉଛନ୍। ଯେନ୍‌ତା ଦେଖନହାରିକୁଁ ପରଭାବିତ କରୁଛେ। ଇ ଧନୁଯାତ୍‌ରା ଆଏବାର ୩୦ ତାରିଖ୍ ତକ୍ ଚାଲବା। ଫିଦିନ କଂସ ଦରବାରରେ ଭିନେ ଭିନେ ପରକାର ସାଂସ୍କୃତିକ କାଯ୍‌କରମମାନ ପରିବେଷନ୍ ହେଉଛେ। ଦେଖନ୍‌ହାରି ମନ୍‌ଭରି ଇତାର ମଜା ନେଉଛନ୍। ଧନୁଯାତ୍‌ରାର ପଁଚମ୍ ଦିନର ବେଲବୁଡେ ମୁଖିଆ କୁନୁଆଁ ହିସାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସିଅ ଲମ୍ବୋଦର ନିଆଲ ଯୋଗଦେଇଥିଲାବେଲେ ସନ୍‌ମାନିତ କୁନୁଆଁ ହିସାବେ ବିଜେଡି ବ୍ଲକ ସଭାପତି ସନ୍ତୋଷ ବିଶି, ବିଜେଡିର ପୁରଖା କାଯ୍‌କରତା ଦୟା ଥପା, ସନ୍ଦିପ ଖମାରୀ, ନିରଞ୍ଜନ ମହାଉତି, କୁବେର ପଣ୍ଡା ପରମୁଖ ମଞ୍ଚାସୀନ ଥିଲେ। ସେନ୍‌ତା ତାରାପ୍ରସାଦ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟ ଶିକ୍ଷା ସମ୍ମାନପ୍ରାପ୍ତ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା,୨୬।୧୨ (ଡି.ଏନ.ଏ.)**

ଅନ୍ତର୍ଜାତୀୟ ଶିକ୍ଷା ସମ୍ମାନପ୍ରାପ୍ତ ଧର୍ମଗଡ ବ୍ଲକ ଜୟନ୍ତପୁର ଗ୍ରାମର ଅଧ୍ୟାପକ ପଞ୍ଚାନନ ଦୁରିଆଙ୍କୁ ତାଙ୍କ ଗାଁରେ ଗ୍ରାମବାସୀ, ବୁଦ୍ଧିଜୀବୀ ଓ ଶିକ୍ଷାବିତମାନେ ଭବ୍ୟ ସମ୍ବର୍ଦ୍ଧନା ଦେଇଛନ୍ତି। ବୁଧବାର ସେ ନିଜ ଗାଁକୁ ଫେରିବା ପରେ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ୩୧ ତାରିଖରେ ଗୋଆଠାରେ କିଟସ୍ ପ୍ରଡକ୍ଟ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଶିକ୍ଷା ସମ୍ମାନ ୨୦୧୯ର ବେଷ୍ଟ ଲାଙ୍ଗୁଏଜ୍ ଟିଚର ସମ୍ମାନ ଅଧ୍ୟାପକ ଦୁରିଆଙ୍କୁ ଦିଆଯାଇଥିଲା। ସେହିପରି ଗତ ୨୨ ତାରିଖରେ ମୁମ୍ବାଇ ନିକଟରେ ଏମ୍‌ଭିଏଲ୍‌ଏ ଟ୍ରଷ୍ଟ ଆନୁକୂଲ୍ୟରେ ଗ୍ଲୋବାଲ ଟିଚର ରୋଲ୍ ପାଣ୍ଡେଲ ସମ୍ମାନରେ ମଧ ତାଙ୍କୁ ସମ୍ମାନିତ କରାଯାଇଥିଲା।

### ବିଜେଡିର ପ୍ରତିଷ୍ଠା ଦିବସରେ ଗୁରୁମନ୍ତ୍ର

# ଲୋକଙ୍କ ନିକଟକୁ ଯାଇ ସମସ୍ୟା ବୁଝିବା

**ନୂଆପଡା ଅଫିସ/ ଖଡିଆଳ, ୨୬।୧୨ (ଡି.ଏନ.ଏ.)**

ବିଜେଡି ସରକାର ରାଜ୍ୟବାସୀଙ୍କୁ ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ବିଭିନ୍ନ ଯୋଜନାରେ ସହାୟତା ଯୋଗାଇ ଦେବାକୁ ଯୋଜନାସବୁ କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟର ବିକାଶ ନବୀନବାବୁଙ୍କ ମୂଳ ଲକ୍ଷ୍ୟ । ଏଥିପାଇଁ ରାଜ୍ୟବାସୀ ଏକ ହୋଇ ହାତମୁଠାକୁ ଟାଣ କରିବା ଜରୁରୀ । ଲୋକଙ୍କ ନିକଟକୁ ଯାଇ ବିଭିନ୍ନ ସମସ୍ୟାକୁ ବୁଝିବା ଦରକାର ବୋଲି ବିଜେଡିର ଗୁରୁମନ୍ତ୍ର ଦିଆଯାଇଛି । ଗୁରୁବାର ଅପରାହ୍ନରେ ସ୍ଥାନୀୟ ପୋଲିସ ପଡିଆରେ ଆୟୋଜିତ ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଯୋଗଦେଇ ଅତିଥିମାନେ ଏହି ମନ୍ତ୍ର ଦେଇଥିଲେ। ବିଜେଡି ଜିଲା ସଭାପତି ତଥା ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ସଭାପତିତ୍ୱରେ ଜିଲା ପର୍ଯ୍ୟବେକ୍ଷକ ଦାୟୀତ୍ୱରେ ଥିବା ସୌଭାଗ୍ୟ ନାୟକ, ନୂଆପଡା ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ନିଗମ, ଅବନୀ ଯୋଷୀ, ଅଞ୍ଜଳୀ ସୋନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କର୍ମକର୍ତ୍ତାମାନେ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ ।




ବିଜେଡିର ପ୍ରତିଷ୍ଠା ଦିବସରେ ଖଡ଼ିଆଳରେ ଆୟୋଜିତ ଶୋଭାଯାତ୍ରା।

ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ମଞ୍ଚରେ ପହଞ୍ଚି ଅତିଥିମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇଥିଲେ। ଦଳର ସାଙ୍ଗଠନିକ ବିଧି ବ୍ୟବସ୍ଥା ଏବଂ ଏହି ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ବିଧାୟକ ଢୋଲକିଆ ଅବଗତ କରିଥିଲେ। ଅନ୍ୟବକ୍ତାମାନେ ନବୀନ ସରକାରଙ୍କ ସମୟର ସମସ୍ତ କାର୍ଯ୍ୟକଳାପ ଉପରେ ଅବଗତ କରିଥିଲେ। ଜିଲା ତଥା ରାଜ୍ୟରେ ବିଜେଡିର ସଙ୍ଗଠନକୁ କିପରି ଆହୁରି ସୁଦୃଢ କରାଯାଇ ପାରିବ ସେ ଉପରେ ସମସ୍ତେ ଯତ୍ନବାନ ହେବାକୁ ପଡିବ ବୋଲି ମତ ରଖିଥିଲେ। ଏହି ଅବସରରେ ବହୁ କର୍ମକର୍ତ୍ତା ଅନ୍ୟାନ୍ୟ ଦଳରୁ ଆସି ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ନୂଆପଡା ଏବଂ କୋମନା ବ୍ଲକରୁ ବିଭିନ୍ନ ପ୍ରାନ୍ତରୁ ଗ୍ରାମପଞ୍ଚାୟତସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଭୁଗୁଲି ସୁନାନୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଖଡିଆଳ ନିର୍ବାଚନୀ ମଣ୍ଡଳ ପକ୍ଷରୁ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ନୂଆପଡା ଜିଲା ବିଜେଡି ସାଧାରଣ ସମ୍ପାଦକ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଧର ନିଆଲଙ୍କ ନେତୃତ୍ୱରେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ମହିଳାଙ୍କ ସମେତ ବିଜେଡି କର୍ମୀ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ସ୍ଥାନୀୟ ଅଗ୍ରେସନ ଭବନଠାରେ ଆୟୋଜିତ ପ୍ରତିଷ୍ଠା ସମାରୋହ ସଭାସ୍ଥଳରେ ପହଞ୍ଚିଥିଲେ। ଏଥିରେ ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ ଓ ନିଆଲ ଅତିଥି ଭାବେ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ପରେ ପ୍ରତିଷ୍ଠା ଦିବସ ସମାରୋହ ସଭାରେ ଦଳର ନେତା ଓ କର୍ମୀମାନେ କେନ୍ଦ୍ର ସରକାର ଓ କଂଗ୍ରେସ ବିରୋଧରେ ବର୍ଷିଥିଲେ । ପ୍ରତିଷ୍ଠା ଦିବସରେ ବିଜେଡି ମହିଳା ଜିଲା ସଭାପତି ସରସ୍ୱତୀ ବାଗ, ମମତା ମଞ୍ଜୁରୀ ଥପା, ସନ୍ତୋଷିନୀ ସଲମା, ଦୀପକ ଖମାରୀ, ମହମ୍ମଦ ସାହିଦ, ପଦ୍ମନାଭ କରୁଆ, ଗିରି ହଂସ, ଓମକାର ପୋଢ଼ ଓ ବିଜେଡି ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

### ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ-୨୦୧୯

## ଫାଇନାଲରେ ସମ୍ବଲପୁର, ବଲାଙ୍ଗୀର ଏକାଦଶ ମୁକାବିଲା

**ସିନାପାଲି,୨୬।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିସ୍ଥିତ ସିଙ୍ଗଝର ରାଜିବ ନାଏକ ଖେଳ ପଡିଆରେ ଚାଲିଥିବା ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ-୨୦୧୯ର ଗୁରୁବାର ମ୍ୟାଚରେ ବଲାଙ୍ଗୀର ଏକାଦଶ ସଇଁତଲା ଏକାଦଶକୁ ପରାଜିତ କରି ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ବଲାଙ୍ଗୀର ଏକାଦଶ ଓ ସଇଁତଲା ଏକାଦଶ ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚରେ ବଲାଙ୍ଗୀର ଏକାଦଶ ପ୍ରଥମେ ଟସଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ ସଂଗ୍ରହ କରିଥିଲା । ଜବାବରେ ସଇଁତଲା ଏକାଦଶ ୧୫.୪ ଓଭରରେ କେବଳ ୫୬ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା। ବଲାଙ୍ଗୀର ଏକାଦଶର ଘାତକ ବୋଲିଂ ଓ କ୍ଷେତ୍ରରକ୍ଷଣ ବଳରେ ସଇଁତଲା ଏକାଦଶ ପରାଜୟ ବରଣ କରିଥିଲା । ମ୍ୟାଚର ଅମ୍ପାୟାର ଭାବରେ ପୟୋଜ କସ୍ୟପ ଓ ଦିଲୀପ ନିଆଲ ଖେଳ ପରିଚାଳନା କରିଥିଲେ। ମ୍ୟାଚରେ ସ୍କୋରର ଭାବେ ଦେବେନ୍ଦ୍ର ନାଏକ ଓ ବରିଷ୍ଠ ଉଦଘୋଷକ ବିଜୟ କୁମାର ସେଠି ଓ ଛତିଶଗଡର ଭାଷ୍ୟକାର ତେଜରାଜ ଠାକୁର ହିନ୍ଦୀ ଓ ଓଡିଆରେ ଧାରା ବିବରଣୀ ଦେଇଥିଲେ। ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବଲାଙ୍ଗୀର ଏକାଦଶର ଅଲରାଉଣ୍ଡର ରାଜାଙ୍କୁ ପ୍ରଦାନ କରାଯାଇଥିଲା । ସେ ୪ ଓଭର ବୋଲିଂ କରି ୪ ଉଇକେଟ ଅକ୍ତିଆର କରିବା ସହ ୧ ମେଡେନ ଓଭର ସହିତ ୧୮ ରନ ବ୍ୟୟ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବରେ କୁସୁମଯୋର ଗ୍ରାମପଞ୍ଚାୟତ ସରପଞ୍ଚ ଉଦିତ ପ୍ରତାପ ଜ୍ୟୋତି, ସିନାପାଲି ଇତିହାସ ବିଭାଗ ଅଧ୍ୟାପକ ବ୍ରଜମୋହନ ଧାକଡ, କଳିଙ୍ଗ ବୈଠାରୁ, ଜୟିତରାମ ନାଏକ ସମେତ ଅନ୍ୟାନ୍ୟ ଅତିଥି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୨୯ ତାରିଖରେ ବଲାଙ୍ଗୀର ଓ ସମ୍ବଲପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

# ଅଦିନିଆ ବର୍ଷାରେ ଭିଜିଲା ଧାନ

■ ଖୋଲା ମଣ୍ଡିରେ ପଡିଛି ଧାନ, ବିଭାଗ ନିଦାବିଷ୍ଟ

**କୋକସରା, ୨୬।୧୨ (ଡି.ଏନ.ଏ.)**




ଅଦିନିଆ ବର୍ଷା ଯୋଗୁ ଖୋଲାରେ ଥିବା ଧାନ ଭିଜୁଛି।

କଳାହାଣ୍ଡି ଜିଲା କୋକସରା ବ୍ଲକ ବିଭିନ୍ନ ଅଞ୍ଚଳରେ ବୁଧବାର କୋହଲା ପାଗ ସାଙ୍ଗକୁ ଗୁରୁବାର ଝିପିଝିପି ବର୍ଷା ବର୍ଷା ହୋଇଛି। ଅନ୍ୟପଟେ ମଣ୍ଡିରେ ଖୋଲା ଆକାଶ ତଳେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିରହିଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି । ପ୍ୟାକ୍ସ କର୍ମଚାରୀ ଓ ମିଲର୍ସମାନଙ୍କ ଭିତରି ବୁଝାମଣା ଯୋଗୁ ଟୋକନ ପାଇଥିବା ଚାଷୀ ମଧ୍ୟ ଧାର୍ଯ୍ୟ ତାରିଖରେ ଧାନ ବିକ୍ରି କରି ନ ପାରି ଶୀତ କାକରରେ ମଣ୍ଡିରେ ସପ୍ତାହ ସପ୍ତାହ ଧରି ପଡିରହୁଛନ୍ତି । କୋକସରା ବ୍ଲକରେ ୬ଟି ମଣ୍ଡି ଓ ତା'ର ଉପମଣ୍ଡିଗୁଡିକରେ ଧାନକିଣା ଚାଲିଛି । ତେବେ ଆମପାଣି ପ୍ୟାକ୍ସର କାଉଡୋଲା, ଲଦୁଗାଁ ପ୍ୟାକ୍ସର ଗମ୍ଭାରୀଗୁଡା, ଡହଗାଁ ପ୍ୟାକ୍ସର ଡହଗାଁ, ଖୁଣ୍ଟିଆ, ଡାଲଗୁମା, କାଶିବାହାଲ ପ୍ୟାକ୍ସର ଫୁପଗାଁ, ଡୁନଗାଁ ଓ ଟେମରା ପ୍ୟାକ୍ସର ଡେଙ୍ଗାଗୁଡା ଓ ଡୁଡୁକାଠେଙ୍ଗା ଉପମଣ୍ଡିଗୁଡିକରେ ଖୋଲା ଆକାଶତଳେ ଚାଷୀମାନେ ଧାନ ଆଣି ରଖିଥିବାବେଳେ ଅଦିନିଆ ବର୍ଷା ସେମାନଙ୍କ ପାଇଁ ଦାଉ ସାଧିଛି। ଗତ ସପ୍ତାହରେ ଟାର୍ଗେଟ ନ ଥିବାରୁ ମିଲର୍ସମାନେ ଧାନ ଉଠାଣ ନ କରିବାରୁ କୋକସରା ଓ କାଉଡୋଲା ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ନୂଆ ଟାର୍ଗେଟ ଆସିବାପରେ ଧାନ କିଣା ସ୍ୱାଭାବିକ ହୋଇଥିବାବେଳେ ଅଦିନିଆ ବର୍ଷା ଯୋଗୁ ପଲିଥିନ ଅଭାବରୁ ଚାଷୀମାନେ ଧାନକୁ ସୁରକ୍ଷିତ ରଖିବାରେ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି ।

ମୁଖିଗୁଡା ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ମଣ୍ଡିକୁ ଧାନ ଆଣୁଥିବା ଚାଷୀମାନଙ୍କ ପାଇଁ ପଲିଥିନ ଯୋଗାଇ ଦେବା ପ୍ରାବଧାନ ରହିଛି। କିନ୍ତୁ ଆବଶ୍ୟକ ମୁତାବକ ପଲିଥିନ ଯୋଗାଇ ଦେବାରେ ଆରଏମସି କିମ୍ବା ପ୍ୟାକ୍ସ କର୍ମଚାରୀ ଫେଲ ମାରିଛନ୍ତି। ଫଳରେ ଚାଷୀମାନେ ନିଜର ସମ୍ବଳ ମୁତାବକ ବଜାରରୁ ପଲିଥିନ କିଣିବା ସହ ପାଲ ଢାଙ୍କି ଧାନକୁ ବର୍ଷାଦାଉରୁ ସୁରକ୍ଷିତ ରଖୁଥିବା ଦେଖିବାକୁ ମିଳିଛି। ଆଗକୁ ଯଦି ବର୍ଷା ହୁଏ ତା'ହେଲେ ଧାନ ଭିଜିବାର ଯଥେଷ୍ଟ ସମ୍ଭାବନା ରହିଥିବାବେଳେ ଭିଜିଥିବା ଧାନକୁ ଆର୍ଦ୍ରତା ଥିବା ଦର୍ଶାଇ ମିଲର୍ସମାନେ କୁଇଣ୍ଟାଲ ପିଛା ୫ ରୁ ୧୦ କେଜି କଟନି ଛଟନି କରିବା ଭୟ ମଧ୍ୟ ଚାଷୀଙ୍କୁ ଘାରିଛି । ପାଣିପାଗ ବିଭାଗ ସୂଚନା ଅନୁସାରେ ଆଗାମୀ ଦୁଇ ଦିନ ଧରି କୋହଲା ପାଗ ଓ ବର୍ଷା ଜାରି ରହିବ। ତେଣୁ ଚାଷୀଙ୍କ ମନରେ ଏ ନେଇ ଆଶଙ୍କା ରହିଛି। ସମ୍ଭାବିତ ବର୍ଷାକୁ ଆଖିଆଗରେ ରଖି ଯୋଗାଣ ବିଭାଗ ଓ ଆରଏମସି କର୍ତ୍ତୃପକ୍ଷ ପର୍ଯ୍ୟାପ୍ତ ମାତ୍ରାରେ ପଲିଥିନ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।



"ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ପାଟଣାଗଡ଼ରେ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ

**ପାଟଣାଗଡ, ୨୬।୧୨ (ଡି.ଏନ.ଏ.):** ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ଗୁରୁବାର ବଲାଙ୍ଗୀର ଜିଲା ପାଟଣାଗଡ ଗଙ୍ଗାଧର ପାର୍କ ପଡିଆରେ ପାଳିତ ହୋଇଯାଇଛି। ବିଧାୟକ ସରୋଜ କୁମାର ମେହେର ଯୋଗଦେଇ ପାଟଣାଗଡର ବିକାଶ ହିଁ ତାଙ୍କର ମୂଳ ଲକ୍ଷ୍ୟ ଏବଂ ଏ ଦିଗରେ ସେ ସର୍ବଦା ଚେଷ୍ଟିତ ବୋଲି କହିଥିଲେ। ରାଜ୍ୟର ବିଜେଡି ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଏହି ଅବସରରେ ବିଧାୟକ ବିଜେଡି କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଆଗାମୀ ଦିନରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ବିଧାୟକ ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଲାଠୋର, ୨୬।୧୨ (ଡି.ଏନ.ଏ.)-** ତୁରେକେଲା ବ୍ଲକ ମହୁଲବାହାଲିଠାରେ ଗତ ୨୩ତାରିଖରୁ ମୂଳ ନିବାସୀ ଛାତ୍ର ଓ ସାମୁଖ୍ୟ ଓଡିଶା ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ତ୍ରିଦିବସିୟ ପ୍ରଶିକ୍ଷଣ ଶିବିର ବୁଧବାର ମନୁସ୍ମୃତି ଦହନ ସହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଶିବିରରେ ଯୋଗଦେଇଥିବା ପ୍ରତିନିଧିଙ୍କୁ ମୂଳ ନିବାସୀ ସମତା ପରିଷଦର ରାଜ୍ୟ ସଭାପତି ଅଭିରାମ ମଲ୍ଲିକ ଯୋଗଦେଇ ମହାପୁରୁଷମାନଙ୍କର ଜୀବନୀ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଧିମାନ ତରଣୀ ସୁନା ପ୍ରଶିକ୍ଷକ ଭାବେ ଯୋଦେଇ ଭାରତୀୟ ସମ୍ବିଧାନ ଏବଂ ଆମ୍ବେଦକରବାଦ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଧିମାନ ଜିତେନ୍ଦ୍ର ସୁନା, ଧିମାନ ମନୋଜ ଭରାସଗରିଆ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ପ୍ରଦାନ ପରେ ଶିବିରାର୍ଥୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ସଂଗଠନର ରାଜ୍ୟ ସଭାପତି ଗୋପ ଶିକା, କାର୍ଯ୍ୟକର୍ତ୍ତା ବିଭ୍ରାନ୍ତ ବିଶ୍ୱଜିତ, ଜଶୋବନ୍ତ ମାଝୀ, ମୁକେଶ ସାହୁ, ତନ୍ତ୍ର ଧରୁଆଙ୍କ ସହ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

### ଝାରମୁଣ୍ଡାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

**ଲୋଇସିଂହା, ୨୬।୧୨ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଲୋଇସିଂହା ବ୍ଲକ ଝାରମୁଣ୍ଡାଠାରେ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠା ସମାରୋହରେ ଆଗଲପୁର ବ୍ଲକ ସଭାପତି ପ୍ରମୋଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା, ରାଜ୍ୟ ଯୁବ ବିଜେଡି ସମ୍ପାଦକ ନିହାର ରଞ୍ଜନ ବେହେରା, ବରିଷ୍ଠ ସଭ୍ୟ ହରେକୃଷ୍ଣ ଷଡଙ୍ଗୀ, ବିଷ୍ଣୁ ପଟେଲ, ନାରାୟଣ ସାହୁ, ଅଶିଷ ସିଂଦେଓ, ଜ୍ୟୋସ୍ନାମୟୀ ନାଗ, ବବିତା ପଟେଲ, ସ୍ଥାନୀୟ ସରପଞ୍ଚ ସୁନୀଲ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ମନ୍ତ୍ରୀ ବେହେରା ବିଜେଡି ଗଠନର ଅଭିମୁଖ୍ୟ ଓ ନୀତ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକଭିମୁଖୀ ଯୋଜନା ଓ ସୁଶାସନ ଜନସାଧାରଣଙ୍କୁ ପ୍ରଭାବିତ କରିଥିବା କହିଥିଲେ।

> **ଆଜି କ'ଣ କେଉଁଠି** ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।








ବଲାଙ୍ଗୀର ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ସମାରୋହ ରାଜେନ୍ଦ୍ରାୟନ-୨୦୧୯ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହି ଦିବସ ପାଳନର ଅବ୍ୟବହତି ପୂର୍ବରୁ ଗୁରୁବାର ବଲାଙ୍ଗୀର ସହରରେ ବାହାରିଥିବା ସାଂସ୍କୃତିକ ଶୋଭାଯାତ୍ରାର ଏକ ଝଲକ।

# ସହର ପରିକ୍ରମା କଲା ସାଂସ୍କୃତିକ ଶୋଭାଯାତ୍ରା

**ବଲାଙ୍ଗୀର ଅଫିସ, ୨୬।୧୨**

ବଲାଙ୍ଗୀର ରାଜେନ୍ଦ୍ର କଲେଜର ପ୍ଲାଟିନମ୍ ଜୁବିଲି ସମାରୋହ ରାଜେନ୍ଦ୍ରାୟନ-୨୦୧୯ ପାଳନର ଅବ୍ୟବହତି ପୂର୍ବରୁ ଗୁରୁବାର ଏକ ସାଂସ୍କୃତିକ ଶୋଭାଯାତ୍ରା ବଲାଙ୍ଗୀର ସହର ପରିକ୍ରମା କରିଥିଲା। ପ୍ଲାଟିନମ୍ ଜୁବିଲି କମିଟି ସଭାପତି ଲଳିତ କୁମାର ନାୟକଙ୍କ ନେତୃତ୍ୱରେ କୋଶଳ କଳାମଣ୍ଡଳ ପଡିଆରୁ ବାହାରିଥିବା ଏହି ସାଂସ୍କୃତିକ ଶୋଭାଯାତ୍ରା ପିପି ଏକାଡେମୀ ଛକ, ରମାଇ ଟକିଜ ଛକ, ପାଟଣା ହୋଟେଲ ଛକ, ମେନ୍ ମାର୍କେଟ, କଚେରୀ ଛକ, ଠିକାଦାରପଡା ଛକ, କଲେଜ ଛକ ଦେଇ ରାଜେନ୍ଦ୍ର କଲେଜ ପରିସରରେ ପହଞ୍ଚିଥିଲା। ରାଜେନ୍ଦ୍ର କଲେଜର ସହସ୍ରାଧିକ ପୁରାତନ ଓ ବର୍ତ୍ତମାନ ଛାତ୍ରୀଛାତ୍ର, ଘୋଡାନାଚ, ଦଣ୍ଡନୃତ୍ୟ, ଘୁମରା ନାଚ, କୀର୍ତ୍ତନ୍ୟ ଦଳ, ଘଣ୍ଟବାଦ୍ୟ, କରମସାନୀ, ଢ଼ାପ, ନମୋଗୁରୁ ନୃତ୍ୟ ଦଳ ଚମତ୍କାର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହି ସାଂସ୍କୃତିକ ଶୋଭାଯାତ୍ରାରେ ମାର୍ଶଲ ଆର୍ଟ, ସ୍ୱର ଝଙ୍କରର ଓଡିଶୀ ନୃତ୍ୟ, ଡା ବିସି ଜେନା ଅନ୍ଧମୁକ ବଧିର ସ୍କୁଲର ଅନ୍ତେବାସୀ, ସେଣ୍ଟ ଜାଭିଅର ସ୍କୁଲ, ମଣ୍ଟେସରୀ, ସ୍କୁଲ, ବିନାୟକ ପବ୍ଲିକ୍ ସ୍କୁଲ ସମେତ ପ୍ରସ୍ତାବିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବହୁ କଲେଜର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ କଂସ ମହାରାଜ ଭୂମିକାରେ ସୁରେଶ ସାହୁ, ରବୀନ୍ଦ୍ର ସାହୁ ଓ ପ୍ରତାପ ଚନ୍ଦ୍ର ରଥ ଅଭିନୟ ଓ ସଂଳାପ ଉଚ୍ଚାରଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ରାଜେନ୍ଦ୍ର କଲେଜରେ ଶୋଭାଯାତ୍ରା ପହଞ୍ଚିବା ପରେ କଲେଜ ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନା ଓ ସହସ୍ରାଧିକ ଛାତ୍ରୀଛାତ୍ର ପୁଷ୍ପ ଅର୍ପଣ କରି ସ୍ୱାଗତ କରିଥିଲେ। ବହୁ ସ୍କୁଲର କୁନି କଳାକାରମାନେ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଶୋଭାଯାତ୍ରାରେ ପ୍ଲାଟିନମ୍ ଜୁବୁଲିର ସତ୍ୟସୁନ୍ଦର ଭଞ୍ଜ, ଡ. ଅଭିମନ୍ୟୁ ମିଶ୍ର, ମହେଶ ପଟ୍ଟନାୟକ, ନିମା ପାଢ଼ୀ, ପ୍ରଭାସ ପାଣିଗ୍ରାହୀ, ମାନଭଞ୍ଜନ ପାଢ଼ୀଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହିଥିଲେ।

### ମହମ୍ମଦପୁରରେ ମାଟି ମାଁ ମେଳା

## ଭାଗନେଲେ ୪୦ଗାଁର ପ୍ରତିଯୋଗୀ

**ଦେଓଗାଁ, ୨୬।୧୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ମହମ୍ମଦପୁରଠାରେ ସ୍ଥାନୀୟ ମହାଲକ୍ଷ୍ମୀ କୃଷକ ସମିତି ଆନୁକୂଲ୍ୟ ତଥା ରିଲାଏନ୍ସ ଫାଉଣ୍ଡେସନ ସହଯୋଗରେ ମାଟି ମାଁ ମେଳା ଅନୁଷ୍ଠିତ ହୋଇଯାଇଛି। ଇନ୍ଦୁମତି ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ସୁସ୍ଥ ସମାଜ ଗଠନରେ କୃଷକମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ମେହେର, ରିଲାଏନ୍ସ ଫାଉଣ୍ଡେଶନର ମୁଖ୍ୟ ଅମ୍ବିକା ମହାନ୍ତି, ଏ.ଡି. ନାୟକ, ଉଡାର ସରପଞ୍ଚ କାହ୍ନୁଚରଣ ମେହେର, ମକୁନ୍ଦପୁର ସରପଞ୍ଚ ବାଳକ ପଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦେଓଗାଁ ଓ ସଦର ବ୍ଲକର ୪୦ଟି ଗାଁର ୧ ହଜାର ମହିଳାପୁରୁଷ ଯୋଗଦେଇ ନାଚଗୀତ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କ ସମେତ କେତେକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଗାଁରୁ ଆସିଥିବା ଉତ୍ପାଦକ ସାମଗ୍ରୀକୁ ନେଇ ଷ୍ଟଲମାନ ଖୋଲା ଯାଇଥିଲା। କାର୍ଯ୍ୟକ୍ରମକୁ ରିଲାଏନ୍ସ ଫାଉଣ୍ଡେସନର ସମସ୍ତ ସିଆରପି କର୍ମକର୍ତ୍ତା, ମହମ୍ମଦପୁର, ନୂଆଁପାଲି, ବାବିଯୋର ଗ୍ରାମବାସୀ, ନେହେରୁ ଯୁବକେନ୍ଦ୍ରର ୩୬ଜଣ ସ୍ୱେଚ୍ଛାସେବୀ, ଭୀମପାହାଡ କୃଷକ ଉତ୍ପାଦକର କର୍ମକର୍ତ୍ତା ସହଯୋଗ କରିଥିଲେ।



ମହମ୍ମଦପୁରରେ ମାଟି ମା ମେଳା ଅବସରରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## କେନ୍ଦୁଉଡ଼ାର ଫୁଟବଲ ଟୁର୍ନାମେଣ୍ଟ: ମୁରିବାହାଲ ବିଜୟୀ

**ଟିକ୍ରାପଡା, ୨୬।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ କେନ୍ଦୁଉଡାରଠାରେ ଲାନ୍ଥେଶ୍ୱର ସ୍ପୋର୍ଟସ ଆଣ୍ଡ କଲଚରାଲ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଥିଲା ତୃତୀୟ ଦିବସ। ଅନୁଷ୍ଠିତ ମ୍ୟାଚରେ କେନ୍ଦୁଉଡାରକୁ ୨-୦ ଗୋଲରେ ହରାଇ ମୁରିବାହାଲ ବିଜୟୀ ହୋଇଥିଲା। ଦେବରାଜ ନାହାକଙ୍କୁ ଖେଳ ପରିଚାଳନାରେ ମଣ୍ଟୁ ବେହେରା, ଲଳିତ ମୋହନ ମାଝୀ ସହାୟତା କରିଥିଲେ। ଚୂଡାମଣି ବଗର୍ତ୍ତା, ଜ୍ଞାନେଶ୍ୱର ପ୍ରଧାନୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଜିଆରଏସ୍ ପ୍ରମୋଦ କୁମାର ବୁଡେକ, ସଂଚାର କଳାକାର ଜଗନ୍ନାଥ ମୁଦୁଲୀ, ଲକ୍ଷ୍ମଣ ବଗର୍ତ୍ତା, ସାମାଜିକ କର୍ମୀ ନୀଳକଣ୍ଠ ମିର୍ଦ୍ଧା, ହେମରାଜ ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ଚୂଡାପାଲି ବନାମ ଖର୍ସେଲବାଞ୍ଜି ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

## ମିନାବଜାରରୁ ଚୋରି, ୪ ଗିରଫ

**ଲାଠୋର, ୨୬।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ତଳିପଡା ଧନୁଯାତ୍ରା ଅବସରରେ ପଡିଥିବା ମୀନାବଜାରରୁ ଚୋରି କରି ଗୁରୁବାର ୪ଜଣ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ଧନୁଯାତ୍ରାରେ ପୁରୋହିତ ତିୱାରୀ ନାମକ ଯୁବକ ଗୃହ ବ୍ୟବହୃତ ଲୁହା ସାମଗ୍ରୀ ବିକ୍ରୟ କରୁଛନ୍ତି। ବୁଧବାର ବିଳମ୍ବିତ ରାତ୍ରିରେ ତାଙ୍କ ଦୋକାନକୁ ଲାଠୋର ଗ୍ରାମର ବିଦ୍ୟାଧର ଭଇଁଷାଲ ଆସି କୌଣସି କାରଣକୁ ନେଇ ଗଣ୍ଡଗୋଳ କରିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହେବା ଫଳରେ ମ୍ୟାନେଜର କନ୍ଦର୍ପ ମେହେର ଘଟଣାସ୍ଥଳକୁ ଆସି ବୁଝାଇବାକୁ ଚେଷ୍ଟା କରିଥିଲେ। ଏଥିରେ ବିଦ୍ୟାଧର ଉତ୍‌କ୍ଷିପ୍ତ ହୋଇ ଏକ ଧାରୁଆ ପନିକିରେ କନ୍ଦର୍ପଙ୍କୁ ଆକ୍ରମଣ କରିଥିଲେ। ସେମାନେ ଭୟଭୀତ ହୋଇ ଘଟଣାସ୍ଥଳରୁ ଅନ୍ୟତ୍ର ପଳାଇଥିଲେ। ଏହାର ସୁଯୋଗ ନେଇ ବିଦ୍ୟାଧର ଏବଂ ତାଙ୍କର ତିନି ସହଯୋଗୀ ବାଳା ଭୋଇ, ସୋନାଲ ଭଇଁଷାଲ, ଦିବ୍ୟ ପ୍ରକାଶ ନାଗ ସମ୍ପୃକ୍ତ ଦୋକାନୀଙ୍କର ନଗଦ ୨୦ହଜାର ୫ଶହ ଟଙ୍କାର ଲୁହା ସାମଗ୍ରୀ, ନମ୍ବର ବିହୀନ ଦୁଇଟି ବାଇକ ଲୁଟି ନେଇ ଚାଲି ଯାଇଥିଲେ। ଏ ନେଇ ମ୍ୟାନେଜର କନ୍ଦର୍ପ ଲାଠୋର ଥାନାରେ ଏତଲା ଦେଇଥିଲେ। ଏତଲା ପାଇ ଲାଠୋର ପୋଲିସ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ କାବୁ କରିଥିଲେ। ବିଦ୍ୟାଧରଙ୍କ ଘରୁ ସାମଗ୍ରୀ ଜବତ କରାଯାଇଥିଲା। ଏ ନେଇ ଲାଠୋର ଥାନାରେ ଏକ ମାମଲା (ନଂ.୧୦୮/୧୯) ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି।

## ସମାନ୍ତରାଳଭାବେ ପାଳିଲେ ପ୍ରତିଷ୍ଠା ଦିବସ

### ଏପଟେ ଜିଲା ବିଜେଡି କୃଷକ ସେଲ୍ ସଭାପତି, ସେପଟେ ଜିଲା ସମ୍ପାଦକ



ଅଜୟ ଦାସଙ୍କ ନେତୃତ୍ୱରେ ମାନସ ଭବନରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ସଭା।




ଜିଲା ବିଜେଡି ସମ୍ପାଦକ ଫିରୋଜ ଖାନଙ୍କ ନେତୃତ୍ୱରେ ବାହାରିଥିବା ରାଲି।

**କଣ୍ଟାବାଞ୍ଜି, ୨୬।୧୨ (ଡି.ଏନ.ଏ.)**

୨୦୧୯ ସାଧାରଣ ନିର୍ବାଚନରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପରାଜିତ ହେଲା। ଖାଲି ପରାଜିତ ନୁହେଁ, ଦଳ ତୃତୀୟ ସ୍ଥାନରେ ରହିଲା। ଏହାସତ୍ତ୍ୱେ ଏହି ନିର୍ବାଚନ ମଣ୍ଡଳୀରେ ଦଳୀୟ ନେତୃବର୍ଗ କିଛି ଚେତିଲେ ନାହିଁ। ଦଳୀୟ ସଂଗଠନକୁ ସୁଦୃଢ କରି ଆଗକୁ ବଢିବା ଦୂରେ ଥାଉ ଗୁରୁବାର କଣ୍ଟାବାଞ୍ଜିର ଦୁଇଟି ସ୍ଥାନରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ଜିଲା ବିଜେଡି ସମ୍ପାଦକ ଫିରୋଜ ଖାନଙ୍କ ନେତୃତ୍ୱରେ ମୁସଲିମ କମ୍ୟୁନିଟି ହଲରେ ଗୋଟିଏ ଗୋଷ୍ଠୀ ପ୍ରତିଷ୍ଠା ଦିବସ ପାଳିଥିଲେ। ସେହିପରି ଜିଲା ବିଜେଡି କୃଷକ ସେଲ୍ ସଭାପତି ତଥା ଗତ ବିଧାନ ସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇଥିବା ଅଜୟ ଦାସଙ୍କ ନେତୃତ୍ୱରେ ଅନ୍ୟ ଏକ ଗୋଷ୍ଠୀ ପାଳନ କରିଥିଲା ପ୍ରତିଷ୍ଠା ଦିବସ। ମୁସଲିମ କମ୍ୟୁନିଟି ହଲରେ ଅନୁଷ୍ଠିତ ସଭାରେ ଶେଷଦେବ ପୁଟେଲ, ଅରୁଣ ବାଗ, ସତ୍ୟ ରାଏ, ପୂର୍ବତନ ନଗରପାଳ କିଶୋର ମଜଖଣ୍ଡ ସହ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏଥିପୂର୍ବରୁ ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ଅମ୍ବେଦକର ଛକ ଓ ହସ୍‌ପିଟାଲରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟର୍ପଣ କରିଥିଲେ।

ସେହିପରି ଅପରାହ୍ନରେ ଅଜୟ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ମାନସ ଭବନରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏହି ସଭାରେ ଜିଲା ବିଜେଡି ଉପସଭାପତି ବିଜୟ କୁମାର ବଂଶଲ, ଜିଲା ପରିଷଦ ସଭ୍ୟ ତଥା ରାଜ୍ୟ ସମ୍ପାଦକ ଉଦ୍ଧବ ବେହେରା, ବ୍ଲକ ସଭାପତି ଆଶାଦୁଲ୍ଲା ଖାନ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ଗୋପା ମହାନନ୍ଦ, ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକର କାର୍ଯ୍ୟକର୍ତ୍ତା ସାମିଲ ଥିଲେ। ମାନସ ଭବନରେ ଅନୁଷ୍ଠିତ ସଭାରେ ଅମୂଲ୍ୟ ନାଗ ମଞ୍ଚ ପରିଚାଳନା କରିଥିଲେ। ଏଥିପୂର୍ବରୁ ଶ୍ରୀରାମ ମନ୍ଦିରରୁ ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ।

### ସୌଭାଗ୍ୟ ଯୋଜନା ବାଟବଣା

## ବିଦ୍ୟୁତ୍ ସଂଯୋଗ ନ ହେଲେ ଆନ୍ଦୋଳନ

**ଦେଓଗାଁ, ୨୬।୧୨ (ଡି.ଏନ.ଏ.)**

ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ବାବିଯୋର ଗାଁରେ ସୌଭାଗ୍ୟ ଯୋଜନାରେ ଏ ପର୍ଯ୍ୟନ୍ତ ୫୦ରୁ ଉର୍ଦ୍ଧ୍ୱ ପରିବାର ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ରହିଛନ୍ତି। ଗୁରୁବାର ଆମ ଆଦମୀ ପାର୍ଟି ଜିଲା ସଂଯୋଜକ ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ ଗାଁରେ ଏକ ବୈଠକ ବସିଥିଲା। ଗାଁର ନାରାୟଣ ପଧାନ, ଜମ୍ପେ ସେଠ, ବଜରଙ୍ଗୀ ମଲ୍ଲିକ, ମନୋଜ ବର୍ଗତ୍ତି, ବିକାଶ ମଲ୍ଲିକ, ଚକାଡୋଳା ଭୋଇ, ସୁଦାମ ସେଠ, ଯୁଗେନ୍ଦ୍ର ମଲ୍ଲିକ ଓ ତୁଫାନ କୁଅଁର ପ୍ରମୁଖ ବାରମ୍ବାର ବିଦ୍ୟୁତ୍ ବିଭାଗରେ ଅଭିଯୋଗ କରିଥିଲେ ସୁଦ୍ଧା କର୍ଣ୍ଣପାତ କରାଯାଉ ନ ଥିବା ଅଭିଯୋଗ କରିଥିଲେ। ଆଗାମୀ ଦିନରେ ବିଭାଗ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ନ ଦେଲେ ସମସ୍ତ ହିତାଧିକାରୀଙ୍କୁ ନେଇ ବିଭାଗୀୟ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଆମ ଆଦମୀ ପାର୍ଟିର ଆଶିଷ ପାଣ୍ଡେ, ଶଙ୍କର୍ଷଣ ମାହାପାତ୍ର, ସୁଶାନ୍ତ ପରୁଆ, ଅଶୋକ ସୁନା, ରାଧେ ସାହୁ, ରମାକାନ୍ତ ବେହେରା, ରାଜା ସେଠ ପ୍ରମୁଖ ସୂଚନା ଦେଇଛନ୍ତି।



ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ପରିବାର ସହ ଆମ୍ ଆଦ୍‌ମୀ ପାର୍ଟି କର୍ମକର୍ତ୍ତାଙ୍କ ବୈଠକ।

### ଧଣ୍ଡାମୁଣ୍ଡା କପ ଫୁଟବଲ ଟୁର୍ନାମେଣ୍ଟ

## ଦାବକାନି ଚାମ୍ପିୟନ, ଖପ୍ରାଖୋଲ ରନର୍ସ ଅପ୍

**ଖପ୍ରାଖୋଲ ୨୬।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଖେଳପଡିଆରେ ୩୦ତମ ଧଣ୍ଡାମୁଣ୍ଡା କପ ଫୁଟବଲ ଟୁର୍ନାମେଣ୍ଟ ଡିସିସି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ଖପ୍ରାଖୋଲ ଏବଂ ଦାବକାନୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୨-୨ ଗୋଲରେ ବରାବର ରହିଥିଲେ। ପରେ ଟାଇବ୍ରେକର ୩-୨ ଗୋଲରେ ଦାବକାନୀ ଦଳ ଚାମ୍ପିୟନ ଓ ଖପ୍ରାଖୋଲ ରନର୍ସ ଅପ ହୋଇଥିଲା। ଖେଳକୁ ଶମ୍ଭୁଦତ୍ତ ମିଶ୍ର ପରିଚାଳନା କରିଥିବା ବେଳେ ଲାଇନରେ ସହଯୋଗ କରିଥିଲେ ମଗଶିର ମଲିକ ଓ ସୁଜିତ ପାଣିଗ୍ରାହୀ। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କ୍ଲବ ସଭାପତି ଦେବକାନ୍ତ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ ମେହେର, ସମାନିତ ଅତିଥି ଯଶୋବନ୍ତ ସାହୁ, ଦୟାନିଧି ସାହୁ, ପବିତ୍ର ପଟେଲ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୭ହଜାର ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ୫ ହଜାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାଇରାମ ସାହୁ, ଦେବଦତ ଭୋଇ ପରିଚାଳନା କରିଥିଲେ। ଅଚ୍ୟୁତାନନ୍ଦ ପୁରୋହିତ, ସୁବଳ ମିଶ୍ର, କ୍ଷିରୋଦ ଭୋଇ ପ୍ରମୁଖ କ୍ଲବର ସଦସ୍ୟ ଉପସ୍ଥିତ ଥିଲେ। ଗତ ୬ ଦିନ ଧରି ଅନୁଷ୍ଠିତ ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ।



ଅତିଥିଙ୍କ ଗହଣରେ ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ୨ ଯୁବକ ଗୁରୁତର

କେସିଙ୍ଗା/ପଲମ,୨୬।୧୨(ଡି.ଏନ.ଏ.) କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ପଲମ ଫାଣ୍ଡି ନିକଟସ୍ଥ ତୁଣ୍ଡଲା ଗ୍ରାମପଞ୍ଚାୟତ ଭୋଇପଡା ନିର୍ମାଣାଧୀନ ବ୍ରିଜ ନିକଟ ଖାଲରେ ଗୁରୁବାର ସନ୍ଧ୍ୟାରେ ଏକ ନମ୍ବରବିହିନ ପଲସର ବାଇକ୍‌ରେ ପଡି ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତ ଦ୍ୱୟ ହେଲେ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ ଶିଶକେଲା ଗ୍ରାମ ପଞ୍ଚାୟତ ଘଣ୍ଟବାହାଲି ଗ୍ରାମର ଅଜିତ ରଣା (୨୫) ଓ ଗରୁଡ ସାହୁ (୩୫)। କୌଣସି କାର୍ଯ୍ୟରେ ଏମ ରାମପୁରକୁ ଯାଇ ନିଜ ଗ୍ରାମକୁ ନମ୍ବର ବିହିନ ଏକ ପଲସର ବାଇକ୍ ଯୋଗେ ଫେରୁଥିଲେ। ତୁଣ୍ଡଲା ଗ୍ରାମପଞ୍ଚାୟତ ଭୋଇପଡାରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ବ୍ରିଜ ନିକଟ ଖାଲରେ ପଡ଼ିଯାଇଥିଲେ। ଏହି ବ୍ରିଜକୁ ୫୯ ଜାତୀୟ ରାଜପଥକୁ ଏଆରଏସଏସ କମ୍ପାନୀ ମନ୍ଥରଗତିରେ କାର୍ଯ୍ୟ କରୁଥିବାରୁ ଏହିପରି ବହୁ ଲୋକେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ଏ ନେଇ ପଲମ ଫାଣ୍ଡି ଅଧିକାରୀ ଅଶିତ କୁମାର ପଣ୍ଡାଙ୍କୁ ପଚାରିବାରୁ ଦୁର୍ଘଟଣାଗ୍ରସ୍ତ ଦୁଇ ଯୁବକଙ୍କ ପରିବାରବର୍ଗ କେସିଙ୍ଗା ହସ୍ପିଟାଲକୁ ପହଞ୍ଚିଛନ୍ତି । କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି ।



### ବିନ୍ଧାଣିଠାରେ ବଡ଼ଦିନ ପାଳନ

**କର୍ଲାମୁଣ୍ଡା, ୨୬।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିନ୍ଧାଣୀଠାରେ ବୁଧବାର ମହାଆଡମ୍ବରରେ ବଡଦିନ ପାଳିତ ହୋଇଯାଇଛି। ଏହି ଅବସରରେ ମଣ୍ଡଳୀର ସଭାପତି ରାକେଶ କୁମାର ପ୍ରାରମ୍ଭିକ ପ୍ରାର୍ଥନା ଗାନ କରି ସଭା କରିଥିଲେ। ଜୀଶୟା ନାଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଗାନ୍ଧିକ ସଞ୍ଜୀବ ନାଗଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶନାରେ କ୍ଷୁଦ୍ର ନାଟକ ଖ୍ରୀଷ୍ଟଜନ୍ମ ନାଟକ କୁନିକୁନି ପୁଅଝିଅମାନଙ୍କ ଦ୍ୱାରା ପରିବେଶିତ ହୋଇଥିଲା। ମଣ୍ଡଳୀର ସମସ୍ତ ବାଳକ ବାଳିକା ତଥା ଯୁବକଯୁବତୀ ସୁବର୍ଣ୍ଣପଦ ପ୍ରତିଯୋଗିତା ଗୀତ ଓ ନାଚ ଆଦି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ସମ୍ପାଦକ ରିଟନ୍ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

ନିମ୍ନମାନର କାମର ଜ୍ୱଳନ୍ତ ଚିତ୍ର

# ମାସେ ବି ପୂରିଲାନି, ସିମେଣ୍ଟ ବେଞ୍ଚ ଭାଙ୍ଗିଲା

**ଭବାନୀପାଟଣା,୨୬।୧୨(ସ୍ୱ.ପ୍ର.)**





ବେଞ୍ଚଗୁଡ଼ିକ ଶୋଚନୀୟ ହୋଇପଡିଛି ଭବାନୀପାଟଣା ରେଳ ଷ୍ଟେଶନ (ବାମ)। କାମରେ ଆସୁ ନ ଥିବା ଶୌଚାଳୟ ।

ସାଧାରଣତଃ ରେଳ ବିଭାଗର କାମ ଉନ୍ନତମାନର ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ହେଲେ ଭବାନୀପାଟଣା ରେଳୱେ ଷ୍ଟେଶନରେ ହୋଇଥିବା ଉନ୍ନୟନ କାମକୁ ଦେଖିଲେ ଏହା ମନେ ହୁଅ ନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଏବେ ରେଳ ବିଭାଗର ଉନ୍ନୟନ କାମ ପ୍ରତି ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଏପରି ଏକ ଉଦାହରଣ ଭବାନୀପାଟଣା ରେଳ ଷ୍ଟେଶନରେ ତିଆରି କରାଯାଇଥିବା ସିମେଣ୍ଟ ବେଞ୍ଚ କାମରେ ଦେଖିବାକୁ ମିଳିଛି । ଗତ ମାସକ ତଳେ ଯାତ୍ରୀମାନଙ୍କ ବସିବା ପାଇଁ ଏଠାରେ ସିମେଣ୍ଟ ବେଞ୍ଚଗୁଡିକ ନିର୍ମାଣ କରାଯାଇଥିଲା। ତେବେ ନିମ୍ନମାନର କାମ ଯୋଗୁ ମାସକ ପରେ ଏହା ଶୋଚନୀୟ ହୋଇପଡିଥିବା ଦେଖିବାକୁ ମିଳିଛି। ଗୋଟିଏ ବେଞ୍ଚର ଖମ୍ବ ପଡିଯାଇଥିବାବେଳେ ଅନ୍ୟ ବେଞ୍ଚଗୁଡିକରେ ବସିଲେ ହଲୁଥିବା ଦେଖିବାକୁ ମିଳିଛି। କିଛି ବେଞ୍ଚର ସିମେଣ୍ଟ ବାହାରି ଯାଇ ଲୁହା ଛଡଗୁଡିକ ମଧ୍ୟ ଜଳ ଜଳ ହୋଇ ଦେଖିବାକୁ ମିଳିଛି। ଫଳରେ ଯାତ୍ରୀମାନେ ଏଠାରେ ବସିବା ପାଇଁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଅନ୍ୟପକ୍ଷରେ, ଏଠାରେ ବସିବା ପାଇଁ ଅନ୍ୟ କିଛି ସୁବିଧା ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏହି କାମଟିକୁ ଟିଟିଲାଗଡର ଜଣେ କଣ୍ଟ୍ରାକ୍ଟର କରିଥିବାବେଳେ ଅର୍ଥ ଲାଳସାରେ ଏପରି କାମ କରିଥିବା ଜଣାପଡିଛି। ରେଳ ଷ୍ଟେଶନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଭଳି ନିମ୍ନମାନର କାମ ହେବା ଦ୍ୱାରା ଭବିଷ୍ୟତରେ ଏହା ଯାତ୍ରୀଙ୍କ ଜୀବନ ପାଇଁ ବିପଦ ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ। ଏଥିପ୍ରତି ରେଳବିଭାଗ ଦୃଷ୍ଟିଦେଇ ସଂପୃକ୍ତ ଠିକାଦାରଙ୍କ ଉପରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ସେହିପରି ଯାତ୍ରୀମାନଙ୍କ ପାଇଁ ସେଠାରେ ନିର୍ମାଣ କରାଯାଇଥିବା ଶୌଚାଳୟ ମଧ୍ୟ କାମରେ ଆସୁନାହିଁ। ଏ ନେଇ ସ୍ଥାନୀୟ ଷ୍ଟେଶନ ମାଷ୍ଟର ଆର.କେ. ସାହୁଙ୍କୁ ପଚାରିବାରୁ ଅତି ହାଲୁକା ଭାବେ ମୁଁ ଏ ବିଷୟରେ ଜାଣି ନ ଥିଲି। କି ପୂର୍ବରୁ ମଧ୍ୟ କେହି ଏ ବିଷୟରେ କହି ନ ଥିଲେ। ଏବେ ଅବଗତ ହେବା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବି ବୋଲି କହିଥିଲେ। ସେହିପରି ସମ୍ବଲପୁର ଡିଭିଜନ ରେଳବିଭାଗର ଡିଆରଏମ ପ୍ରଦୀପ କୁମାରଙ୍କୁ ପଚାରିବାରୁ ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

- ବସିବା ପାଇଁ ଯାତ୍ରୀ ହେଉଛନ୍ତି ହଇରାଣ
- ଭବାନୀପାଟଣା ରେଳଷ୍ଟେଶନ

**ରିପୋର୍ଟ-ଉତ୍ତମ କୁମାର ଦାଶ**

# ୨୦୧୮-୧୯ ଆର୍ଥିକ ବର୍ଷର ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**କର୍ଲାମୁଣ୍ଡା,୨୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଗୁରୁବାର ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତ କାର୍ଯ୍ୟକ୍ରମର ୨୦୧୮-୧୯ ଆର୍ଥିକ ବର୍ଷର ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ଏପିଓ ସୂର୍ଯ୍ୟମଣି ସେଠ୍, ଏଏଇ ଗୌରାଙ୍ଗ ପ୍ରସାଦ ମାଝି, ବ୍ଲକ ସାମାଜିକ ସମୀକ୍ଷକ ରମେଶ ଚନ୍ଦ୍ର ସାହୁ, ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକ ବିରଞ୍ଚି ଗହୀର, କିରାଣୀ ଅଜିତ ସାହୁ ପ୍ରମୁଖ ଯୋଗଦେଇ ୨୦୧୮-୧୯ ଆର୍ଥିକ ବର୍ଷରେ ହୋଇଥିବା ପ୍ରକଳ୍ପଗୁଡିକର ସମୀକ୍ଷା କରିଥିଲେ। ଏଥିରେ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଗ୍ରାମ୍ୟ ସମ୍ବଳ କର୍ମୀମାନେ ଉପସ୍ଥିତଥିବା ବେଳେ ସୂଚନା ଅଭାବରୁ ଜବକାର୍ଡଧାରୀ ଓ ଜନଶୁଣାଣୀ କମିଟିର ସଭ୍ୟସଭ୍ୟାମାନେ ଅଂଶ ଗ୍ରହଣ କରିପାରି ନ ଥିଲେ। ଉଦ୍ୟାନ ବିଭାଗରୁ ବନଦୁର୍ଗା ହରିଜନ, ମୃତ୍ତି ସଂରକ୍ଷଣ ବିଭାଗର ହରିବନ୍ଧୁ ଧରୁଆ ଯୋଗଦେଇ ନିଜ ବିଭାଗ ବିଭିନ୍ନ ପ୍ରକଳ୍ପଗୁଡିକର ତଥ୍ୟ ଉପସ୍ଥାପନ କରିଥିଲେ ହେଁ ଜଙ୍ଗଲ ବିଭାଗ, ମତ୍ସ୍ୟ ବିଭାଗରୁ କୌଣସି ଅଧିକାରୀମାନେ ବୈଠକରେ ଯୋଗଦେଇ ନ ଥିବାରୁ ଏହି ଦୁଇ ବିଭାଗ ଦ୍ୱାରା କର୍ଲାମୁଣ୍ଡା ବ୍ଲକରେ ହେଉଥିବା କାମ ବିଷୟରେ ଚର୍ଚ୍ଚା ହୋଇପାରି ନ ଥିଲା।



ବ୍ଲକସ୍ତରୀୟ ଜନ ଶୁଣାଣି ଶିବିରରେ ମଞ୍ଚାସୀନ ଅଧିକାରୀ ଏବଂ ଅନ୍ୟମାନେ ।

# ଆବାସ ଗୃହ ନିର୍ମାଣ ପାଇଁ ସଦର ବିଡିଓଙ୍କ ପରିଦର୍ଶନ

**ଭବାନୀପାଟଣା,୨୬।୧୨ (ଡି.ଏନ.ଏ.)**

ଭବାନୀପାଟଣା ସଦର ବିଡିଓ ପ୍ରୀତା କୁମାର ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୁଧବାର ଏବିଡିଓ ଶ୍ରୀଧର ପଣ୍ଡାଙ୍କ ସହ ବିଡିଓ କୁମାର ବ୍ଲକର ଡୁମୁରିଆ, ଗୁରୁଜୁଙ୍ଗ ଓ ବୋର୍ଡା ପଞ୍ଚାୟତ ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ସମ୍ପର୍କରେ ସମୀକ୍ଷା କରିବା ପରେ କ୍ଷେତ୍ର ପରିଦର୍ଶନ କରି ସିଧାସଳଖ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଚାରି ମାସ ମଧ୍ୟରେ କିପରି ଆବାସ ଗୃହ ନିର୍ମାଣ ହୋଇପାରିବ ସେ ନେଇ କିଭଳି କୌଶଳ ଆପଣାଇବାକୁ ପଡିବ ସେ ସମ୍ପର୍କରେ ଉଭୟ ବିଡିଓ, ଏବିଡିଓ ହିତାଧିକାରୀମାନଙ୍କୁ ବୁଝାଇଥିଲେ। ଏ ନେଇ ହିତାଧିକାରୀଙ୍କ ମଧ୍ୟରେ ଆବାସ ଘର ନିର୍ମାଣ ପାଇଁ ଉତ୍ସୁକତା ଦେଖାଦେଇଛି। କାର୍ଯ୍ୟକ୍ରମରେ ଡୁମୁରିଆ ସରପଞ୍ଚ ସଞ୍ଜୀବ କୁମାର ଭୋଇ, ପିଇଓ ସିଧେଶ୍ୱର ଦେବ, ରୀନା ସାହୁ, ଚୂଡାମଣି ଭୋଇ, ଆଦିତ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସଦର ବିଡିଓ ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରୁଛନ୍ତି ।

# ନଗର ତୈଳିକ ବୈଶ୍ୟ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ

**ଭବାନୀପାଟଣା,୨୬।୧୨ (ଡି.ଏନ.ଏ.)**

ଭବାନୀପାଟଣା ନଗର ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ଶେଷଦେବ ସାହୁଙ୍କ ସଭାପତିତ୍ୱରେ ବୁଧବାର ବାବା ତୁଙ୍ଗରୀ ଶିବାଳୟ ପ୍ରାଙ୍ଗଣବର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨୦୨୦-୨୩ ପାଇଁ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଶେଷଦେବ ସାହୁ, ଉପସଭାପତି ଇନ୍ଦୁ ଭୂଷଣ ସାହୁ, ସମ୍ପାଦକ ସଦାନନ୍ଦ ସାହୁ, ଯୁଗ୍ମ ସମ୍ପାଦକ ଗିରିଜା ଶଙ୍କର ସାହ, କୋଷାଧକ୍ଷ ମହେନ୍ଦ୍ର ସାହୁ, କାର୍ଯ୍ୟନିର୍ବାହୀ ସଭ୍ୟ ରାଜୁ କୁମାର ସାହୁ, ପ୍ରଦୀପ ସାହୁ ତ୍ରୀମୋଜନ ସାହୁ, ସଙ୍ଗୀତା ସାହୁ, ଯାଜ୍ଞସିନୀ ସାହୁ ଓ ଚାନ୍ଦିନୀ ସାହୁ ଉପଦେଷ୍ଟା ମଣ୍ଡଳୀରେ ଶରତ ଚନ୍ଦ୍ର ସାହୁ ତ୍ରିନାଥ ସାହୁ, ତ୍ରିରୁପତି ସାହୁ ଓ ବିଧୁଭୂଷଣ ସାହୁ ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚନ ହୋଇଥିଲେ । ଶେଷରେ ସମସ୍ତ ଉପସ୍ଥିତ ଶତାଧିକ ପରିବାରବର୍ଗ ତଥା ନୂତନ କର୍ମକର୍ତ୍ତାଗଣଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

ଝିପିଝିପି ବର୍ଷା, କୋହଲା ପାଗ ଦେଖି ଚିନ୍ତାରେ ଚାଷୀ

# ମଣ୍ଡିରେ ପଡ଼ିଛି ଶହ ଶହ କୁଇଣ୍ଟାଲ ଧାନ

**ଜୁନାଗଡ଼,୨୬।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ଗୁରୁବାର ସକାଳରେ ଝିପିଝିପି ବର୍ଷା ହେବା ସହ ଦିନ ତମାମ କୋହଲା ପାଗ ରହିଥିବା ଦେଖିବାକୁ ମିଳିଛି। ଫଳରେ ଖଳାରେ ଧାନ ରଖିଥିବା ଚାଷୀ ଓ ମଣ୍ଡିରେ ଧାନ ବିକ୍ରି ପାଇଁ ନେଇଥିବା ଚାଷୀଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ପାଲଟିଛି। ଚାଷୀମାନେ ଖଳାରେ ରଖିଥିବା ଧାନକୁ ବର୍ଷା ଦାଉରୁ ସୁରକ୍ଷିତ ରଖିବା ପାଇଁ ପାଳ, ତାରପୋଲିନ ଡାଙ୍କୁଥିବା ଦେଖିବାକୁ ମିଳିଛି। ସେହିପରି ଜିଲାର ଅନେକ ମଣ୍ଡି ଖୋଲା ଆକାଶ ତଳେ ଚାଲୁଥିବାରୁ ବର୍ଷା ହେଲେ ଧାନ ଭିଜିବା ଆଶଙ୍କା କରାଯାଉଛି। ତେବେ ସ୍ଥାନୀୟ ଆରଏମ୍‌ସି ପକ୍ଷରୁ ଧାନ ଢାଙ୍କିବା ପାଇଁ ଆବଶ୍ୟକ ପରିମାଣରେ ଚାଷୀଙ୍କୁ ତାରପୋଲିନ ଯୋଗାଯାଉଥିବା କୁହାଯାଉଛି। ଏପଟେ ଜିଲାର ଅନେକ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇ ନ ଥିବାରୁ ସେମାନେ ଟୋକନ ନ ପାଇ ଧାନ ବିକ୍ରି କରିପାରୁନାହାନ୍ତି। ଏପରିସ୍ଥିତିରେ ଅଦିନିଆ ବର୍ଷା ସେମାନଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଉଛି। ବୁଧବାର ସୁଦ୍ଧା ଜୁନାଗଡ ବ୍ଲକର ୩୫ଟି ମଣ୍ଡିରେ ୬୯୧୩ଜଣ ଚାଷୀଙ୍କ ୪ଲକ୍ଷ ୯ହଜାର ୬୫୪.୯୧ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଜଣାପଡିଛି। ସେହିପରି ବର୍ତ୍ତମାନ ମଧ୍ୟ ମଣ୍ଡିମାନଙ୍କରେ ଶହଶହ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ଖୋଲା ଆକାଶ ତଳେ ପଡିରହିଛି। ଜୁନାଗଡ ବ୍ଲକ ଅଞ୍ଚଳରେ ଗୁରୁବାର ସକାଳରେ ଓ ଅପରାହ୍ନରେ କିଛି ସ୍ଥାନରେ ଝିପିଝିପି ବର୍ଷା ହୋଇଥିଲା। ଏବେ ବି ଏହି ଅଞ୍ଚଳରେ କୋହଲା ପାଗ ରହିଥିବା ଜଣାପଡିଛି। ଏପଟେ କୋହଲା ପାଗ ଯୋଗୁ ହାଡଭଙ୍ଗା ଶୀତ ପ୍ରକୋପ ଦେଖାଦେଇଛି।



ଖୋଲା ଆକାଶ ତଳେ ଚାଲୁଥିବା ଜୁନାଗଡ଼ ବ୍ଲକ ଦାସିଗାଁ ମଣ୍ଡି ।

# ବିକାଶମୁଖୀ କାର୍ଯ୍ୟ ଘରେଘରେ ପହାଞ୍ଚାଇବାକୁ ଆହ୍ୱାନ

**ଭବାନୀପାଟଣା,୨୬।୧୨ (ଡି.ଏନ.ଏ.)**

ଭବାନୀପାଟଣାଠାରେ ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଭବାନୀପାଟଣାସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଦଳର ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ ଏବଂ ଗୃହମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ଘୋଡାଘାଟ ଛକଠାରୁ ବାହାରି ମହାବୀର ସାଂସ୍କୃତିକ ଅନୁଷ୍ଠାନ ଏବଂ ବିଜୁ କଲ୍ୟାଣ ମଣ୍ଡପ ଦେଇ ପହଞ୍ଚିଥିଲା। ବିଜୁ କଲ୍ୟାଣ ମଣ୍ଡପରେ ହୋଇଥିବା ସାଧାରଣସଭାରେ ଜିଲା ସଭାପତି ସିଂହଦେଓଙ୍କ ସହିତ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଅନାମ ନାଏକ, ଜିଲା ଉପସଭାପତି ଭବାନୀ ଶଙ୍କର ମିଶ୍ର, ଧବଳେଶ୍ୱର ମହାପାତ୍ର, ଯୁବ ସଭାପତି ଆଦିତ୍ୟ ନନ୍ଦ, ଛାତ୍ର ସଭାପତି ଅବିନାଶ ଠାକୁର, ବ୍ଲକ ସଭାପତି କେସିଙ୍ଗା ଚାନ୍ଦ ମହଲା, ଭବାନୀପାଟଣା ବ୍ଲକ ସଭାପତି ପ୍ରଦୀପ ଭୋଇ, କେସିଙ୍ଗା ନଗର ସଭାପତି ରମାକାନ୍ତ ଗଉଡ, ମଣ୍ଟୁ ନାଏକ, ସଞ୍ଜୟ ମହାପାତ୍ର ପ୍ରମୁଖ ନେତୃତ୍ୱମଣ୍ଡଳୀ ଉପସ୍ଥିତ ରହିଥିଲେ। ସଭା ପରିଚାଳନା କରିଥିଲେ ସାଧାରଣ ସମ୍ପାଦକ ଭବାନୀ ଶଙ୍କର ନିଆଲ । ନଗର ସଭାପତି ଧବଳେଶ୍ୱର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।





ଭବାନୀପାଟଣାଠାରେ ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସରେ ଆୟୋଜିତ ଶୋଭଯାତ୍ରା (ବାମ) । ଗୋଲାମୁଣ୍ଡା ବ୍ଲକ ବଡଚେରଗାଁଠାରେ ପ୍ରତିଷ୍ଠା ଦିବସରେ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି ।

## ବିଭିନ୍ନ ସ୍ଥାନରେ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ

**ଲାଞ୍ଜିଗଡ଼, (ଡି.ଏନ.ଏ.):** ଲାଞ୍ଜିଗଡ ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରଦିପ ଦିଶାରୀଙ୍କ ନିଜ ଗାଁ ହୀରାପୁରଠାରେ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନିର୍ବାଚନ ମଣ୍ଡଳିର ଥୁଆମୁଳ ରାମପୁର, ଲାଞ୍ଜିଗଡ, ଜୟପାଟଣା ଓ ଭବାନୀପାଟଣାର କିଛି ଅଞ୍ଚଳର ବିଜେଡି କର୍ମକର୍ତ୍ତା ଓ ଅନେକ ବିଜୁପ୍ରେମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବିଜେଡି ସଭାନେତ୍ରୀ ସରସ୍ୱତୀ ମୁଣ୍ଡା, ଡବ୍ଲୁଡିସି ସଦସ୍ୟ ମାଣିକ୍ୟ ନାଏକ, ଥୁଆମୁଳ ରାମପୁର ବିଜେଡି ସଭାପତି କପିଳେଶ ନାଏକ, ଲାଞ୍ଜିଗଡ ବିଧାୟକ ପ୍ରତିନିଧି ପ୍ରଦିପ ଘଡେଇ, ସଚିଦାନନ୍ଦ ମହାକୁଡ, କିଶୋର ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ଗୁଣଗାନ କରିଥିଲେ।

**କୋକସରା, (ଡି.ଏନ.ଏ.):** ଧର୍ମଗଡ ନିର୍ବାଚନ ମଣ୍ଡଳୀ ଅଧୀନ କୋକସରା ବ୍ଲକ ସଦର ମହକୁମାରେ ଥିବା କସ୍ତୁରବା ଫୁଟବଲ ଖେଳ ପଡିଆଠାରେ କୋକସରା ବ୍ଲକ ସଭାପତି ସୁଶନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଧର୍ମଗଡ ବିଧାୟକ ମୌଷଧି ବାଗ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଧର୍ମଗଡ ବ୍ଲକ ଅଧକ୍ଷ ବଳରାମ ପୁଝାରୀ, ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ପୂର୍ବତନ ବ୍ଲକ ଉପାଧକ୍ଷ କୋକସରା ପର୍ଶୁରାମ ପ୍ରଧାନୀ, କୋକସରା ବ୍ଲକ ବିଜେଡି ଯୁବ ସଭାପତି ହେମନ୍ତ କୁମାର ମାଝି, କୋକସରା ବ୍ଲକ ବିଜେଡି ନାରୀନେତ୍ରୀ ଅଶୋକା ନାଏକ, ଧର୍ମଗଡ ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ବିବେକ ରନ ମିଶ୍ର, କଳମପୁର ବ୍ଲକ ବିଧାୟକ ପ୍ରତିନିଧି ସଦାନନ୍ଦ ଚନ୍ଦନ, ଧର୍ମଗଡ ବିଜେଡି ବ୍ଲକ ସଭାପତି ସଂକିର୍ତ୍ତନ ଗୋପାଳ ପ୍ରମୁଖ ମଞ୍ଚସୀନ ଅତିଥି ରୂପେ ଯୋଗଦେଇ ଆଗାମୀ ଦିନରେ ବିଧାୟକଙ୍କ ନେତୃତ୍ୱରେ ଦଳକୁ କେମିତି ଆଗକୁ ନେଇ ଧର୍ମଗଡ ବିଧାନସଭାର ପ୍ରଗତି କରିହେବ ଏ ନେଇ ମତ ରଖିଥିଲେ। ଏହି ଅବସରରେ କୋକସରା ବ୍ଲକ ବିଜେଡିର ପ୍ରଦୀପ କିଶୋର ବାଗ, ମାନସ ରନ ବାଗ, ମହେଶ ଗୁପ୍ତା, ମାନସ ପ୍ରଧାନୀ ସହଯୋଗ କରିଥିବା ବେଳେ କୋକସରା ଅନୁସୂଚିତ ସେଲ ସଭାପତି ପବିତ୍ର ମୋହନ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

**ପଲମ,(ଡି.ଏନ.ଏ.):** କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁର୍ଶୁର୍ଲା-ମସ୍କାଦାଣ୍ଡି ଶାନ୍ତିବନଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନର୍ଲା ନିର୍ବାଚନ ମଣ୍ଡଳୀର ଭୁପିନ୍ଦର ସିଂଙ୍କ ସଭାପତିତ୍ୱରେ ମ.ରାମପୁର ଜିଲା ପରିଷଦ ସଦସ୍ୟ ତଥା ଯୋଜନା ବୋର୍ଡ ଅଧକ୍ଷ ସଭ୍ୟ ପୁଷ୍ପେନ୍ଦ୍ର ସିଂଦେଓ, କିର୍ତ୍ତନ ସାହୁ, ଦୁଲ୍ଲଭ ମାହାର,ଜିନ୍ଦି ସିଂ ପ୍ରମୁଖ ଯୋଗଦାନ କରିଥିଲେ । ଦଳର ଉନ୍ନତି ସାଧନ ଦିଗରେ ଅନେକ ପ୍ରକାର ଆଲୋଚନା ହେବା ପରେ ନୂତନ ଭାବେ ପ୍ରାୟ ୨୦ଜଣ ସଭ୍ୟ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ। ଏଥିରେ ମ.ରାମପୁର, କର୍ଲାମୁଣ୍ଡା, ନର୍ଲା, କେସିଙ୍ଗାର ଶତାଧିକ ବିଜେଡି କର୍ମୀ ଓ ବହୁ ସଂଖ୍ୟାରେ ଦଳୀୟ ମହିଳାମାନେ ଯୋଗଦାନ କରିଥିଲେ।

**କେଗାଁ,(ଡି.ଏନ.ଏ.):** ଗୋଲାମୁଣ୍ଡା ବ୍ଲକ ବଡଚେରଗାଁଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା କାର୍ଯ୍ୟକାରୀ ସଭାପତି ପ୍ରବୋଧ ରଥ, ବିଜେଡି ଯୁବ ସଭାପତି ଆଦିତ୍ୟ ନନ୍ଦ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ, ଜୁନାଗଡ ବ୍ଲକ ସଭାପତି ପ୍ରମୋଦ ବେହେରା, ଗୋଲାମୁଣ୍ଡା ବ୍ଲକ ସଭାପତି ଦୟାସାଗର ଚଲାନ, ଧାମନପୁର ସମିତିସଭ୍ୟ ଦିନେଶ କୁମାର ରାଉତ ତଥା ବ୍ଲକର ଅନେକ ସରପଞ୍ଚ ଓ ସମିତି ସଭ୍ୟ ମଞ୍ଚାସୀନ ରହି ଆଗାମୀ ଦିନରେ ଦଳକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାରଙ୍କ ବିକାଶମୁଖୀ କାର୍ଯ୍ୟକଳାପ ଘର ଘରକୁ ପହାଞ୍ଚାଇବାକୁ ମନ୍ତ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ପ୍ରବୋଧ ରଥ ସଭା ପରିଚାଳନା ଓ ଦିଲୀପ ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।

ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

# ଚିଚରଲା ଦଳ ୪-୨ ଗୋଲରେ ବିଜୟୀ

**ଭବାନୀପାଟଣା,୨୬।୧୨ (ଡି.ଏନ.ଏ.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଓ ସ୍ୱାଧୀନ ୟୁଥ କ୍ଲବ କର୍ଲାପଡାର ମିଳିତ ସହଯୋଗରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। ଯୁବ ସଂଯୋଜକ ପ୍ରସନ୍ନ ମେହେର ଓ ଲେଖାପାଳ ଦ୍ୱିତୀୟା ବଂଛୋରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ଚିଚରଲା ଏବଂ ତୁଲାପଡା ଦଳ ମଧ୍ୟରେ ହୋଇଥିଲା । ଚିଚରଲା ଦଳ ତୁଲାପଡା ଦଳକୁ ୪-୨ ଗୋଲ ଦେଇ ବିଜୟ ଲାଭ କରିଥିଲେ। କରଲାପଡା ଯୁକ୍ତ ତିନି ମହାବିଦ୍ୟାଳୟ ଇତିହାସ ଅଧ୍ୟାପକ ରଞ୍ଜିତ କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବଙ୍ଗୋମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ଅଞ୍ଜନା ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖେଳକୁ ମନୋଜ ବିଶ୍ୱାଳ, ଉପେନ୍ଦ୍ର ଶବର, ରଶ୍ମି ରଞ୍ଜନ ପ୍ରଧାନ, ସୁରେଶ ନାୟକ ପରିଚାଳନା କରିଥିଲେ । ଯୁବ ଅନୁଷ୍ଠାନ ସଭାପତି ଧ୍ରୁବ ଚରଣ ପ୍ରଧାନ, ସମ୍ପାଦକ ଅଞ୍ଜନ ପ୍ରଧାନ, ହୃଦାନନ୍ଦ ବାରିକ, ନିର୍ମଳ ଚନ୍ଦ୍ର ପ୍ରଧାନ, ଜଗଦାନନ୍ଦ ପ୍ରଧାନ, ଆଲୋକ ଯାଲ, ଗୋଲକ ବାରିକ, ଚେତକ ପ୍ରଧାନ, କେତନ ଜୁଆଡ, ସାବନ ପ୍ରଧାନ, ବବୁଲୁ ପ୍ରଧାନ, ଦୁଷ୍ମନ୍ତ ଭୋଇ ଏବଂ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ

## ସଂକ୍ଷେପରେ

### ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ମିଶ୍ରଣକୁ ବିରୋଧ

**ରାଉରକେଲା ଅଫିସ,୨୬। ୧୨** - ଦୀର୍ଘ ଦିନ ହେବ ଡେଲି ମାର୍କେଟ ଅଞ୍ଚଳରେ କାର୍ଯ୍ୟ କରି ଆସୁଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କକୁ ବାସନ୍ତୀ କଲୋନୀ ଶାଖା ସହ ମିଶ୍ରଣ ନିଷ୍ପତିକୁ ବିରୋଧ କରାଯାଇଛି। ଏନେଇ କର୍ମଚାରୀ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ପୁଲିନ ମିଶ୍ର କହିଛନ୍ତି ଯେ, ଡେଲି ମାର୍କେଟ ଶାଖା ଉପରେ ବହୁ ଗ୍ରାହକ ନିର୍ଭର କରୁଥିବାବେଳେ ଏହାକୁ ବିନା କାରଣରେ ବନ୍ଦ କରିଦେବା ନିସ୍ପତି ଗ୍ରହଣଯୋଗ୍ୟ ହୋଇ ପାରୁନି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ସେ ଆହୁରି କହିଛନ୍ତି ଯେ, ବାରମ୍ବାର ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ଲାଭ ମିଳି ପାରିନି। ସରକାର ଲୋକଙ୍କ ଘରେ ବ୍ୟାଙ୍କ ସେବା ପହଞ୍ଚାଇବାକୁ ସ୍ୱପ୍ନ ଦେଖୁଥିବା ବେଳେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଶାଖାରେ ତାଲା ଝୁଲାଇବାକୁ ନିସ୍ପତି ନିଆଯିବା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଏହି ଶାଖା ବନ୍ଦ ନ ହେବା ନେଇ ଗ୍ରାହକଙ୍କ ଦାବିକୁ କର୍ତ୍ତୃପକ୍ଷ ପ୍ରତ୍ୟାଖ୍ୟାନ କରିବା ଉଚିତ ହେଉ ନାହିଁ ବୋଲି ମିଶ୍ର ପ୍ରକାଶ କରିଛନ୍ତି। ଯଦି କର୍ତ୍ତୃପକ୍ଷ ନିସ୍ପତିରୁ ନ ଓହରନ୍ତି ତାହେଲେ ସମ୍ମିଳିତ ବିରୋଧ ସୁନିଶ୍ଚିତ ବୋଲି ସେ ପ୍ରକାଶ କରିଛନ୍ତି।

### ■ ବର୍ଷର ଶେଷ ପରାଗ

# କୋହଲା ପାଗ ସୃଷ୍ଟି କଲା ଅଡୁଆ ପରିସ୍ଥିତି

**ରାଉରକେଲା ଅଫିସ,୨୬। ୧୨**

୨୦୧୯ର ଅନ୍ତିମ ସୂର୍ଯ୍ୟ ଗ୍ରହଣ ସାଙ୍ଗକୁ ଷ୍ଟିଲ ସିଟିରେ କୋହଲା ପାଗ ଗୁରୁବାର ଖାଁ ଖାଁ ପରିସ୍ଥିତି ସୃଷ୍ଟି କରିଥିଲା। ସକାଳ ସାଢେ ୮ଟାରୁ ଏହି ପରାଗ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ୪୭ରେ ଶେଷ ହୋଇଥିଲା। ସ୍କୁଲ କଲେଜ ଅଫିସ ଛୁଟି ସାଙ୍ଗକୁ ପରାଗ ଦୁଷ୍ପ୍ରଭାବ ନେଇ ଅନେକ ଘରୁ ବାହାରି ନ ଥିଲେ। ଫଳରେ ରାସ୍ତାଘାଟ ଶୂନଶାନ ଜଣାପଡୁଥିଲା। ଦିନଭରି କୋହଲା ପାଗ ସାଙ୍ଗକୁ ସୁଲୁସୁଲିଆ ପବନ ପୁଣି ଅପରାହ୍ନକୁ ଝିପି ଝିପି ବର୍ଷା ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ଏଭଳି ସ୍ଥିତି ସମ୍ପୂର୍ଣ୍ଣ ପାଣିପାଗକୁ ବିଗିଡାଇ ଦେଇଥିଲା। ଖାଲି ଆଖିରେ ପରାଗ ଦେଖାଯାଇ ନ ଥିଲା। ଦିନଭରି ଲୋକେ ହାଟ ବଜାରକୁ ବାହାରିବା ମୁସ୍କିଲ ହୋଇ ପଡିଥିଲା। ଏମିତି ଅବସ୍ଥାରେ ବିଜ୍ଞାନ ଚେତନା ମଞ୍ଚ ପକ୍ଷରୁ ସୂର୍ଯ୍ୟ ପରାଗ ଦେଖିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଥିଲା। ଆକାଶ ମେଘାଚ୍ଛନ୍ନ ରହିଥିବା ବେଳେ ସାଧାରଣ ଭାବେ ସୂର୍ଯ୍ୟ ପରାଗ ଦେଖିବାକୁ ଆଗ୍ରହୀ ନିରାଶ ହୋଇଥିଲେ।




ସୂର୍ଯ୍ୟୋପରାଗ ଦେଖିବାକୁ ବିଜ୍ଞାନ ଚେନତା ମଞ୍ଚ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା।

ବିଜ୍ଞାନ ଚେନତା ମଞ୍ଚ ରାଉରକେଲା ଶାଖା ପକ୍ଷରୁ ସନ ଫିଲ୍ଟର ମାଧ୍ୟମରେ ସେକ୍ଟର-୮ ଜୁବୁଲି ପାର୍କ ଠାରେ ପରାଗ ଦେଖିବା ନେଇ ବ୍ୟବସ୍ଥା କରାଯାଇ ଥିଲା। ଏଥିରେ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଗଣେଶ୍ୱର ବେହେରା ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଡ. ରାମକୃଷ୍ଣ ବିଶ୍ୱାଳ, ଅଜିତ ବେହେରା, ଅନନ୍ତ ପ୍ରଧାନ, ଅବସରପ୍ରାପ୍ତ ପ୍ରଫେସର ଶଶୀକାନ୍ତ ଆଚାର୍ଯ୍ୟ, ବନମାଳି କର ପ୍ରମୁଖ ଉପସ୍ଥିତ ରହି ପରାଗ ସମ୍ପର୍କୀତ ଅନେକ ତଥ୍ୟ ପ୍ରକାଶ କରିଥିଲେ। ଏଥିରେ କୁହାଯାଇ ଥିଲା ଯେ, ସତ୍ୟ ପ୍ରତିଷ୍ଠା କରିବାରେ ବିଜ୍ଞାନ ହେଉଛି ଅମୋଘ ଅସ୍ତ୍ର ଭଳି। ଅନ୍ଧ ବିଶ୍ୱାସ ଦୂର କରି ବାସ୍ତବତାକୁ ଲୋକ ଲୋଚନକୁ ଆଣିବା ସଙ୍ଗଠନର ମୂଳ ଉଦ୍ଦେଶ୍ୟ। ଏଣୁ ଛାତ୍ରୀଛାତ୍ର ଏ ଦିଗରେ ଯତ୍ନବାନ ହେବାକୁ ଆହ୍ୱାନ ଦିଆଯାଇଥିଲା। ସୂର୍ଯ୍ୟ ପରାଗ ଅବଲୋକନ କରିବା ଓ ଖାଦ୍ୟ ଗ୍ରହଣ କରିବାରେ କୌଣସି ଦୋଷାଦୋଷ ନାହିଁ। ଲୋକେ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ନ ହେବାକୁ ପରାମର୍ଶ ପ୍ରଦାନ କରାଯାଇ ଥିଲା। ଏଥିରେ ଆଲୋକ ବେହେରା, ସୂର୍ଯ୍ୟ ନାରାୟଣ ପଣ୍ଡା, ପରମେଶ୍ୱର ଓରାମ. ସଂଗ୍ରାମ ପରିଡା, ପ୍ରମିଳା ବେହେରା, ଅଂକିତା, ଅର୍ପିତା, ଆଦିତ୍ୟ ଓ ଶୁଭ୍ରାଂଶୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିରକେରା ଗ୍ରାମ ପଞ୍ଚାୟତରେ ବିଜେଡ଼ି ପ୍ରତିଷ୍ଠା ଦିବସ ପାଳିତ

**ବେଦବ୍ୟାସ, ୨୬।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକ ଅନ୍ତର୍ଗତ ବିରକେରା ଗ୍ରାମ ପଞ୍ଚାୟତର ବିରକେରା ଷ୍ଟାଡିୟମରେ ଗୁରୁବାର ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ବିଜୁ ଛାତ୍ର ଜନତା ଦଳ ଓ ଲାଠିକଟା ବିଜୁ ଜନତା ଦଳ ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଲାଠିକଟା (ଖ) ଜୋନ ଜିଲା ପରିଷଦ ସଭ୍ୟ ଯୁବନେତା ମହେଶ ନାଗଙ୍କ ସଭାପତିତ୍ୱରେ ଆୟୋଜିତ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସରେ ବ୍ଲକର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ବିଜୁ ଛାତ୍ର ଜନତା, ବିଜୁ ଜନତା ଦଳର ବ୍ଲକ ସ୍ତରୀୟ ନେତୃବୃନ୍ଦ ଯୋଗଦେଇଥିଲେ । ବିଜୁ ଛାତ୍ର ନେତା ଦଳର ରାଜ୍ୟ ସମ୍ପାଦକ ରବୀନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୦୦ ଯୁବକ ଅଙ୍ଗଦାନ ନିମନ୍ତେ ସ୍ୱୀକୃତିପତ୍ର ଦସ୍ତଖତ କରିଥିଲେ। ଅଞ୍ଚଳର ପ୍ରାୟ ୫୦୦ ଗରିବ ଲୋକଙ୍କୁ ଶୀତବସ୍ତ୍ର କମ୍ବଳ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲୁଙ୍ଗା ପଞ୍ଚାୟତର ସରପଞ୍ଚ ରାମ ମାଝୀ, ବିରକେରା ସରପଞ୍ଚ ସଂଯୁକ୍ତା ବିନ୍ଦୁ ଲାକ୍ରା, ଟାଇଁସିର ସରପଞ୍ଚ ପ୍ରହଲ୍ଲାଦ ଓରାମ, ଗର୍ଜନ ସରପଞ୍ଚ ସୁନୀତା ଖେସ, କଲୁଙ୍ଗା ଲ୍ୟାମ୍ପ ପରିଚାଳନା ସଭାପତି ଦଶରୁ କୁଜୁର, ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ଛାତ୍ର ଜନତା ଦଳର ସଭାପତି ବୀରେନ୍ଦ୍ର ଓରାମ, ଗୋବିନ୍ଦ ମାଝୀ, ବିଶ୍ୱ ପ୍ରକାଶ ବେହେରା ପ୍ରମୁଖ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସନ୍ତୋଷ ଲାଲ, ରାମ କୁମାର ଲାକ୍ରା, ସୁରତ କିସାନ, ପିଣ୍ଟୁ ରଣା, ଅନନ୍ତ ବାର୍ଲା, ସାମୁଏଲ ଲାକ୍ରା, ଘନଶ୍ୟାମ ସିଂ, ଲାଲୁ ରାଉତ, ଚନ୍ଦ୍ରମଣୀ କିଶାନ, ରାଜୁ ମହାନ୍ତି, ପ୍ରଦୀପ ଲାକ୍ରା ପ୍ରମୁଖ ଯୋଗଦେଇଥିଲେ। ନବୀନ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁନ୍ଦରଗଡ଼ରେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା

**ସୁନ୍ଦରଗଡ଼,୨୬।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଅଞ୍ଚଳରେ ଦିନସାରା କେହୋଲା ପାଗ ସାଙ୍ଗକୁ ଆକାଶ ମେଘାଚ୍ଛନ୍ନ ରହିଥିଲା। ଏହି ସମୟରେ ଆକାଶ ମେଘାଚ୍ଛନ୍ନ ରହିବା କାରଣରୁ ଅଞ୍ଚଳବାସୀ ଠିକ୍ ଭାବେ ସୂର୍ଯ୍ୟପରାଗକୁ ଦେଖିବାର ସୁଯୋଗ ପାଇନାହାନ୍ତି। ଅନ୍ୟପକ୍ଷେ ଝିପିଝିପି ବର୍ଷା ଯୋଗୁ ଶୀତର ମାତ୍ରା ବୃଦ୍ଧି ପାଇଛି। ସୁନ୍ଦରଗଡ ସହରରେ ଦିନ ତମାମ ପାଗ ମେଘୁଆ ଥିବା ବେଳେ ସନ୍ଧ୍ୟାରେ ୨/୩ଅସରା ଲେଖାଏଁ ବର୍ଷା ହୋଇଥିଲା। ଫଳରେ ସହରରେ ଥଣ୍ଡା ପ୍ରକୋପ ବୃଦ୍ଧି ପାଇଛି। ରାସ୍ତାଘାଟ ଗହଳି କମି ଯାଇଥିଲା।

### ■ ବାଜପେୟୀଙ୍କ ଜନ୍ମ ଦିନରେ

# ଭାଜପା ଜିଲା ସଭାନେତ୍ରୀଙ୍କ କାର୍ଯ୍ୟଭାର ଗ୍ରହଣ

**ରାଉରକେଲା ଅଫିସ,୨୬। ୧୨**

ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ଭାବେ ଲତିକା ପଟ୍ଟନାୟକ ବୁଧବାର ଅପରାହ୍ନରେ ସେକ୍ଟର ୩ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂଆ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବତନ ସଭାପତି ଜଗବନ୍ଧୁ ବେହେରା ଏହି ଅବସରରେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଏମ୍‌ପି ଜୁଏଲ ଓରାମଙ୍କ ଉପସ୍ଥିତିରେ ଲତିକାଙ୍କୁ ନୂଆ ସଭାନେତ୍ରୀ ଭାବେ ଘୋଷଣା କରାଯାଇ ଥିଲା। ଏଥିରେ ଓରାମ ବକ୍ତବ୍ୟ ପ୍ରଦାନ କରି କହିଥିଲେ, ଦଳ ପ୍ରତି ଆନୁଗତ୍ୟ, ଶୃଙ୍ଖଳା ଓ କାର୍ଯ୍ୟ ଦକ୍ଷତା ଆଧାରରେ ନୂତନ ସଭାପତି ନିଯୁକ୍ତ କରାଯାଇଛି। ସେ ତାଙ୍କ ଦାୟିତ୍ୱକୁ ନିଶ୍ଚିତ ଭାବେ ସୁଚାରୁ ରୂପେ ପାଳନ କରିବେ। ତେବେ ଦଳୀୟ କର୍ମକର୍ତ୍ତା, କର୍ମୀ ତାଙ୍କୁ ସହଯୋଗ କରିବାକୁ ଓରାମ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ସେ ପୂର୍ବତନ ସଭାପତି ଜଗବନ୍ଧୁ ବେହେରାଙ୍କ କାର୍ଯ୍ୟକାଳକୁ ପ୍ରଶଂସା କରିଥିଲେ। ଏଥିରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ବରିଷ୍ଠ ନେତା କିଶୁନ ସାହୁ, ଧିରେନ ସେନାପତି, ରଘୁ ବଳ, ପ୍ରମିଳା ଦାସ, ପ୍ରମିଳା ସୁନା, ପୂର୍ଣ୍ଣିମା କେର୍କେଟା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଦଳ ଲତିକାଙ୍କ ନେତୃତ୍ୱରେ ଶକ୍ତିଶାଳୀ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ନୂଆ ସଭାନେତ୍ରୀ ଲତିକା ତାଙ୍କ ଉପରେ ଦଳ ଭରଷା କରିଥିବାରୁ ଉପରିସ୍ଥ ନେତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳନ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଅମରେନ୍ଦ୍ର ଶର୍ମା ପରିଚାଳନା କରିଥିଲେ।




ଭାଜପା ସଭାନେତ୍ରୀଙ୍କ ଦାୟିତ୍ୱ ଗ୍ରହଣ ଅବସରରେ ଉପସ୍ଥିତ ଏମ୍‌ପି ଓ ଅନ୍ୟ ନେତା।

## କଲୁଙ୍ଗା କରତକଳ ଛକରେ ବିଜେଡ଼ି ପ୍ରତିଷ୍ଠା ଦିବସ ପାଳିତ

**ବେଦବ୍ୟାସ, ୨୬।୧୨ (ଡି.ଏନ.ଏ)**– ଲାଠିକଟା ବ୍ଲକ ଅନ୍ତର୍ଗତ କଲୁଙ୍ଗା କରତକଳ ଛକରେ ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ବିଜେଡ଼ି ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। କଲୁଙ୍ଗା କରତକଳ ଛକ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି କମିଟି ଆନୁକୂଲ୍ୟରେ ବିଜେଡ଼ିର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି କମିଟିର ସଭାପତି ଦେବବ୍ରତ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁନ୍ଦରଗଡ ଜିଲା ବିଜୁ ଜନତା ଦଳର ପୂର୍ବତନ ସଭାପତି ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ପ୍ରଦାନ କରିବା ସହ ବିଜୁ ବାବୁଙ୍କ ନାମକୁ ନେଇ ବିଜୁ ଜନତା ଦଳ ଗଠିତ। ସ୍ୱଚ୍ଛ ଲୋକାଭିମୁଖୀ କାର୍ଯ୍ୟକ୍ରମ ଆଜିକୁ ନେଇ ଦୀର୍ଘ ବର୍ଷ ହେବ ରାଜ୍ୟରେ ବିଜେଡ଼ି ସରକାର ଭାରତ ବର୍ଷରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ବିଜୁ ବାବୁ ଯେଉଁଭଳି ଜଣେ ଆନ୍ତର୍ଜାତୀୟ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ ତାଙ୍କ ନାମରେ ଗଠିତ ହୋଇଥିବା ବିଜୁ ଜନତା ଦଳ ଆଜି ସାରା ଭାରତ ବର୍ଷରେ ଚର୍ଚ୍ଚାର ଦଳ ହୋଇପାରିଛି ବୋଲି ବକ୍ତବ୍ୟ ମାଧ୍ୟମରେ ଆଲୋକପାତ କରିଥିଲେ। ଏହି ଅବସରରେ କଲୁଙ୍ଗା କରତକଳ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି କମିଟିର ସମସ୍ତ କର୍ମକର୍ତ୍ତା, ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ ।




ରାଜଗାଙ୍ଗପୁର କମ୍ୟୁନିଟି ସେଣ୍ଟରଠାରେ ବିଜେଡି ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଦଳୀୟ ସଭାପତି, ନେତା।

# ରାଜଗାଙ୍ଗପୁରରେ ବିଜେଡି ପ୍ରତିଷ୍ଠା ଦିବସ

**ରାଜଗାଙ୍ଗପୁର, ୨୬।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର କମ୍ୟୁନିଟି ସେଣ୍ଟରଠାରେ ବିଜୁ ଜନତା ଦଳ (ବିଜେଡି)ର ୨୩ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ରାଜଗାଙ୍ଗପୁର ବିଜୁ ପଟ୍ଟନାୟକ ଛକଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏହି ପ୍ରତିଷ୍ଠା ଦିବସର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବିଜୁ ପଟ୍ଟନାୟକ ଛକଠାରୁ ଏକ ମୋଟର ସାଇକେଲ ରାଲି କରି ସୁବାଷ ଛକ ଦେଇ ବିଜୁ ଜନତା ଦଳର କର୍ମୀମାନେ ସଭା ସ୍ଥଳ କମ୍ୟୁନିଟି ସେଣ୍ଟରକୁ ଆସିଥିଲେ। ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ସୁନ୍ଦରଗଡ଼ ବିଜୁ ଜନତା ଦଳର ଜିଲା ସଭାପତି ତଥା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ମଙ୍ଗଳା କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରାଜଗାଙ୍ଗପୁର ବିଧାନ ସଭା ସମେତ ସୁନ୍ଦରଗଡ ଜିଲା ପାଇଁ ଏମ୍‌ପି ପଦରେ ବିଜୁ ଜନତା ଦଳ ପରାଜୟ ବରଣ କରିଥିବାରୁ ସମସ୍ତ ବିଜୁ ଜନତା ଦଳର କର୍ମୀ ପରସ୍ପର ମଧ୍ୟରେ ଥିବା ମନମାଳିନ୍ୟକୁ ଭୁଲି ଆଗାମୀ ପୌରନିର୍ବାଚନ ଓ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଆଗାମୀ ପଞ୍ଚାୟତ ଓ ପୌରନିର୍ବାଚନରେ ବିଜୁ ଜନତା ଦଳର ବିଜୟ ହେଲେ ହିଁ ଆମ ପ୍ରକୃତ ଉଦ୍ଦେଶ୍ୟ ପୂରଣ ହେବ ବୋଲି ଉପସ୍ଥିତ କର୍ମୀଙ୍କୁ ସମ୍ବୋଧିତ କରିଥିଲେ। ସଭାରେ ରାଜଗାଙ୍ଗପୁର ବିଜେଡି ଟାଉନ ସଭାପତି ଅଶେଷ ପଣ୍ଡା, ବରିଷ୍ଠ ବିଜେଡି ନେତା ଜିତୁ ଦାସ, ରାଜେନ୍ଦ୍ର ଲେଙ୍କା, ରାମ କୁଜୁର ପ୍ରମୁଖ ଯୋଗଦେଇ ଆଗାମୀ ପଞ୍ଚାୟତ ଓ ପୌରନିର୍ବାଚନ ପାଇଁ ପ୍ରସ୍ତୁତ ହୋଇ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କହିଥିଲେ। ୨୩ତମ ପ୍ରତିଷ୍ଠା ଦିବସରେ ଶପଥ ନେବା ପାଇଁ ଉପସ୍ଥିତ ବିଜେଡି କର୍ମୀଙ୍କୁ ସେ କହିଥିଲେ। ଏହି ସମାବେଶରେ କୁତ୍ରା, ରାଜଗାଙ୍ଗପୁର, କାଂଶବାହାଲ, ଲାଠିକଟା ଅଞ୍ଚଳର ଶହଶହ ବିଜେଡିକର୍ମୀ ଯୋଗଦେଇଥିଲେ।

# ୨୫ ପାଲି କିଷାନ ସମାଜର ନୂତନ କମିଟି ଗଠନ

**ବଡ଼ଗାଁ, ୨୬।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବାଉଁସେନ ଗ୍ରାମ ସ୍ଥିତ କିଷାନ ସମାଜ ଗଙ୍ଗାଘାଟଠାରେ ବୁଧବାର ୨୫ ପାଲି କିଷାନ ସମାଜ ଗଙ୍ଗାଘାଟ ଉନ୍ନୟନ କମିଟିର ବୈଠକ ଓ ନୂତନ କମିଟି ଗଠନ କରାଯାଇଛି। ଜଗନ୍ନାଥ ଲାକ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବଡ଼ଗାଁ ଓ କୁତ୍ରା ବ୍ଲକର ୧୮ଟି ଗ୍ରାମ (୨୫ ପାଲି) ଗ୍ରାମ ସମାଜ ପ୍ରତିନିଧି ଯୋଗଦେଇଥିଲେ। ୧୮ଟି ଗ୍ରାମର ୨ଜଣ ଲେଖାଏଁ ସମାଜ ପ୍ରତିନିଧି କମିଟି ଗଠନରେ ଅଂଶଗ୍ରହଣ କରି ମତଦାନ କରିଥିଲେ। ଏଥିରେ ସାଧୁଚରଣ ମାଝି ସଭାପତି, ପ୍ରଭାତୀ ମାଝି ଉପସଭାପତି, ପଦ୍ମାବତୀ କିଷାନ ସମ୍ପାଦିକା, ହରି ବାହାଲ ସହସମ୍ପାଦକ, ସୁରେନ୍ଦ୍ର କିଷାନ ଓ ଜେମା ମାଝି କୋଷାଧ୍ୟକ୍ଷ ଓ ସହକୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସମାଜ କର୍ମକର୍ତ୍ତା ଓ ସମାଜ ପ୍ରତିନିଧିମାନେ ନବ ନିର୍ବାଚିତ କମିଟି କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୋହନଲାଲ କିଷାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କିଷାନ ସମାଜର ନବନିର୍ବାଚିତ କମିଟି କର୍ମକର୍ତ୍ତା ।

### ■ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର

# ଜାତୀୟ ସଂହତି ଲାଗି ଏନ୍‌ଏସ୍‌ଏସ୍ ଉଦ୍ଦିଷ୍ଟ

**ରାଉରକେଲା ଅଫିସ,୨୬। ୧୨**

ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ଦ୍ୱାରା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ଶୀତକାଳୀନ ସ୍ୱତନ୍ତ୍ର ଶିବିର ସପ୍ତାହ ବ୍ୟାପି ଆରମ୍ଭ ହୋଇଛି। ତେଲିପୋଷ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଭାରତୀୟ ରେଳବାଇ ମଜଦୁର ସଂଘର ରାଷ୍ଟ୍ରୀୟ ମୁଖପାତ୍ର ଡ. ସୁବାସ ଚନ୍ଦ୍ର ଲେଙ୍କା ଏଥିରେ ମଞ୍ଚାସୀନ ଥିଲେ। ଏହି ଅଧିବେଶନ ପ୍ରାରମ୍ଭରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ଥିଲା। ପରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ଥିଲା। ମୁଖ୍ୟ ଅତିଥି ବିଧାୟକ ଓରାମ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରମ୍ପରା ସମ୍ପର୍କରେ ତଥା ସଂସ୍କୃତିର ଉତ୍ଥାନ ନିମନ୍ତେ ନିଜର ଉଜ୍ଜ୍ୱସିନୀ ଭାଷଣ ପ୍ରଦାନ କରିଥିଲେ।




ଏନ୍‌ଏସ୍‌ଏସ୍ ଶିବିରରେ ଯୋଗ ଦେଇଥିବା ଅତିଥି, ଅଧ୍ୟାପିକା, ଅଧ୍ୟାପକ ଓ ଅଧ୍ୟକ୍ଷ।

ଜାତୀୟ ସେବା ଯୋଜନାରେ ମୂଳ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣ ବିକାଶ କରାଇବା। ଭାରତ ସରକାର ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ରାଷ୍ଟ୍ରର ସଂହତି ପାଇଁ ଏହି ଯୋଜନା ପ୍ରଚଳନ କରିଛନ୍ତି। ଏନେଇ ବିଦ୍ୟାର୍ଥୀ ଆଗ୍ରହ ପ୍ରକାଶ କଲେ ଏହା ସଫଳ ହେବ ବୋଲି ଓରାମ କହିଥିଲେ।। ସଭାପତି ତଥା ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ସମ୍ପର୍କରେ କହିଥିଲେ। ସପ୍ତାହ ବ୍ୟାପି ଏହି ଅଧିବେଶନକୁ ସଫଳ କରିବା ପାଇଁ ସମସ୍ତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତେ ସଂସ୍କୃତିର ବାତାବରଣକୁ ସନ୍ତୁଳିତ କରିବା ସହିତ ଗୁରୁ ପରମ୍ପରାର ନିୟମକୁ ବଜାୟ ରଖିବା ନିମନ୍ତେ ପଣ୍ଡା ପରାମର୍ଶ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡ. ସୁବାସ ଲେଙ୍କା ନିଜ ବକ୍ତବ୍ୟରେ କହିଥିଲେ ଯେ, ସପ୍ତାହ ବ୍ୟାପି ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିରକୁ ସଫଳ କରିବା ନିମନ୍ତେ ସମସ୍ତଙ୍କ ଅବଦାନ ଆବଶ୍ୟକ। ଆସନ୍ତା ୩୧ ପର୍ଯ୍ୟନ୍ତ ଏହି ଶିବିରରେ ଯୋଗଦାନ ପୂର୍ବକ ସମସ୍ତଙ୍କୁ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିଭାବେ ଗଢ଼ି ତୋଳିବା ଏବଂ ତାହାର ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେବା ତଥା କାର୍ଯ୍ୟକ୍ରମକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଡମପଡ଼ା, ଖ୍ରୀଷ୍ଟିଆନ ବସ୍ତିକୁ ପୋଷ୍ୟଗ୍ରାମ ଭାବେ ନିଆଯାଇ ଜନସେବା କରାଯିବ ବୋଲି ଡ. ପଣ୍ଡାଙ୍କ ପ୍ରସ୍ତାବକୁ ସମର୍ଥନ କରାଯାଇ ଥିଲା। ସମ୍ମାନିତ ଅତିଥି ନିରଞ୍ଜନ କରଣ ଓ ଯଶପାଲ ସିଂହ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଜ୍ୟୋତିରେଖା ମିଶ୍ର, ସାମଲାଲ ଦାସ, ଶଙ୍କର ପୂଜାରୀ, ଦିଲ୍ଲୀପ ପଟେଲ, ବାବୁ ଭାଇ, ରୀନା ମେହେର ଓ ଜୁଲୁ ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପକ କାଳିକିଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
- କନ୍‌ଫୁସିଅସ



## ସଂକ୍ଷେପରେ

### ଶ୍ୱଶୁର ଘରେ ବିଦ୍ୟୁତ୍ ଆଘାତରେ ଜ୍ୱାଇଁଙ୍କ ମୃତ୍ୟୁ

ଲହୁଣୀପଡା, ୨୬।୧୨ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଗଣିଘସା ଗ୍ରାମରେ ଥିବା ଶ୍ୱଶୁର ଘରେ ଗୁରୁବାର ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ହଳଦୀକାଞ୍ଚ ଗ୍ରାମର କଳାକର ମୁଣ୍ଡା (୨୮) ନିଜ ଶ୍ୱଶୁର ଘର ଗଣିଘସା ଗ୍ରାମକୁ ଯାଇଥିଲେ। ସେଠାରେ ବିଦ୍ୟୁତ୍ ମରାମତି କାର୍ଯ୍ୟ କରୁଥିବା ସମୟରେ ସେ ବିଦ୍ୟୁତ୍ ଆଘାତରେ ଆସିବାରୁ ଗୁରୁତର ଅବସ୍ଥାରେ ତଳେ ପଡି ଯାଇଥିଲେ। ଆହତ ଅବସ୍ଥାରେ ଘଟଣା ସ୍ଥଳରୁ ଉଦ୍ଧାର କରି ପରିବାର ଲୋକେ ବଣାଇ ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଲହୁଣୀପଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

# ଉପାନ୍ତ ଅଞ୍ଚଳରେ ଡାକ୍ତର ଅଭାବ

**ସୁନ୍ଦରଗଡ଼ ଜିଲା**

- ଡାକ୍ତର ନ ଥିବାରୁ କ୍ୱାକମାନଙ୍କ ଦୌରାତ୍ମ୍ୟ ବୃଦ୍ଧି
- ରୋଗୀଙ୍କ ଜୀବନ ସହିତ ଚାଲିଛି ଖେଳ

କୁଆଁରମୁଣ୍ଡା, ୨୬।୧୨(ଡି.ଏନ.ଏ.)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ରାଏବୋଗା, ଅଣ୍ଡାଳି-ଜାମବାହାଲ, କାଦୋବାହାଲ ଇତ୍ୟାଦି ଅଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଫାର୍ମାସିଷ୍ଟମାନେ ନିଜକୁ ଡାକ୍ତର ବୋଲାଇବା ସହ ଘରୋଇ କ୍ଲିନିକ ଖୋଲି ସାଧାରଣ ଲୋକଙ୍କୁ ଚିକିତ୍ସା ସେବା ନାଁରେ ଲୁଟୁଛନ୍ତି। ଏହା ସହ ରାଜ୍ୟ ବାହାର କେତେକ ବ୍ୟକ୍ତି ଡାକ୍ତର ସାଜି ଲୋକଙ୍କ ଚିକିତ୍ସା କରୁଛନ୍ତି। ଏହି କ୍ୱାକ୍‌ମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ସାଧାରଣ ଜ୍ୱରଟିଏ ହେଲେ ବି ଅତିକମ୍‌ରେ ହଜାରେ ଟଙ୍କାର ଔଷଧ ଦେଉଛନ୍ତି। ଏହି ଅଞ୍ଚଳରେ ମୁଖ୍ୟତଃ ଗରିବ ଜନଜାତି/ଜାତିବର୍ଗର ଲୋକେ ବସବାସ କରିଥାଆନ୍ତି। ନିରକ୍ଷର ଓ ଅଜ୍ଞତା କାରଣରୁ ସେମାନଙ୍କୁ ସ୍ୱାସ୍ଥ୍ୟସେବା ନାଁରେ ଲୁଟୁଛନ୍ତି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ କ୍ୱାକ୍‌ମାନେ। ରାଏବୋଗା, ଅଣ୍ଡାଳି, ଜାମବାହାଲ, ସଲଙ୍ଗାବାହାଲ, କାଦୋବାହାଲ, ଝୁନମୁର ଇତ୍ୟାଦି ପଞ୍ଚାୟରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଘୁରି ବୁଲୁଛନ୍ତି ଏହି କ୍ୱାକମାନେ। ସେମାନଙ୍କର ନାଁ ଅଛି ଶିକ୍ଷାଗତ ଯୋଗ୍ୟତା ନାଁ ପ୍ରମାଣପତ୍ର। ରାତିପାହି ସକାଳ ହେଲେ ଉକ୍ତ ଅଞ୍ଚଳଗୁଡିକରେ କ୍ୱାକମାନେ ବୁଲି ବୁଲି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମନଇଚ୍ଛା ଔଷଧ ଦେଇ ସେମାନଙ୍କୁ ଲୁଟୁଛନ୍ତି। ଏପରିକି ସେମାନଙ୍କ ଦ୍ୱାରା ଚିକିତ୍ସିତ ରୋଗୀ ଅଧିକାଂଶ ସମୟରେ ଭଲ ଆରୋଗ୍ୟ ହେବା ପରିବର୍ତ୍ତେ ମୃତ୍ୟୁବରଣ କରିଥାଏ। ଏହିଭଳି ଅନେକ ରୋଗୀ ଏହି ବ୍ଲକର ଉପାନ୍ତ ଅଞ୍ଚଳରେ ମୃତ୍ୟୁବରଣ କରୁଥିବା ବେଳେ ପରିବାର ଲୋକେ କ୍ୱାକମାନଙ୍କୁ ଦୋଷ ନ ଦେଇ ନିଜ ଭାଗ୍ୟର ଦୋଷ ଦେଇଥାଆନ୍ତି। ସେମାନଙ୍କର ଏହି ନିରୀହପଣ ଯୋଗୁ ଦିନକୁ ଦିନ କ୍ୱାକମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟ ପକ୍ଷରେ ଉକ୍ତ ଅଞ୍ଚଳରେ ଥିବା ଡାକ୍ତରଖାନାରେ ଡାକ୍ତର ଅଭାବ କଙ୍କଡାକୁ ଗୋଳି ପାଣି ସୁହାଇଲା ଭଳି ସେମାନଙ୍କୁ ବରଦାନ ପାଲଟୁଛି। ରୋଗୀଙ୍କ ଜୀବନ ସହିତ ଚାଲିଛି ଖେଳ। ରାଏବୋଗା ଓ ଏହାର ଆଖପାଖ ଅଞ୍ଚଳରେ ସରକାରୀ ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବକୁ ଦୃଷ୍ଟିରେ ରଖି ଔଷଧ ଦୋକାନ ସହ ବେଆଇନ କ୍ଲିନିକ୍ ଖୋଲି ରୋଗୀମାନଙ୍କୁ ମୋଟା ଅଙ୍କରେ ଲୁଟୁଛନ୍ତି। ଖୋଦ୍ ରାଏବୋଗାରେ ଜନୈକ କ୍ୱାକଙ୍କ କ୍ଲିନିକ୍‌ରେ ରୋଗୀ ଚିକିତ୍ସିତ ହେଲେ ସର୍ବନିମ୍ନ ୩ଶହ ଟଙ୍କା ଫିସ୍ ଦେବାକୁ ପଡୁଥିବା ଅଭିଯୋଗ ହେଉଛି। ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ନାଁରେ ଲୁଟି କ୍ୱାକମାନେ ବିତଶାଳୀ ହେଉଛନ୍ତି। ସରକାରୀ ଡାକ୍ତରଖାନାକୁ ଯଦି କେହି ଡାକ୍ତର ପୋଷ୍ଟିଂ ହେଲେ ତେବେ ତାଙ୍କ ବିରୋଧରେ ଲୋକଙ୍କୁ ମତାଇ କ୍ୱାକମାନେ ଡାକ୍ତରମାନଙ୍କୁ ରଖାଇ ଦେଉନାହାନ୍ତି। ବିନା ଲାଇସେନ୍ସରେ ରୋଗୀ ସେବା ଓ ଔଷଧ ଦୋକାନ ଖୋଲୁଥିବା ଉକ୍ତ କ୍ୱାକମାନଙ୍କ ଉପରେ ସରକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହାର ପ୍ରମୁଖ କାରଣ ହେଉଛି ଡ୍ରଗ୍ସ ଇନ୍ସପେକ୍ଟରଙ୍କର ନିୟମିତ ଏହି ଅଞ୍ଚଳଗୁଡିକ ପରିଦର୍ଶନ ହେଉନାହିଁ। ଅବଶ୍ୟ ଏହା ପଛରେ ବିଭାଗୀୟ ଅଧିକାରୀମାନଙ୍କୁ ଯେ ଭିତିରି ମୋଟା ଅଙ୍କର ହାତଗୁଞ୍ଜା ମିଳିଯାଉଥିବା କଥାକୁ ମଧ୍ୟ ଅସ୍ୱୀକାର କରିହେବ ନାହିଁ। ମୋଟାମୋଟି ଭାବେ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ଅଧିକାରୀ ସୀମାନ୍ତବର୍ତ୍ତୀ ଏହି ଅଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାରୀ ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ କରିବା ସହ କ୍ୱାକମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସାଧାରଣ ଲୋକେ ନିଶ୍ଚିତଭାବେ ଉପକୃତ ହୋଇପାରିବେ।

## ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା, ସାଂସ୍କୃତିକ ମହୋତ୍ସବର ତୃତୀୟ ଦିବସ



ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡାରେ ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

ସୁନ୍ଦରଗଡ଼, ୨୬।୧୨ (ଡି.ଏନ୍.ଏ)

ସ୍ଥାନୀୟ ରଙ୍ଗାଡିପା ଖେଳପଡିଆରେ ଚାଲିଥିବା ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବର ତୃତୀୟ ଦିବସରେ ୬-ଏ ସାଇଡ୍‌ର ଫୁଟବଲର ୨ଟି ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ ରଙ୍ଗାଡିପା ଫୁଟବଲ କ୍ଲବ ଓ ଇଣ୍ଡିଆନ ଡିଅର କ୍ଲବ ଲେମଲେମା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟଦୁର୍ଗା କ୍ଲବ ୫-୨ ଗୋଲରେ ବିଜୟୀ ହୋଇଥିଲା। ଏହି ଫୁଟବଲ ମ୍ୟାଚରେ ଆୟୋଜିତ ମହିଳା ଫୁଟବଲ ମ୍ୟାଚ୍ ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା। ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ଓ ପଞ୍ଚାୟତ ସମିତି ଜୁନିୟର କଲେଜ ବାଲିଶଙ୍କରା ମଧ୍ୟରେ ଅନୁଷ୍ଠିତ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ମୁଖ୍ୟ ଆକର୍ଷଣ ଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ଓ ବରିଷ୍ଠ ନାଗରିକ ଡ. ହିମାଂଶୁ ଶେଖର ଗୁରୁ ଓ ଯୁଗ୍ମ ସମ୍ପାଦକ ସମୀର କୁମାର କର, ଜାତୀୟ ଫୁଟବଲ ଖେଳାଳି ଶକ୍ତି ସିଂ, ସଞ୍ଜୟ ରାୟ, ଜିଲା ପରିଷଦ ସଭ୍ୟ ଯୋଗେଶ୍ୱର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ଅଭୟ ପଟ୍ଟନାୟକ, ସମ୍ପାଦକ ବଟ କିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ କ୍ଲବର ସଦସ୍ୟମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା

କୁଆଁରମୁଣ୍ଡା,୨୬।୧୨(ଡି.ଏନ.ଏ.)

ଗୁରୁବାର ସୂର୍ଯ୍ୟୋପରାଗରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଦିନସାରା କେହୋଲା ପାଗ ସାଙ୍ଗକୁ ଆକାଶ ମେଘାଚ୍ଛନ୍ନ ରହିଥିଲା। ଏହି ସମୟରେ ଆକାଶ ମେଘାଚ୍ଛନ୍ନ ରହିବା କାରଣରୁ ଅଞ୍ଚଳବାସୀ ବିରଳ ସୂର୍ଯ୍ୟପରାଗକୁ ଦେଖିବାର ସୁଯୋଗ ପାଇନାହାନ୍ତି। ଅନ୍ୟପକ୍ଷେ ସନ୍ଧ୍ୟାରେ ଅସରାଏ ଝିପିଝିପି ବର୍ଷା ଯୋଗୁ ଶୀତର ମାତ୍ରା ବୃଦ୍ଧି ପାଇଛି। ସେହିପରି ଝିପିଝିପି ବର୍ଷା ଯୋଗୁ ପନିପରିବା ଚାଷ ବିଶେଷକରି ଫୁଲକୋବି, ବନ୍ଧାକୋବି, ବିଲାତି ବାଇଗଣ, ବାଇଗଣ, ଭେଣ୍ଡି ଇତ୍ୟାଦି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏପରିକି ପ୍ରବଳ ଶୀତ ସାଙ୍ଗକୁ ସନ୍ଧ୍ୟା ସମୟରେ ବର୍ଷା ଯୋଗୁ କୁଆଁରମୁଣ୍ଡା ବଜାର କାଁଭାଁ ଲୋକଙ୍କୁ ଦେଖିବାକୁ ମିଳିଛି।

## ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା, ବାଇକ୍ ଆରୋହୀ ମୃତ

କୁଆଁରମୁଣ୍ଡା, ୨୬।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅନ୍ତର୍ଗତ ରଙ୍ଗିଆଡିପା-କାଦୋବାହାଲ ରାସ୍ତାର ଏକ ବୁଲାଣି ନିକଟରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ଗତ ସୋମବାର ଅପରାହ୍ନରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ଝୁନମୁର ଗ୍ରାମର ମିଲକା ଡୁଙ୍ଗଡୁଙ୍ଗ(୫୨) ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ନିମନ୍ତେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ରାଏବୋଗା ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ଏକ ମାମଲା (ନଂ.୭୪/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏହାସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓଆର୧୪ପି ୭୫୧୮ ଓ ସ୍କୁଟି ଓଆର୧୪ ୱାଇ ୪୯୫୪କୁ ପୋଲିସ ଜବତ କରିଛି।

## ଭବାନୀ ଶଙ୍କର ହାଇସ୍କୁଲ ୧୯୮୮ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ସୁନ୍ଦରଗଡ, ୨୬।୧୨ (ଡି.ଏନ୍.ଏ)



୧୯୮୮ ମାଟ୍ରିକ ବ୍ୟାଚର ବନ୍ଧୁମିଳନ।

ସ୍ଥାନୀୟ ଭବାନୀଶଙ୍କର ହାଇସ୍କୁଲ ୧୯୮୮ ମାଟ୍ରିକ ବ୍ୟାଚର ଦୀର୍ଘ ୩୨ବର୍ଷ ପରେ ପ୍ରଥମ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ମିଳନ ସମାରୋହରେ ସଙ୍ଗଠିତ ଛାତ୍ରମାନଙ୍କୁ ଶିକ୍ଷାଦାନ ଦେଇଥିବା ପୌଢଶିକ୍ଷକ ଗୁଣସାଗର ଚୌଧୂରୀ, ବସନ୍ତ ନାଏକ, ବିଦ୍ୟାଧର ସରାଫ୍, ଦୁର୍ଲଭ ଦାସ ଓରାମ ଓ ସମୀର ନାଏକଙ୍କୁ ପୁରାତନ ଛାତ୍ରୀଛାତ୍ର ମାନଙ୍କ ପକ୍ଷରୁ ପ୍ରଥମେ ପଦପ୍ରକ୍ଷାଳନ ପୂର୍ବକ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପ୍ରାକ୍ତନ ଶିକ୍ଷକମାନେ ଉଚ୍ଛ୍ୱସିତ ହୋଇ ସେହି ସମୟର ଅନୁଭୂତି ତଥା ଆଦର୍ଶରେ ଅନୁପ୍ରାଣୀତ ହୋଇ ଥିବାରୁ ନିଜର ଅମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବନ୍ଧୁମିଳନରେ ଉପସ୍ଥିତ ଦେଶର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ପୁରାତନ ଛାତ୍ର ଉତ୍କଳ କେଶରୀ ବହିଦାର, ସଞ୍ଜୟ ଅଗ୍ରୱାଲ, ନେପାଳ ଚନ୍ଦ୍ର ସାହୁ, ସଞ୍ଜୀବ ସା, ସୁଶୀଲ ପତି, ବଟକିଶୋର ମିଶ୍ର, ବିକାଶ ନାଏକ, ଅଶୋକ ଆଚାରୀ, ମନୋଜ ଦାସ, ମୁନୁ ସେନାପତି, ନାନୁ ପରିଡା, ସନତ ସାହୁ, ନିରଞ୍ଜନ ସାହୁ, ଲକ୍ଷ୍ମୀ ଭୈଁଷାଁଲ, ମନୋଜ ଅଗ୍ରୱାଲ, ରମେଶ ଲାଡି, ଆଲୋକ ପଣ୍ଡା, ଜଗନ୍ନାଥ ପଣ୍ଡା, ପ୍ରସନ୍ନ ଦାସ, କର୍ଣ୍ଣ ମେହେର, ଅମିତାଭ ବହିଦାର, କପିଳାସ ଛଛାନ, ପୂର୍ଣ୍ଣ ପୃଷେଠ, ଭବାନୀ ପୃଷେଠ, କୈଳାଶ ପୃଷେଠ, ଅନୀଲ ସାହୁ, କାର୍ତ୍ତିକ ଓରାମ, ଅଶୋକ ମହାନ୍ତି ଓ ମାନସ ବେହେରା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ବର୍ଷରେ ପରିବାର ସହ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ୭ ପଦକ ସହ ସୁନ୍ଦରଗଡ଼ ଦଳଗତ ଚାମ୍ପିୟନ

ବଣାଇ, ୨୬।୧୨(ସ୍ୱ.ପ୍ର.)




ପଦକ ହାସଲ କରିଥିବା ପ୍ରତିଯୋଗୀଙ୍କ ସହ ପ୍ରଶିକ୍ଷକ।

**ରାଜ୍ୟସ୍ତରୀୟ ମୁଏଥାଇ ପ୍ରତିଯୋଗିତା**

ଓଡ଼ିଶା ଅଲମ୍ପିକ ସ୍ୱୀକୃତିପ୍ରାପ୍ତ ଓଡ଼ିଶା ମୁଏଥାଇ ୟୁନିୟନ ଏବଂ ଆର୍ଟସ ଟେମ୍ପୁଲର ୯ମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଗତ ୨୩ ଓ ୨୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲାର ଗୁରୁ ଭିକାରୀ ନାୟକ କଳାମଣ୍ଡପଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ୨୧ ଜିଲାରୁ ୧୭୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆର୍ଟସ ଟେମ୍ପୁଲ ସୁନ୍ଦରଗଡ଼ ଜିଲାର ବଣାଇଁ ଉପଖଣ୍ଡ କେନାଭେଟା ଗ୍ରାମରୁ ପ୍ରଶିକ୍ଷକ ସଞ୍ଜୟ କୁମାର କିଷାନଙ୍କ ତତ୍ତ୍ୱାବଧାନରେ ୨୮ଜଣ ପ୍ରତିଯୋଗୀ ସୁନ୍ଦରଗଡ଼ ଜିଲା ତରଫରୁ ପ୍ରତିନିଧିତ୍ୱ କରିଥିଲେ। ୧୧ସ୍ୱର୍ଣ୍ଣ ପଦକ, ୧୦ ରୌପ୍ୟ ପଦକ ଓ ୬ ବ୍ରୋଞ୍ଜ ପଦକ ସହ ଶୀର୍ଷ ସ୍ଥାନ ଅଧିକାର କରି ପ୍ରତିଯୋଗିତାରେ ଦଳଗତ ଚାମ୍ପିୟନ ହେବାର ଗୌରବ ଲାଭ କରିଛନ୍ତି। ଏହି ପ୍ରତିଯୋଗିତାରେ ଚନ୍ଦ୍ରଶେଖର ରାଉତ, ହେମନ୍ତ ନାଏକ, ଅରୁଣ କମାର ବେହେରା, ମାନଭଞ୍ଜନ ବେଟି, ଆକାଶ ଜେନା, ରବୀନ୍ଦ୍ର ଧରୁଆ, ଜିତେନ୍ଦ୍ର କୁମାର ବେହେରା, ଅସ୍ମିତା କିଷାନ, ସସ୍ମିତା ନାଏକ, ବର୍ଷା ପ୍ରିୟଦର୍ଶିନୀ କିଷାନ, ସୁଶ୍ରୀ ସମୀକ୍ଷା ସାହୁ, ନିଜ ବୟସ ଓ ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ଅଭିନବ ବେହେରା, ରଞ୍ଜନ କିଷାନ, ତ୍ରିଲୋଚନ ବେହେରା, ତନ୍ମୟ ପ୍ରଧାନ, ଝସକେତନ ଭୋଇ, ଅଶୋକ କିସାନ, ଅନିଲ କୁମାର ସାହୁ, ଜଗତପତି ସାହୁ, ଲକିରାମ ମୁଣ୍ଡା, ପରମେଶ୍ୱର କିଷାନ ରୌପ୍ୟ ପଦକ ହାସଲ କରିଥିବା ବେଳେ ମନୋଜ ରଣା, ଲିଙ୍ଗରାଜ ନାଏକ, ରୋମିଓ ରଞ୍ଜନ ରାଉତ, ସିଦ୍ଧାନ୍ତ ଚାର୍ଦ୍ଦିଆ, ହୃଷୀକେଶ କିସାନ, ପ୍ରତୀକ କୁମାର ରାଉତ ବ୍ରୋଞ୍ଜ ପଦକ ହାସଲ କରି ସୁନ୍ଦରଗଡ଼ ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀ ଜାତୀୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବାରୁ ବଣାଇ ଅଞ୍ଚଳର ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଖୁସିର ଲହରୀ ଖେଳି ଯିବା ସହିତ ପ୍ରତିଯୋଗୀଙ୍କୁ ସ୍ୱାଗତ ଜଣାଇଛନ୍ତି।

## ବଣାଇ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ

ବଣାଇ, ୨୬।୧୨(ସ୍ୱ.ପ୍ର.)

ସ୍ଥାନୀୟ ରାଜା ଧରଣୀଧର ବହୁମୁଖୀ ଖେଳ ପଡିଆଠାରେ ବଣାଇ ନିର୍ବାଚନ ମଣ୍ଡଳୀ ବିଜେଡ଼ି ପକ୍ଷରୁ ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟର ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସମାରୋହ ଆୟୋଜିତ ହୋଇଥିଲା। ବିଜେଡି ବିଧାନସଭା ପ୍ରାର୍ଥୀ ରଞ୍ଜିତ କିଷାନ ଏବଂ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା କିପରି ତଳସ୍ତରରେ ପହଁଞ୍ଚି ପାରିବ ସେ ଉପରେ ଆଲୋକପାତ କରିଥିଲେ। ଦଳୀୟ ପର୍ଯ୍ୟବେକ୍ଷକ ଜୟନ୍ତ କୁମାର ମିଶ୍ର, ଶ୍ରୀଚରଣ ମାହାନ୍ତି ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ଏଥିରେ ବିଜେଡିର ବଣାଇଁ ବ୍ଲକ ସଭାପତି ରଘୁନାଥ ସାହୁ, ଲହୁଣୀପଡା ବ୍ଲକ ସଭାପତି କୁମାର ଗୌତମ ବାରିକ, ବଣାଇ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଷାନ, ସରସ୍ୱତୀ କିଷାନ, ଦୌପଦୀ କିଷାନ, ଆଇନଜୀବୀ କର୍ମବୀର ଦାଶ, ଖଗେଶ୍ୱର ବାରିକ, ଶୁକଦେବ ପଲେଇ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହା ପୂର୍ବରୁ ବିଜୁ ଛକ ଠାରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଭାକାର୍ଯ୍ୟ ଶୁଭାରମ୍ଭ କରିଥିଲେ। ସେହିପରି ଖଗେଶ୍ୱର ବାରିକଙ୍କ ନେତୃତ୍ୱରେ ୨୦ରୁ ଉର୍ଦ୍ଧ୍ୱ ସାଂସ୍କୃତିକ ଦଳ ଯୋଗଦେଇ ନୃତ୍ୟଗୀତ ପରିବେଷଣ କରିଥିଲେ। ସେହିପରି ୨୩ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୨୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନାରେ ରୋହିତାଶ୍ୱ ମିଶ୍ର, ସିପୁନ ମିଶ୍ର, ସରୋଜ ମିଶ୍ର, ବାସୁଦେବ ଛଡିଆ, ଦେବବ୍ରତ ମର୍ହିରା, ଲକ୍ଷ୍ମୀକାନ୍ତ ମାହାନ୍ତ ପ୍ରମୁଖ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ସେହିପରି ବିଜେଡ଼ି ଆଦର୍ଶରେ ଅନୁପ୍ରାଣିତ ହୋଇ ସିପିଆଇଏମ ଏବଂ ଭାଜପାର ୩୧ଜଣ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଏହି ଅବସରରେ ବଣାଇ ଉପଖଣ୍ଡର ୨୬ଜଣ ବିଶିଷ୍ଟ କଳାକାରଙ୍କୁ ପ୍ରତିଷ୍ଠା ଦିବସ ଅବସରରେ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



ପ୍ରତିଷ୍ଠା ଦିବସରେ ବିଜେଡି ନେତା, କର୍ମୀମାନେ ଉପସ୍ଥିତ ଅଛନ୍ତି।

# ରାଜ୍ୟ ସରକାରଙ୍କ ଯୋଜନାର ବିକଳ୍ପ ନାହିଁ

## ସୁନ୍ଦରଗଡ଼ରେ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପାଳିତ

ସୁନ୍ଦରଗଡ଼, ୨୬।୧୨ (ଡି.ଏନ୍.ଏ.)



ବିଜେଡି ନେତା, କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିଷ୍ଠିତ ବିଜୁ ଜନତା ଦଳ (ବିଜେଡି)ହେଉଛି ଓଡିଶାବାସୀଙ୍କ ଦଳ। ରାଜ୍ୟବାସୀ ଏହି ଦଳ ଉପରେ ଆସ୍ଥା ରଖି ପଞ୍ଚମ ଥର ଲାଗି ଶାସନ କ୍ଷମତା ଦେଇଛନ୍ତି। ରାଜ୍ୟବାସୀଙ୍କ ଆଶା ଓ ଭରସାକୁ ବଜାୟ ରଖି ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ବିକଳ୍ପ ନାହିଁ ବୋଲି ଗୁରୁବାର ସ୍ଥାନୀୟ ମାଡ୍ରି କାଲୋ ଭବନ ଠାରେ ବିଜୁ ଜନତା ଦଳର ୨୩ତମ ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ଯୋଗଦେଇ ଦଳର ନେତୃବୃନ୍ଦ ଏହା ପ୍ରକାଶ କରିଛନ୍ତି। ଓଡ଼ିଶାର ବିକାଶକୁ ପ୍ରାଧାନ୍ୟ ଦେଇଆସୁଥିବା ନବୀନ ସରକାରଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆଗାମୀ ଦିନରେ ମଧ୍ୟ ସମସ୍ତେ ସଙ୍ଗଠିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହେବାକୁ ଏହି ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳ ନେତା ଯୋଗେଶ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ବହୁସଂଖ୍ୟାରେ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ରାଣୀ ବଗିଚା ବାଇପାସ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଜେଡି ନେତା ଓ କର୍ମୀମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆସି ମାଡ୍ରୀ କାଲୋ ଭବନଠାରେ ପହଞ୍ଚିଥିଲେ। ପରେ ମାଡ୍ରୀ କାଲୋଭବନରେ ଆୟୋଜିତ ସମାରୋହରେ ପ୍ରାରମ୍ଭରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସୁନ୍ଦରଗଡ ରାଜମାତା, ପଶ୍ଚିମଓଡ଼ିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ତଥା ଜିଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ପଦ୍ମିନୀ ଶେଖର ଦେଓ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ, ସୁନୀତା ବିଶ୍ୱାଳ, ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ହରଜେନ୍ଦ୍ର ସିଂ, ସୁକାନ୍ତ ପତି, ଜୟନାରାୟଣ ତ୍ରିପାଠୀ, ଜିତେନ୍ଦ୍ରୀୟ କର, ଗୋପ ମହାନ୍ତି, ରାଜ୍ୟ ବିଜୁଜନତା ଦଳ ସାଧାରଣ ସମ୍ପାଦକ ସୁମନ୍ତ କୁମାର ପଣ୍ଡା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଆଇନଜୀବୀ ଅଶୋକ କୁମାର ସ୍ୱାଇଁ, ଧର୍ମେଶ ପଟେଲ, କିଶୋର ନାଏକ, ସ୍ୱରାଜ ପଟେଲ, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ଷ୍ଟିଫେନ୍ ସୋରେଙ୍ଗ, ପୂର୍ବତନ କାଉନସିଲର ବୀଣା ସାହୁ, ସୁମନ୍ତ ସାହୁ, ପଞ୍ଚା ବାର୍ଲା, ଅନୀଲ ମହାପାତ୍ର, ଟାଙ୍ଗରପାଲି ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ପଟେଲ, ହେମଗିର ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉଡିଆ, ମୈଥିଲୀ ବେହେରା, ବୀରେନ୍ଦ୍ର ପଟେଲ, ସୁନୀଲ ପାଟଯୋଶୀ, ଅସୀତ ରାୟ ପ୍ରମୁଖ ଉଦ୍‌ବୋଧନ ଦେଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରି ଦଳୀୟ ସଙ୍ଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା ଓ ପ୍ରିୟଙ୍କା ଜେନା ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଦାମୋଦର ମାଝୀ, ପୂର୍ବତନ ଶିକ୍ଷକ ଅଶୋକ ସାଏ, କୁଲଡା ସରପଞ୍ଚ ପଦ୍ମଲୋଚନ ସାହୁ ବିଜୁ ଜନତା ଦଳରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହେମଗିର, ଟାଙ୍ଗରପାଲି, ସୁନ୍ଦରଗଡ ସଦର ଓ ଲେଫ୍ରିପଡା ବ୍ଲକରୁ ବହୁସଂଖ୍ୟାରେ ଯୁବ, ଛାତ୍ର, ମହିଳା ଯୋଗଦେଇଥିଲେ।